READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୭ ସଂଖ୍ୟା-୩୧ ୧୪ - ୨୦ ଅଗଷ୍ଟ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-31 14th - 20th AUGUST, 2023 BHUBANESWAR ₹ 5/- (8 Pages)

### ଉଚ୍ଚଶିକ୍ଷା ବିଭାଗ ଅଡିଟ୍

## 'ରୁସା' ପାଣ୍ଠିରେ ବ୍ୟାପକ ଅନିୟମିତତା

**ଭୁବନେଶ୍ୱର :** ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାରଙ୍କ 'ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ'(ରୁସା) ପାଣ୍ଠିର ବ୍ୟାପକ ଅନିୟମିତତା ହୋଇଛି। ଉଚ୍ଚଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟ୍ ଟିମ୍ ୨୦୧୯ ଏପ୍ରିଲରୁ ୨୦୨୨ ମାର୍ଚ୍ଚ ମାସ ମଧ୍ୟରେ ରୁସା ପାଣ୍ଠିର ଅଡିଟବେଳେ ଏହି ପାଣ୍ଠି ଖର୍ଚ୍ଚରେ ବ୍ୟାପକ ଅନିୟମିତତା ହୋଇଥିବା ଜାଣିବାକୁ ପାଇଛି। ଏପରିକି କ୍ୟାସବୁକ୍ , ଷ୍ଟକ ରେଜିଷ୍ଟର, ଭାଉଚର ଆଦିର ଉପଯୁକ୍ତ ତଥ୍ୟ ରଖାଯାଉନଥିବା, ଏହି ଯୋଜନା ପାଇଁ ନିୟୋଜିତ କନ୍ସଲଟାଣ୍ଟମାନଙ୍କ ପ୍ରଦର୍ଶନର ସମୀକ୍ଷା ନକରି ସେମାନଙ୍କୁ ପାରିଶ୍ରମିକ ଦିଆଯାଉଥିବା ନେଇ ଅଡିଟ୍ ଟିମ୍ ଆପତ୍ତି ଉଠାଇବା ସହ ଆର୍ଥିକ ପରିଚାଳନାରେ ଅଧିକ ପାରଦର୍ଶିତା ସପକ୍ଷରେ ମତ ଦେଇ ପ୍ରଚଳିତ ନିୟମ ଓ ଗାଇଡଲାଇନ୍ ଆଧାରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ରୁସା ପାଣ୍ଠିର ଅଡିଟବେଳେ ଜଣାପଡ଼ିଛି ଯେ, ରୁସା ଯୋଜନା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆରେ ଦୁଇଟି ସେଭିଙ୍ଗସ୍ ଆକାଉଣ୍ଟ ରହିଛି। ଯେଉଁଥିରେ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ୧୮୫.୫୩କୋଟି ଟଙ୍କା ଜମା ରହିଥିଲା। ଏଥିରୁ ୯୮.୧୩କୋଟି ଟଙ୍କା ରୁସା ଅନୁଦାନ(ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ) ମିଳିଥିବାବେଳେ ➤ ପୃ-୬

# ବିଜେଡି ସହ ମେଣ୍ଟ ନୁହେଁ, ଏକା ଲଢ଼ିବ ବିଜେପି



**ଭୁବନେଶ୍ୱର :** କେନ୍ଦ୍ରରେ କ୍ଷମତାସୀନ ବିଜେପି ସହ ରାଜ୍ୟରେ କ୍ଷମତାସୀନ ବିଜେଡିର ସମ୍ପର୍କ ଅଧିକ ନିବିଡ଼ ହେଉଥିବାବେଳେ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ସହ କୌଣସି ପ୍ରକାରର ମେଣ୍ଟକୁ ବିଜେପି ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି। ବିଜେଡି ସହ କୌଣସି ମେଂଟ ହେବ ନାହିଁ ଓ ଓଡ଼ିଶାରେ ବିଜେପି ସବୁ ଆସନରେ ଏକାକୀ ଲଢ଼ିବ ବୋଲି ସ୍ପଷ୍ଟ କରିଛି। ଏହାସହିତ ଆଗୁଆ ନିର୍ବାଚନ ଘୋଷଣା ହେଲେ ବି ଦଳ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଛି। ଗତ ସପ୍ତାହରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ଚାଣକ୍ୟ ଅମିତ୍ ଶାହଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ଭେଟଘାଟ ପରେ ବିଜେଡି ଓ ବିଜେପି ମଧ୍ୟରେ ଆଗାମୀ ନିର୍ବାଚନରେ ମେଣ୍ଟ ହୋଇପାରେ ବୋଲି ଚର୍ଚ୍ଚା ଲାଗି ରହିଛି। ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ଓଡ଼ିଶାରେ କୌଣସି ମେଣ୍ଟ କରିବ ନାହିଁ ଓ ଏକାକୀ ଲଢ଼ି ରାଜ୍ୟରେ ସରକାର ଗଢ଼ିବ ବୋଲି ସ୍ପଷ୍ଟ କରିଛନ୍ତି। ସେ ବିଜେପି ଓ ବିଜେଡି ମଧ୍ୟରେ ମେଣ୍ଟ ସମ୍ଭାବନାକୁ ଖାରଜ କରି କହିଛନ୍ତି ଯେ, ଆମେ ନିଜ ଦମରେ ରାଜ୍ୟରେ ସରକାର ଗଢ଼ିବାରେ ସକ୍ଷମ ହେବୁ। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଓଡ଼ିଶାରେ କୌଣସି ମେଣ୍ଟ ହେବନି। ବିଜେପି ଏକାକୀ ୧୪୭ଟି ବିଧାନସଭା ଓ ୨୧ଟି ଲୋକସଭା ଆସନରେ ଲଢ଼ିବ। ଆଗୁଆ ନିର୍ବାଚନ ଘୋଷଣା ହେଲେ ଦଳ ସେଥିପାଇଁ ପ୍ରସ୍ତୁତ ଅଛି। ବିଜେପି ଏକ ଅନ୍ତରୀଣ ସର୍ଭେ କରିଥିଲା। ଏହି ଅନ୍ତରୀଣ ସର୍ଭେରେ ଜୁଲାଇ ମାସରେ ବିଜେପି ରାଜ୍ୟରେ ଆଗରେ ଥିଲା। ଅଗଷ୍ଟରେ ବି ଆଗରେ ରହିବୁ। ରାଜ୍ୟବାସୀଙ୍କ ମତ ଆମ ସପକ୍ଷରେ ଅଛି। ଦଳ ମଧ୍ୟ ନିଜର ନିର୍ବାଚନୀ ରଣନୀତି କରିଛି। ➤ ପୃ-୬

## ୫ ବର୍ଷ ଧରି ବଢ଼ିନି ଭତ୍ତା; ମିଳୁନି ଗ୍ରୀନ୍ ସିଗନାଲ୍



**ଭୁବନେଶ୍ୱର :** ରାଜ୍ୟର ସୁଦୃଢ଼ ଆର୍ଥିକ ସ୍ଥିତି ଓ ଗୋଲାପୀ ଅର୍ଥନୀତିର ଚିତ୍ର ଦେଖାଇ ବାହାସ୍ଫୋଟ ମାରୁଥିବା କ୍ଷମତାସୀନ ବିଜେଡି ସରକାର ଶେଷରେ ଗରିବ-ଅସହାୟ ବୁଢ଼ାବୁଢ଼ୀ, ଭିନ୍ନକ୍ଷମ ଓ ବିଧବାଙ୍କ ସହ ପ୍ରତାରଣା କରିବାକୁ ପଛାଇଲେ ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ରଙ୍ଗାରଙ୍ଗ ହକି ବିଶ୍ୱକପ୍ ମ୍ୟାଚ ଆୟୋଜନଠୁ ଆରମ୍ଭ କରି ନିର୍ବାଚନୀ ଫାଇଦା ପାଇଁ ପ୍ରତି ଜିଲ୍ଲାରେ ଭବ୍ୟ ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ଆଖିବୁଜା ଅର୍ଥ ଖର୍ଚ୍ଚ କରୁଥିବା ରାଜ୍ୟ ସରକାର ଗତ ସାଢ଼େ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ ବି ଏହି ଅସହାୟ ଗରିବ ଲୋକଙ୍କ ମାସିକ ଭତ୍ତା (ସାମାଜିକ ସୁରକ୍ଷା ଭତ୍ତା) ବୃଦ୍ଧି ଦିଗରେ ଆନ୍ତରିକତା ଦେଖାଇନାହାନ୍ତି। ଏପରିକି ଭତ୍ତା ବୃଦ୍ଧି କରିବା ସଂକ୍ରାନ୍ତ ଫାଇଲ୍ ଗତ ୨୦୨୨-୨୩ ଆର୍ଥିକ ବର୍ଷରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ(ସିଏମଓ)ର ଅନୁମୋଦନ ଅପେକ୍ଷାରେ ରହିଛି। ଆଉ ଏପଟେ ନିର୍ବାଚନକୁ ଆଖିରେ ରଖି 'ମଧୁବାବୁ ପେନସନ୍ ଯୋଜନା'ରେ ଆଉ ୪.୧୩ଲକ୍ଷ ଆବେଦନକାରୀଙ୍କୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ (ସିଏମଓ)ର ଜିଲ୍ଲା ଓ 'ମୋ ସରକାର'ରେ ମିଳୁଥିବା ମତାମତ ଆଧାରରେ ଏହି ହିତାଧିକାରୀ ସଂଖ୍ୟା ବୃଦ୍ଧି କରାଗଲା ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ କହିଛି। ତେବେ ପ୍ରାୟ ୫ବର୍ଷ ହେଲା ➤ ପୃ-୬

### 'ନୂଆ ଓଡ଼ିଶା' ଯୋଜନାକୁ ଅନୁମୋଦନ

## ଖର୍ଚ୍ଚ ହେବ ୧୦୦କୋଟି



**ଭୁବନେଶ୍ୱର:** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ଯୁବ ଭୋଟରଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ପ୍ରତି ବଢୁଥିବା ଅସନ୍ତୋଷକୁ ଦୂର କରିବା ପାଇଁ 'ନୂଆ ଓଡ଼ିଶା' ବା 'ନୂତନ ଉନ୍ନତ ଅଭିଳାଷା ଓଡ଼ିଶା' ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର ବଜେଟରେ ଏହି ଯୋଜନା ପାଇଁ ୧୦୦କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ବଜେଟ୍ ଗୃହୀତ ହେବାର ପ୍ରାୟ ୪ମାସ ପରେ ସରକାରଙ୍କ ନିଦ ଭାଙ୍ଗିଛି ଓ ଏହି ୩ ବର୍ଷିଆ ଯୋଜନାରେ ମୋଟ ୩୮୫କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ବ୍ୟୟ ଅଟକଳ କରି ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଉଚ୍ଚ ପ୍ରଶିକ୍ଷିତ ଓ ଦକ୍ଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ସିଏମଇଜିପି) ମାଧ୍ୟମରେ 'ସ୍କିଲଡ୍ ଓଡ଼ିଶା' ବ୍ରାଣ୍ଡରେ ଆଗାମୀ ୫ବର୍ଷ ମଧ୍ୟରେ ମୋଟ ୧୫ଲକ୍ଷ( ବାର୍ଷିକ ୩ଲକ୍ଷ) ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ୨୦୧୯ ମସିହାରେ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ରାଜ୍ୟ ସରକାର ଗତ ୨୦୨୦-୨୧ରୁ ୨୦୨୨-୨୩ ଅର୍ଥାତ୍ ୩ବର୍ଷ ମଧ୍ୟରେ ମାତ୍ର ୨ ଲକ୍ଷ ୭୮ହଜାର ୮୦୦ଜଣ ଯୁବକଯୁବତୀଙ୍କୁ ଏହି ଯୋଜନାରେ ପ୍ରଶିକ୍ଷଣ ଦେଇଥିବା ଜଣାପଡ଼ିଛି। ଏପରିକି ବିଶ୍ୱ ଦକ୍ଷତା କେନ୍ଦ୍ର ମାଧ୍ୟମରେ ୨ ଲକ୍ଷ ଯୁବକଯୁବତୀଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଶାସକ ବିଜେଡି ଏପର୍ଯ୍ୟନ୍ତ ୧୦ହଜାରରୁ ବି କମ୍ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ନୂଆ ଓଡ଼ିଶା' ଯୋଜନାକୁ ଅନୁମୋଦନ ମିଳିଛି। ଏହି ଯୋଜନାରେ ଆସନ୍ତା ୩ବର୍ଷ ମଧ୍ୟରେ ରାଜ୍ୟରେ ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଉନ୍ନତମାନର ପ୍ରଶିକ୍ଷଣ, ଶିଳ୍ପ ସଂଯୋଗକୁ ପ୍ରୋତ୍ସାହିତ କରିବା ଓ ନିଯୁକ୍ତି ଦକ୍ଷତା ବୃଦ୍ଧି କରି ଦକ୍ଷ ମାନବ ସମ୍ବଳର ଅଭାବକୁ ଦୂର କରିବା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ। ଏଥିରେ ଯୁବବର୍ଗଙ୍କ ପାଇଁ ନୂଆ ଦକ୍ଷତା, ଆଡ୍ ଅନ୍ ସ୍କିଲ୍ ପାଠ୍ୟକ୍ରମ, ଡିଜିଟାଲ ଓ ଇ-ପାଠ୍ୟକ୍ରମ, କ୍ଲାଉଡ୍ କମ୍ପ୍ୟୁଟିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ, ଥ୍ରୀଡି ପେଣ୍ଟି ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଆଜି ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ଗତ ଫେବୃୟାରୀ ମାସରେ ରାଜ୍ୟ ସରକାର ୨୦୨୩-୨୪ ➤ ପୃ-୬

### ଅପରାଧିକ ଆଇନରେ ହେବ ବଡ଼ ପରିବର୍ତ୍ତନ

## ହଟିବ ଦେଶଦ୍ରୋହ ଶବ୍ଦ, ଭିଡ଼ ହିଂସା ପାଇଁ ମିଳିବ ମୃତ୍ୟୁଦଣ୍ଡ



**ନୂଆଦିଲ୍ଲୀ :** ବ୍ରିଟିଶ ଶାସନ ବେଳକୁ ପ୍ରଚଳିତ ଭାରତୀୟ ଅପରାଧିକ ଆଇନକୁ ବଦଳାଇବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଭାରତ ସରକାର ସଂସଦରେ ବ୍ରିଟିଶ ଅମଳର ଆଇନକୁ ବଦଳାଇବା ପାଇଁ ୩ଟି ବିଲ୍ ଆଗତ କରିଛନ୍ତି। ସରକାରଙ୍କ ଯୋଜନା ଅନୁସାରେ, ୧୮୬୦ ମସିହାକୁ ପ୍ରଚଳିତ ଆଇପିସି ବଦଳରେ ଏବେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ। ସେହିପରି ସିଆରପିସି ବଦଳରେ ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ପ୍ରମାଣ ଆଇନ (ଆଇଇଏ) ବଦଳରେ ଭାରତୀୟ ସାକ୍ଷ୍ୟ ଲାଗୁ କରାଯିବ। ଗୃହମନ୍ତ୍ରୀ ଏହାକୁ ଆଜି ଲୋକସଭାରେ ଉପସ୍ଥାପନ କରିଥିବା ବେଳେ ଏଗୁଡ଼ିକର ସମୀକ୍ଷା ପାଇଁ ସଂସଦର ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଇ ଦିଆଯାଇଛି। ବିଚ୍ଛିନ୍ନତାବାଦୀ କାର୍ଯ୍ୟ କଳାପ, ଅସ୍ତ୍ର ସହ ବିଦ୍ରୋହ, ବିପଦଜ୍ଜନକ ଗତିବିଧି ଓ ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା ବିରୋଧୀ କାର୍ଯ୍ୟକଳାପ ପାଇଁ ପ୍ରସ୍ତାବିତ ଆଇନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଆଇପିସିରେ ଥିବା ଦେଶଦ୍ରୋହ ଆଇନକୁ ବଦଳାଇ ଦିଆଯାଇଛି। ପ୍ରସ୍ତାବିତ ଆଇନରେ ଦେଶଦ୍ରୋହର ଶବ୍ଦ ନାହିଁ। ଏହି ଶ୍ରେଣୀରେ ଆସୁଥିବା ଅପରାଧକୁ ଧାରା ୧୫୦ ଅଧୀନରେ ବିଚାର କରାଯିବ। ଯଦି କେହି ଜାଣିଶୁଣି ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ନିଜର ଶବ୍ଦ, ଆଚରଣ, ବୈଦ୍ୟୁତ ଯୋଗାଯୋଗ ଦ୍ୱାରା କ୍ଷତି ପହଞ୍ଚାଇବ କିମ୍ବା ଏଥିପାଇଁ ପାଣ୍ଠି ଯୋଗାଣ କରିବ, ତା'ହେଲେ ସେମାନଙ୍କୁ ଆଜୀବନ ଜେଲଦଣ୍ଡ କିମ୍ବା ଜେଲ ଦଣ୍ଡ ଯାହା ➤ ପୃ-୬

### ଠିକାଦାରଙ୍କ ମନମାନି ପଛରେ ହାତ କାହାର !

## ଭଙ୍ଗା ପଡିଛି ପୋଲ; ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ

**ଜଗତସିଂହପୁର, (ରମେଶ ମହାନ୍ତି) :** ତିର୍ତ୍ତୋଲ ଆରଡି ବିଭାଗ ଅଧିନରେ ଚାଲୁଥିବା କେତେକ କାର୍ଯ୍ୟରେ ଏବେ ପ୍ରଭାବଶାଳୀ ମାଫିଆ ଠିକାଦାରଙ୍କ ମନମାନୀ ଚାଲିଥିବା ଭଳି ଘଟଣା ଏବେ ତିର୍ତ୍ତୋଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜନସାଧାରଣଙ୍କ ଯାତାୟତରେ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ଗାଁ ଗାଉଁଲି ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକା ଯୋଗୁଁ ଠିକାଦାର ଯେନତେନ ପ୍ରକାରେ ନିମ୍ନମାନର କାର୍ଯ୍ୟକରି ସିଂହଭାଗ ଅର୍ଥ ଚଳୁ କରିଦେବାକୁ ମଧ୍ୟ ପଛାଉ ନାହିଁ। ଏମିତିକି କେତେକ ମାଫିଆ ଠିକାଦାର

### ଆରଡି ବିଭାଗ କେଳେଙ୍କାରୀ

କିଛି ଉଚ୍ଚପଦସ୍ଥ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ମୋଟା ଅଙ୍କର ଗୁଞ୍ଜାଦେଇ କରାୟତ କରିଥିବାରୁ ବ୍ଲକ୍ ଅଞ୍ଚଳରେ ଥିବା ଜୁନିୟର ଯନ୍ତ୍ରୀ ଓ ଏସ୍.ଡି.ଓ ମାନେ ଠିକାଦାରର ନିମ୍ନମାନର କାର୍ଯ୍ୟକୁ ଦେଖିଲେ ସୁଦ୍ଧା ତୁଣ୍ଡ ଖୋଲିବାକୁ ସାହାସ କରିପାରୁ ନାହାଁନ୍ତି





ବୋଲି କୁହାଯାଉଥିବା ବେଳେ ବ୍ଲକ୍ ଅଞ୍ଚଳରେ ଚାଲିଥିବା କୋଟି କୋଟି ଟଙ୍କାର କାର୍ଯ୍ୟରେ ଠିକାଦାର ମନମାନୀ ଚଳାଇଥିବା ଭଳି ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରି କିଛି ଘଟଣା ଏବେ ତିର୍ତ୍ତୋଲ ବ୍ଲକ୍ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ସ୍ଥିତ ଗୋବିନ୍ଦପୁର ଗାଁର ଶେଷ ମୁଣ୍ଡରୁ ୧୨ନମ୍ବର ଶାଖାକେନାଲ ବନ୍ଧର ପୂର୍ବପଟ କେନାଲ ବନ୍ଧକୁ ପିଚୁ କରିବା ନିମନ୍ତେ ➤ ପୃ-୬

### ବକ୍ରବାଣୀ



ଭକ୍ତଙ୍କୁ ବାଧୁନି ତେଲର ଭାଉ
ମାତାଲିଗୁଡ଼ାଙ୍କୁ ବିଜୁଳି ଦର
ବାଉଁଆ କି ବୁଝେ ସଂସାର କଥା
ବସେଇ ନାଇଁ ଯେ ଘର ସଂସାର
ବାପା କାନ୍ଦୁଥିବେ ଉପରେ ବସି
କୁଳାଙ୍ଗାର ଅଲକ୍ଷଣାଟା ପାଇଁ
ଦେଖିଥିଲେ ସିଏ କେତେ ସପନ
ସୁନା କରିଦେବେ ଓଡ଼ିଶା ଭୂଇଁ
ଦାଢ଼ିଆ ଢୋଲରେ ଇରାନୀ ନାନୀ
ଉଡ଼ନ୍ତା ଚୁମାରେ ଉଡ଼ାଏ କାନି।

——ଟୁଟୁ

### ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ପୁନଃ ନିର୍ବାଚିତ ହେଲେ ଆତ୍ମା ପ୍ରକାଶ ମହାନ୍ତି

## ଭୁବନେଶ୍ୱରରୁ ସର୍ବାଧିକ ପ୍ରଥମ ପସନ୍ଦ ଭୋଟ





**ଭୁବନେଶ୍ୱର :** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ବରିଷ୍ଠ ଆଇନଜୀବୀ ଆତ୍ମା ପ୍ରକାଶ ମହାନ୍ତି। ଗତ ଅଗଷ୍ଟ ୮ ତାରିଖ ଦିନ ଭୋଟ ଗଣତି ପରେ ଶ୍ରୀ ମହାନ୍ତି ଭଲ ଭୋଟରେ ବିଜୟ ଲାଭ କରିଥିବା ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଶ୍ରୀ ମହାନ୍ତି ଭୁବନେଶ୍ୱର ବାରରୁ ସର୍ବାଧିକ ୩୯୬ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ପାଇଛନ୍ତି। ଏଥିସହିତ ସମଗ୍ର ରାଜ୍ୟର ପ୍ରାୟ ସବୁ ଜିଲ୍ଲା, ସବୁ କୋର୍ଟରୁ ସେ ପ୍ରଥମ ପସନ୍ଦ ଭୋଟ ପାଇ ଏହି ବିଜୟ ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀ ମହାନ୍ତି ଏହି ପଦବୀରେ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଛନ୍ତି। ଗତଥର ସେ ରେକର୍ଡ ସଂଖ୍ୟକ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ଶ୍ରୀ ମହାନ୍ତିଙ୍କ ବିଜୟ ଘୋଷଣା ପରେ ବିଭିନ୍ନ ବରିଷ୍ଠ ଆଇନଜୀବୀମାନେ ଭୁବନେଶ୍ୱର କୋର୍ଟ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶେଷକରି ଲୟର୍ସ ଗ୍ରୁପ୍ ପକ୍ଷରୁ ଆଇନଜୀବୀ ଲିଙ୍ଗରାଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର, ଅକ୍ଷୟ କୁମାର ଦାଶ, ନବକିଶୋର ମଲ୍ଲିକ୍, ମନୋଜ କୁମାର ବଳିୟାରସିଂ, ପ୍ରମୋଦ କୁମାର ସାହୁ, ହରିହର ସାହୁ ପ୍ରମୁଖ ଶତାଧିକ ଆଇନଜୀବୀ ଉପସ୍ଥିତ ରହି ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପରେ ହେଜିଲା ଅବକାରୀ ବିଭାଗ

## ବାରରେ ହେବ ଚଢ଼ଉ



**ଭୁବନେଶ୍ୱର :** ଯୁକ୍ତ ଦୁଇ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ମୃତ୍ୟୁ ପରେ ଅବକାରୀ ବିଭାଗର ଚେତା ପଶିଲା। ରାଜଧାନୀ ଭୁବନେଶ୍ୱରରେ ଥିବା ସବୁ ଡ୍ୟାନ୍ସ ବାର୍‌ରେ ଚଢ଼ଉ ହେବ। କୌଣସି ବାର୍‌ରେ ନାବାଳିକା ନିୟୋଜିତ ଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଖୁବ୍‌ଶୀଘ୍ର ଡ୍ୟାନ୍ସ ବାର୍‌ରେ ହେବ ଅତର୍କିତ ଚଢ଼ଉ। ଏନେଇ ସୂଚନା ଦେଇଛନ୍ତି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ ପଟ୍ଟନାୟକ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି, ଡ୍ୟାନ୍ସ ବାର୍ରେ ଚଢ଼ଉ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ବର୍ତ୍ତମାନ ରାଜଧାନୀରେ ୧୮ଟି ବାରରେ ମହିଳା ଡ୍ୟାନ୍ସର ନିଯୁକ୍ତି ପାଇଛନ୍ତି। ୧୮ ବାରରେ ୨୧୬ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ବାରରେ ନିୟୋଜିତ ମହିଳାଙ୍କର ବୟସ ୨୧ ବର୍ଷରୁ ଅଧିକ ହେବ ଆବଶ୍ୟକ। ୨୧ ବର୍ଷରୁ କମ୍ ବୟସର ବାଳିକା ନିୟୋଜିତ ହୋଇଥିଲେ ବାର ମାଲିକ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ବାରରେ ନିୟୋଜିତ ସମସ୍ତ ମହିଳାଙ୍କ ପରିଚୟ ପତ୍ର ଅବକାରୀ ଅଫିସରେ ଦାଖଲ କରିବା ଆବଶ୍ୟକ। ନଚେତ ଡ୍ୟାନସ ବାର ବନ୍ଦ ହେବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ମୃତ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ କମଳା ନେହରୁ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପଢୁଥିଲେ। ତାଙ୍କୁ ୧୮ ବର୍ଷ ହୋଇଥିଲା। ହେଲେ ସେ ବାରରେ ଡ୍ୟାନ୍ସର ଭାବେ କାମ କରୁଥିବା ଚର୍ଚ୍ଚା ହେଉଛି। ଯଦି ଶୁଭଲକ୍ଷ୍ମୀଙ୍କ ବୟସ ୧୮ ବର୍ଷ, ତାହାହେଲେ ସେ କେମିତି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଆଖି ଓ ଗଳାରେ ସମସ୍ୟା ହୋଇପାରେ। ହଠାତ୍ ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ଉଭୟ ଅଧିକାରୀ ଓ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଦମ୍ପତିମାନେ ଉଭୟଙ୍କର ସହଯୋଗ ପାଇବେ। ଶୁଭ ତାରିଖ-୧୭,୧୮,୧୯, ଭାଗ୍ୟଫଳ-୭୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ପେଟରେ ସମସ୍ୟା ହୋଇପାରେ। ଆୟ ନୂଆ ସ୍ରୋତ ଖୋଲିବ। ପଦୋନ୍ନତି ହୋଇପାରେ। ସନ୍ତାନଙ୍କ ପାଇଁ କଷ୍ଟ ଅନୁଭବ କରିପାରନ୍ତି। ଶୁଭ ତାରିକ-୧୫,୧୬, ଭାଗ୍ୟଫଳ-୯୦%। ପ୍ରତିକାର : ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରିପାରନ୍ତି।

**ମିଥୁନ** ଦାନ୍ତରେ କଷ୍ଟ ଅନୁଭବ କରିବେ। ବ୍ୟବସାୟରେ ଲାଭ ଯୋଗ ଅଛି। ଶୁଭ ଖବର ପାଇପାରନ୍ତି। ଭ୍ରମଣ ଯୋଗ ଅଛି। ଜୀବନସାଥୀଙ୍କ ସହ ଉତ୍ତମ ସମୟ କାଟିବେ। ଶୁଭ ତାରିଖ-୧୬,୧୯, ଭାଗ୍ୟଫଳ-୭୦%। ପ୍ରତିକାର- ଦୁର୍ଗା ଚାଳିଶା ପାଠ କରନ୍ତୁ।

**କର୍କଟ** ଥଣ୍ଡା ଜ୍ୱରରେ ପୀଡିତ ହୋଇପାରନ୍ତି। ଧନଲାଭ ଯୋଗ ଅଛି। ମାପିଚୁପି କଥାବାର୍ତ୍ତା କରନ୍ତୁ। ବିଶେଷକରି ଉପରିସ୍ଥ ଅଧିକାରୀଙ୍କୁ କଥା ହେଲା ବେଳେ ଯତ୍ନବାନ ହୁଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ। ଶୁଭ ତାରିଖ-୧୮,୧୯,୨୦, ଭାଗ୍ୟଫଳ-୮୦%। ପ୍ରତିକାର : ଭଗବାନ ହନୁମାନଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ସିଂହ** ମୁଣ୍ଡରେ ଯନ୍ତ୍ରଣା ହୋଇପାରେ। ଆୟରେ ବୃଦ୍ଧି ଯୋଗ ଅଛି। ପଦୋନ୍ନତି ପାଇପାରନ୍ତି। ପ୍ରେମୀମାନେ ସାମାନ୍ୟ ସତର୍କ ରହନ୍ତୁ। ଶୁଭ ତାରିଖ-୧୬,୧୮,୧୯, ଭାଗ୍ୟଫଳ-୮୦%। ପ୍ରତିକାର: ଶ୍ରୀଗଣେଶ ରକ୍ଷା ସ୍ତୋତ୍ର ପାଠ କରନ୍ତୁ।

**କନ୍ୟା** ସଂକ୍ରମଣ ଜନିତ ରୋଗ ହୋଇପାରେ। ଆର୍ଥିକ ସ୍ଥିତି ମଜବୁତ ହେବ। ନୂଆ ଚାକିରି ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ। ଶୁଭ ତାରିକ-୧୭,୧୮,ଭାଗ୍ୟଫଳ-୭୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ତୁଳା** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଆୟରେ ସନ୍ତୋଷ ଲାଭ କରିବେ। ଭ୍ରମଣ ଯୋଗ ଅଛି। ପ୍ରେମୀଙ୍କ ପାଇଁ ସମୟ ଅନୁକୁଳ। ଦମ୍ପତିଙ୍କର ସାମାନ୍ୟ ମତାନ୍ତର ହୋଇପାରେ। ଶୁଭ ତାରିଖ-୧୬,୧୭,୧୯, ଭାଗ୍ୟଫଳ-୭୦%। ପ୍ରତିକାର : ମା'ଙ୍କର ପୂଜାର୍ଚ୍ଚନା କରନ୍ତୁ।

**ବିଛା** ରକ୍ତଚାପ ସମସ୍ୟା ହୋଇପାରେ। ବ୍ୟବସାୟରେ ପ୍ରତିବନ୍ଧକ ଦୂରହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଛାତ୍ରମାନେ ପାଠରେ ମନଦେବେ। ଦାମ୍ପତ୍ୟ ମଧୁର ହେବ। ଶୁଭ ତାରିଖ-୧୪,୧୫,୧୭, ଭାଗ୍ୟଫଳ-୭୦%। ପ୍ରତିକାର : ଆରାଧ୍ୟଙ୍କୁ କର୍ପୂର ଆରତୀ କରନ୍ତୁ।

**ଧନୁ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟବସାୟର ନୂଆ ଦିଗରେ ଅର୍ଥ ବିନିଯୋଗ ପାଇଁ ସମୟ ଅନୁକୂଳ। ପରିବାରର ସମୟ ଅନୁକୂଳ। ପ୍ରେମୀଙ୍କର ସତର୍କତା ଅବଲମ୍ବନ କରନ୍ତୁ। ଶୁଭ ତାରିଖ-୧୭,୧୮,୧୯,୨୦, ଭାଗ୍ୟଫଳ-୭୦%। ପ୍ରତିକାର : ନାରାୟଣ କବଚ ପାଠ କରନ୍ତୁ।

**ମକର** ଦାନ୍ତ ବା ମୁଖରେ ସମସ୍ୟା ହୋଇପାରେ। ଆୟରେ ଛୋଟଛୋଟ ସମସ୍ୟା ହୋଇପାରେ। ପଦୋନ୍ନତି ଯୋଗ ଅଛି। ଦାମ୍ପତ୍ୟ ସମ୍ପର୍କ ମଧୁର ରହିବ। ଶୁଭ ତାରିଖ-୧୭, ଭାଗ୍ୟଫଳ-୮୦%। ପ୍ରତିକାର : କଳା ଦ୍ରବ୍ୟ ଦାନ କରନ୍ତୁ।

**କୁମ୍ଭ** ଆଣ୍ଠୁଗଣ୍ଠି ଓ ଶରୀରରେ ଯନ୍ତ୍ରଣା ହୋଇପାରେ। ବ୍ୟବସାୟରେ ଅଧିକ ପରିଶ୍ରମ ଆବଶ୍ୟକ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ସୁଧୁରି ଯିବ। ଜୀବନସାଥୀଙ୍କ କଥାରେ ଧ୍ୟାନ ଦିଅନ୍ତୁ। ଶୁଭ ତାରିଖ-୧୪,୧୫,୧୭, ଭାଗ୍ୟଫଳ-୭୦%। ପ୍ରତିକାର : ଗୋ ସେବା କରନ୍ତୁ।

**ମୀନ** ଗଳାରେ ସମସ୍ୟା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ବାଣୀରେ ଲଗାମ ଦିଅନ୍ତୁ। ପରିବାରରେ ସମୟ ଭଲରେ କଟିବ। ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ। ଶୁଭ ତାରିଖ-୧୬,୧୭,୧୯, ଭାଗ୍ୟଫଳ-୮୦%। ପ୍ରତିକାର : ରୁଦ୍ରାଷ୍ଟକ ପଢ଼ନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ନୂଆ ପର୍ବତାରୋହୀଙ୍କୁ ଶବ ଦେଖାଉଛି ଏଭରେଷ୍ଟରେ ରାସ୍ତା

**ନୂଆଦିଲ୍ଲୀ :** ମାଉଣ୍ଟ ଏଭରେଷ୍ଟ, ନାଁ ଶୁଣିଲେ ଯେତିକି ଉତ୍ସାହ ମନକୁ ଆସେ ଏହା ଉପରେ ଚଢିବା ସେତିକି କଷ୍ଟକର। ଶସ୍ତା କିମ୍ବା ସହଜ ହୋଇନଥିଲେ ମଧ୍ୟ ଏଭରେଷ୍ଟ ଉପରେ ଚଢିବା ଲାଗି ୨୯୨୧ରେ ପ୍ରଥମେ ପ୍ରୟାସ କରାଯାଇଥିଲା। ହେଲେ ଏଥିରେ ସଫଳତା ମିଳିନଥିଲା। ୧୯୫୩ରେ ଏଡ୍ମଣ୍ଡ ଗେଲେକୀ ଏବଂ ତେନଜିଙ୍ଗ ନୋର୍ଗେ ଏଭରେଷ୍ଟ ଶୀର୍ଷରେ ପହଞ୍ଚି ପାରିଥିଲେ। ୧୯୫୩ଠାରୁ ଆଜି ପର୍ଯ୍ୟନ୍ତ ବହୁ ଲୋକ ଏଭରେଷ୍ଟ ଚଢିଛନ୍ତି। କିନ୍ତୁ ଏଭିତରେ ୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ୮୮୪୮ ମିଟର (୨୯,୦୨୯ ଫୁଟ୍) ଉଚ୍ଚ ଏଭରେଷ୍ଟରେ ସବୁଠାରୁ ଅଧିକ ମୃତ୍ୟୁ ୮ହାଜର ମିଟର (୨୬୦୦୦ ଫୁଟ) ଉପରେ ହୋଇଛି। ଏହାକୁ ଡେଥ୍ ଜୋନ କୁହାଯାଏ। ସେଠାରୁ ପର୍ବତାରୋହୀଙ୍କ ଶବକୁ ତଳକୁ ଆଣିବା ଅତ୍ୟନ୍ତ କଷ୍ଟକର ବା ଏକପ୍ରକାର ଅସମ୍ଭବ ଅଟେ। ତେଣୁ ଶବକୁ ସେହିଠାରେ ଛାଡି ଦିଆଯାଇଥାଏ। ଆଉ ଆଶ୍ଚର୍ଯ୍ୟର କଥା ହେଉଛି ଏହି ମୃତ



ପର୍ବାତାରୋହୀଙ୍କୁ ଶବକୁ ହିଁ ଦେଖି ଅନ୍ୟମାନେ ଉପରକୁ ଯିବାର ରାସ୍ତା ଜାଣିଥାନ୍ତି। ଶବ ସେମାନଙ୍କ ପାଇଁ ମାଇଲଖୁଣ୍ଟ କହିଲେ ଭୁଲ ହେବନି। ନୂଆ ପର୍ବତାରୋହୀମାନଙ୍କୁ ଏହି ଶବ ରାସ୍ତା ଦେଖାଇଥାଏ ବୋଲି ଅନେକ ନିଜ ଅଭିଜ୍ଞତାରେ କହିଛନ୍ତି। ଏଭରେଷ୍ଟ ଉପରେ ବର୍ଷ ବର୍ଷ ପଡ଼ିଥିବା ଏହି ଶବଗୁଡିକ ପଚିସଢି ନଷ୍ଟ ହୁଏନାହିଁ। ଏହାର ବଡ଼ କାରଣ ହେଉଛି, ବିଯୁକ୍ତ ତାପମାତ୍ରା। ଏଭରେଷ୍ଟର ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୧୬ରୁ ବିଯୁକ୍ତ ୪୦ ମଧ୍ୟରେ ରହିଥାଏ। ଏହି ତାପମାତ୍ରାରେ ମୃତ ବ୍ୟକ୍ତିଙ୍କ ଶବ ଖରାପ ହୁଏନାହିଁ। ସୂଚନା ଅନୁସାରେ, ସବୁଠାରୁ ଅଧିକ ନେପାଳର ୧୧୯ଜଣ ବ୍ୟକ୍ତିଙ୍କ ଏଭରେଷ୍ଟ ଉପରେ ମୃତ୍ୟୁ ହୋଇଥିବା ବେଳେ ଏହା ତଳକୁ ଭାରତ ଓ ଜାପାନର ୧୯ ଜଣ ଲେଖାଁଏ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେହିପରି ୟୁକେର ୧୭, ଆମେରିକାର ୧୫, ଚୀନର ୧୨, ଦକ୍ଷିଣ କୋରିଆର ୧୧ ସମେତ ଅଷ୍ଟ୍ରେଲିଆ, ଜର୍ମାନୀ, ପୋଲାଣ୍ଡ, ଋଷ, କାନାଡା, ଫ୍ରାନ୍ସ, ସ୍ପେନ ସମେତ ବହୁ ଦେଶର ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଭରେଷ୍ଟ ଉପରେ ହୃଦଘାତ, ହାଲିଆ ହେବା, ହିମସ୍ଖଳନ, ତଳକୁ ଖସି ପଡ଼ିବାରୁ ମୁଖ୍ୟତ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଥାଏ। ମାଉଣ୍ଟ ଏଭରେଷ୍ଟ ଉପରେ ପଡ଼ିଥିବା ପ୍ରତି ଶବର ଏକ ଭିନ୍ନ ନାମ ରହିଛି। ଏମିତି ଏକ ପ୍ରସିଦ୍ଧ ଶବ ହେଉଛି ଗ୍ରୀନ ବୁଟ୍ସ। ସେ ହେଉଛନ୍ତି ସେୱେଙ୍ଗ ପାଲଜୋର। ୧୯୯୯ରେ ଏଭରେଷ୍ଟ ଚଢୁଥିବା ବେଳେ ଏକ ଝଡର ସମ୍ମୁଖୀନ ହେବାପରେ ତାଙ୍କର ମୃତ୍ୟୁ ହୋଇଥିଲେ। ଆଉ ସେଠାରୁ ତାଙ୍କ ଶବ ସେହିଠାରେ ପଡ଼ିଛି, ଏବଂ ଅନ୍ୟମାନଙ୍କୁ ରାସ୍ତା ଦେଖାଉଛି। ସେହିପରି ନିଜ ବ୍ୟାଗ୍‌କୁ ଆଉଜି ବସିଥିବା ଜଣେ ଜର୍ମାନୀ ମହିଳାଙ୍କ ଶବ ରାସ୍ତାରେ ପଡିଥାଏ। ଦୂରରୁ ଦେଖିଲେ ସେ ଆରାମ କରୁଥିବା ଜଣାପଡେ। ସେହିଆ ହିଁ ତାଙ୍କ ସହିତ ଘଟିଥିଲା। ସେ ଉପକୁ ଚଢୁଥିବା ବେଳେ ଥକିଯିବା ପରେ ନିଜ ବ୍ୟାଗ୍ ଉପରେ ଆରାମ କରିବା ପାଇଁ ବସିଥିଲେ, ସେଠାରୁ ସେ ଆଉ କେବେ ଉଠିନଥିଲେ। କୁହାଯାଏ ଏଭରେଷ୍ଟରେ ମୃତ୍ୟୁ ବରଣ କରିଥିବା ସେ ପ୍ରଥମ ମହିଳା। ଏମିତି ଗୋଟିଏ କି ଦୁଇଟି ନୁହେଁ ଶହ ଶହ ଶବ ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳେ। ଆଡଭେଞ୍ଚରରେ ରହିଛି ବିପଦ। ଏକଥାକୁ ସମସ୍ତେ ସ୍ୱୀକାର କରିବେ। କିନ୍ତୁ ଆଉ ଗୋଟେ ବଡ଼ କଥା ହେଉଛି ଟ୍ରାଫିକ୍ ଜାମ। ସେ ପୁଣି ରାସ୍ତା ଘାଟରେ ନୁହେଁ, ଏଭରେଷ୍ଟ ଉପରେ। କଥାଟା ବିଶ୍ୱାସ ହେଉନଥିଲେ ମଧ୍ୟ ସତ। ଏଭରେଷ୍ଟର ଶୀର୍ଷରେ ପହଞ୍ଚିବାକୁ ଜାମ ଲାଗୁଛି। ଅନଭିଜ୍ଞ ଚଢ଼ାଳି ଆଗରେ ଥିଲେ ଏହି ଜାମ ଆହୁରୀ ଅଧିକ ହୋଇ ପଡୁଛି।

## ପୂର୍ବ ସରକାର ସ୍ୱପ୍ନ ବିକୁଥିଲେ, ଆମ ସରକାର ସ୍ୱପ୍ନ ପୂରଣ କରୁଛନ୍ତି: ନିର୍ମଳା

**ନୂଆଦିଲ୍ଲୀ:** ପୂର୍ବ ସରକାର ଲୋକଙ୍କୁ ସ୍ୱପ୍ନ ବିକ୍ରି କରୁଥିଲେ। କିନ୍ତୁ ଆମ ସରକାର ଲୋକଙ୍କ ସ୍ୱପ୍ନକୁ ପୂରଣ କରୁଛନ୍ତି। ଲୋକସଭାରେ ଆଜି ଅନାସ୍ଥା ପ୍ରସ୍ତାବ ବିତର୍କରେ ଭାଗ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା କହିଛନ୍ତି। ୨୦୧୩ରେ ବିଶ୍ୱର ୫ଟି ଦୁର୍ବଳ ଅର୍ଥନୀତି ମଧ୍ୟରେ ଭାରତ ଗଣା ହେଉଛନ୍ତି। କିନ୍ତୁ ଗତ ୯ ବର୍ଷ ଧରେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଏଥିସହିତ ୨୦୦୪ରୁ ୨୦୧୪ ଅବଧିର ଶାସନ ସଂପର୍କରେ ଉଲ୍ଲେଖ କରି ସଂପୂର୍ଣ୍ଣ ଅବଧିକୁ ଉପା ନଷ୍ଟ କରିଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ୨୦୨୨ରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି କେବଳ ୩ ପ୍ରତିଶତ ରହିଥିଲା। ୨୦୨୩ରେ ଏହା ୨.୧ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଶ୍ୱବ୍ୟାଙ୍କ ଦର୍ଶାଇଛି। ଆମେରିକା, ବ୍ରିଟେନ ଏବଂ ୟୁରୋ ଜୋନ୍ ଭଳି ବିକଶିତ ଦେଶ ଓ ଅଞ୍ଚଳଗୁଡ଼ିକ ବିଭିନ୍ନ ପ୍ରକାର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଚୀନ ଭଳି ବଡ଼ ଅର୍ଥନୀତି ମଧ୍ୟ ଗ୍ରାହକ ଚାହିଦା ମଜୁରିରେ ସ୍ଥିରତା ଭଳି ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏଭଳି ପୃଷ୍ଠଭୂମିରେ ଭାରତୀୟ ଅର୍ଥନୀତିକୁ ଦେଖିଲେ ଜଣାପଡ଼େ ୨୦୧୩ରେ ଭାରତୀୟ ଅର୍ଥନୀତିକୁ ମର୍ଗାନ ଷ୍ଟାନଲି ଦୁର୍ବଳ ଅର୍ଥନୀତି ଭାବେ ଦର୍ଶାଇଥିଲା। ସେହି ମର୍ଗାନ ଷ୍ଟାନଲି ଭାରତର ସ୍ଥିତିରେ ଉନ୍ନତି ଆଣିଛି।

## ଉପରମୁହାଁ ଅର୍ଥନୀତି

# ୨୦୨୭ ସୁଦ୍ଧା ଜର୍ମାନୀ ଓ ଜାପାନକୁ ପଛରେ ପକାଇବ ଭାରତ

**ନୂଆଦିଲ୍ଲୀ :** ଏନଡିଏର ତୃତୀୟ ପାଳିରେ ବିଶ୍ୱର ତୃତୀୟ ବଡ ଅର୍ଥନୀତି ହେବ ଭାରତ। ପ୍ରଧାନମନ୍ତ୍ରୀଙ୍କ ଏହି ଦମ୍ଭୋକ୍ତିକୁ ପ୍ରକାରାନ୍ତରେ ମୋହର ଲଗାଇଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। ରିଜର୍ଭ ବ୍ୟାଙ୍କର ଆର୍ଥିକ ମୁଦ୍ରାନୀତି ଘୋଷଣାରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସଠିକ୍ ହାରରେ ଆଗକୁ ବଢୁଥିବା କହିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ସେ କହିଛନ୍ତି ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିରେ ଦେଶର ୧୫ ପ୍ରତିଶତ ଯୋଗଦାନ ରହିଛି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି। ୨୦୨୪ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବା ନେଇ ଆକଳନ। ତେବେ ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାଟରରେ ଏହା ୮ ପ୍ରତିଶତ ହୋଇପାରେ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଆକଳନ, ୨୦୨୭ ସୁଦ୍ଧା ଚତୁର୍ଥ ସ୍ଥାନରେ ଥିବା ଜର୍ମାନୀ ଏବଂ ତୃତୀୟ ସ୍ଥାନରେ ଥିବା ଜାପାନକୁ ପଛରେ ପକାଇବ ଭାରତ। ୨୦୧୪ ମସିହାରେ ମୋଦି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ବେଳେ ବିଶ୍ୱର ଅର୍ଥନୀତିରେ ଦଶମ ସ୍ଥାନରେ ଥିଲା ଭାରତ। ଗତ ୯ ବର୍ଷ ଭିତରେ ମୋଦି ସରକାରଙ୍କ ସଠିକ୍ ଆର୍ଥିକ ନୀତି ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଗତି ଦେଇଛି। ୧୦ମ ସ୍ଥାନରୁ ଆଗକୁ ବଢି ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇଛି ଭାରତ। ଏଡିଏ ସରକାରର ତୃତୀୟ ପାଳିରେ ଭାରତ ବିଶ୍ୱର ତୃତୀୟ



ବଡ ଅର୍ଥନୀତି ହେବ ବୋଲି କହିଛନ୍ତି ମୋଦି। ବିଶ୍ୱରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ବିଶ୍ୱର ସବୁଠୁ କ୍ଷିପ୍ର ଗତିରେ ଆଗକୁ ବଢୁଥିବା ଅର୍ଥନୀତି ବୋଲି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ୨୦୨୨ ଆର୍ଥିକରେ ବର୍ଷରେ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି ୩ ପ୍ରତିଶତ ଏବଂ ୨୦୨୩ରେ ୨.୧ ପ୍ରତିଶତ ରହିବା ନେଇ ଆକଳନ। କିନ୍ତୁ ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୬.୫ ପ୍ରତିଶତ ରହିବା ନେଇ ଆକଳନ କରାଯାଉଛି।

## ବଢ଼ିବନି ସରକାରୀ କର୍ମଚାରୀଙ୍କ ଅବସର ବୟସ

**ନୂଆଦିଲ୍ଲୀ :** ସରକାରୀ କର୍ମଚାରୀମାନଙ୍କ ଅବସର ବୟସ ୬୦ରୁ ୬୨ବର୍ଷକୁ ବୃଦ୍ଧି ନିମନ୍ତେ ଚାଲିଥିବା ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଅବସର



ବୟସ ବୃଦ୍ଧିର କୌଣସି ପ୍ରସ୍ତାବ ଏବେ ସରକାରଙ୍କ ବିଚାରାଧୀନ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଏହାସହିତ ୨୦୨୦ରୁ ୨୦୨୩ ମସିହା ମଧ୍ୟରେ କେନ୍ଦ୍ର ସରକାର ମୋଟ ୧୨୨ଜଣ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଆଜି ଲୋକସଭାରେ ବିଜେଡି ସାଂସଦ ଶର୍ମିଷ୍ଠା ସେଠୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟର ମନ୍ତ୍ରୀ ଡଃ ଜିତେନ୍ଦ୍ର ସିଂ କହିଛନ୍ତି ଯେ, କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧିର କୌଣସି ପ୍ରସ୍ତାବ ଏବେ ସରକାରଙ୍କ ବିଚାରାଧୀନ ନାହିଁ। ୨୦୨୩ ଜୁନ୍ ୩୦ତାରିଖ ସୁଦ୍ଧା ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ କ୍ୟାଡ଼ର କଣ୍ଟ୍ରୋଲ ଅଥରିଟିଙ୍କ ଦ୍ୱାରା ମୋଟ ୧୨୨ଜଣ ଅଫିସରଙ୍କୁ ଫଣ୍ଡାମେଣ୍ଟାଲ ରୁଲସ (ଏଫଆର)-୫୬(ଜେ)ର ପ୍ରାବଧାନ ଆଧାରରେ ସରକାରୀ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଅନ୍ୟପକ୍ଷରେ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶାରେ ସରକାରୀ କର୍ମଚାରୀମାନଙ୍କ ଅବସର ବୟସସୀମା ବୃଦ୍ଧି ପାଇବ ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର କେନ୍ଦ୍ର ସରକାରଙ୍କ ଏଭଳି ପ୍ରସ୍ତାବ ନଥିବାରୁ ଓଡ଼ିଶା ସରକାର ମଧ୍ୟ କର୍ମଚାରୀଙ୍କ ସପକ୍ଷରେ ସେଭଳି କିଛି ନିଷ୍ପତ୍ତି ନେବାର ସମ୍ଭାବନା କ୍ଷୀଣ। ସୂଚନାଯୋଗ୍ୟ, ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୦ବର୍ଷ ରହିଛି।

## ଗହମ ମୂଲ୍ୟ ୬ ମାସରେ ସର୍ବାଧିକ

# ୫୦ ଛୁଇଁଲାଣି ଅଟା ଦର



**ନୂଆଦିଲ୍ଲୀ :** ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ଅତ୍ୟାବଶ୍ୟକ ସାମଗ୍ରୀ ଦର। ତେଲ ଦର ପରେ ତେଜରାତି ସାମଗ୍ରୀ ଆଉ ପନିପରିବା ଦର ବୃଦ୍ଧିରେ ଖାଉଟି ଅସ୍ତବ୍ୟସ୍ତ। ଏହାସହ ମୁଖ୍ୟ ଆହାର କୁହାଯାଉଥିବା ଚାଉଳ ଓ ଗହମର ଅହେତୁକ ଦର ବୃଦ୍ଧି ଏବେ ହାଣ୍ଡିଶାଳ ଉପରେ ଚଡ଼କ ପକାଇଲାଣି। ପୂର୍ବରୁ ଚାଉଳ ଦର ଖୁବ୍ ବଢ଼ିଥିବାବେଳେ ଗହମ ଦର ବଢ଼ିବାକୁ ଯାଉଛି। ମଙ୍ଗଳବାର ଦେଶରେ ଗହମର ମୂଲ୍ୟ ବିଗତ ୬ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅର୍ଥାତ୍ ଗହମ କ୍ୱିଣ୍ଟାଲ ପିଛା ୨୫୪୪ ଟଙ୍କା ଛୁଇଁଛି। ଗତ ୪ ମାସ ମଧ୍ୟରେ ଗହମ ମୂଲ୍ୟରେ ପ୍ରାୟ ୧୮ ପ୍ରତିଶତ ବୃଦ୍ଧି ହୋଇଛି। ଗହମର ସୀମିତ ଯୋଗାଣ ଚାହିଦାରେ ବୃଦ୍ଧି ଯୋଗୁ ବଜାରରେ ଏବେ ଅଟା ଦର ବଢ଼ି ବଢ଼ି କିଲୋ ପିଛା ୫୦ ଟଙ୍କା ଛୁଇଁଲାଣି। ବର୍ତ୍ତମାନ ଯାହା ଆଶଙ୍କା କରାଯାଉଛି ଆସନ୍ତା ପାର୍ବଣ ବେଳକୁ ବଜାରରେ ଅଟା ମହଙ୍ଗା ହେବ। ବଜାରରେ ଅଟା ମୂଲ୍ୟରେ ଅହେତୁକ ବୃଦ୍ଧି ପାଇଁ ଗହମ ଉପରେ କେନ୍ଦ୍ର ସରକାର ଲାଗୁ କରିଥିବା ଆମଦାନୀ ଶୁଳ୍କକୁ ରଦ୍ଦ କରିପାରନ୍ତି। ଏ ନେଇ ସରକାର ନିକଟରେ ସୂଚନା ଦେଇଛନ୍ତି। ଚଳିତବର୍ଷ ଶେଷ ଭାଗରେ ଦେଶର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।ଏହାପରେ ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ମଧ୍ୟ ହେବ। ଗହମର ମୂଲ୍ୟ ବୃଦ୍ଧି ହେତୁ ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ହେବାର ସମ୍ଭାବନା ରହିଛି। ସାଧାରଣତଃ ଦେଶରେ ବାର୍ଷିକ ୧୦୮ ନିୟୁତ ଟନ୍ ଗହମ ଉପଯୋଗ ହୋଇଥାଏ। ଦିଲ୍ଲୀର ଜଣେ ବ୍ୟବସାୟୀ କହିଛନ୍ତି ଯେ ଗହମ ଉତ୍ପାଦନ ହେଉଥିବା ସମସ୍ତ ରାଜ୍ୟରେ ଯୋଗାଣ ପ୍ରାୟ ବନ୍ଦ ହୋଇଯାଇଛି। ଗହମ ଅଭାବ ଯୋଗୁ ବଜାରରୁ ଯୋଗାଣ ହାତେଇବାରେ ମଇଦା ମିଲ୍‌ଗୁଡିକ ଏବେ ଖୁବ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# 'ସ୍ୱାମୀଙ୍କୁ କଳା କହିଲେ ହୋଇପାରିବ ଛାଡ଼ପତ୍ର'

**ବେଙ୍ଗାଲୁରୁ :** ସ୍ୱାମୀଙ୍କୁ ତାଙ୍କ 'କଳା' ବର୍ଣ୍ଣ ପାଇଁ ସ୍ତ୍ରୀ ଅପମାନିତ କରିବା ଏକ ନିଷ୍ଠୁରତା ଓ ଏହା ପତ୍ନୀଙ୍କୁ ଛାଡ଼ପତ୍ର ଦେବା ପାଇଁ ବୈଧ କାରଣ ହୋଇପାରିବ। ଏହି ମନ୍ତବ୍ୟ ଦେଇ କର୍ଣ୍ଣାଟକ ହାଇକୋର୍ଟ ଏକ ଦମ୍ପତିଙ୍କ ଛାଡପତ୍ରକୁ ଅନୁମୋଦନ କରିଛନ୍ତି। କୋର୍ଟ କହିଛନ୍ତି ଯେ, ରେକର୍ଡରେ ଥିବା ସମସ୍ତ ତଥ୍ୟ ଅନୁସନ୍ଧାନ କରିବା ପରେ କୋର୍ଟ ଏପରି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ପତ୍ନୀ ତାଙ୍କ ସ୍ୱାମୀଙ୍କୁ କଳା ବୋଲି କହି ଅପମାନିତ କରୁଥିଲେ ଏବଂ ସେଥିପାଇଁ ସେ ଅନ୍ୟ କୌଣସି କାରଣ ବିନା ତାଙ୍କ ଠାରୁ ଅଲଗା ରହୁଥିଲେ। ଯାହା ସବୁଠୁ ବଡ ନିଷ୍ଠୁରତା। କଳା ରଙ୍ଗ ପାଇଁ ସ୍ୱାମୀକୁ ସ୍ତ୍ରୀ ଛାଡିକରି ରହିବା




ସମାଜରେ ଗ୍ରହଣୀୟ ନୁହେଁ। ନିକଟରେ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କୁ ତାଙ୍କ ୪୧ ବର୍ଷୀୟା ପତ୍ନୀଙ୍କଠାରୁ ଛାଡପତ୍ର ପାଇଁ ଅନୁମତି ପ୍ରଦାନ କରିବା ସହ କର୍ଣ୍ଣାଟକ ହାଇକୋର୍ଟ ଏପରି ମତବ୍ୟକ୍ତ କରିଛନ୍ତି। କୋର୍ଟ କହିଛନ୍ତି, ଉପଲବ୍ଧ ପ୍ରମାଣକୁ ଗଭୀର ଭାବେ ଅନୁଧ୍ୟାନ କରିବା ପରେ ଏହା ସ୍ପଷ୍ଟ ଯେ କଳା ବର୍ଣ୍ଣ ପାଇଁ ପତ୍ନୀ ତାଙ୍କ ସ୍ୱାମୀଙ୍କୁ ଅପମାନିତ କରୁଥିଲେ ଏବଂ ସେଥିପାଇଁ ସେ ସ୍ୱାମୀଙ୍କୁ ଛାଡ଼ି ଅଲଗା ରହୁଥିଲେ। ହିନ୍ଦୁ ବିବାହ ଆଇନର ଧାରା ୧୩ (୧) (ଏ) ଅନୁଯାୟୀ ଛାଡପତ୍ର ପାଇଁ ଆବେଦନକୁ ଅନୁମତି ପ୍ରଦାନ ପୂର୍ବକ ହାଇକୋର୍ଟ କହିଛନ୍ତି ଯେ, ଏହି ଦିଗକୁ ଲୁଚାଇବା ପାଇଁ ସେ (ପତ୍ନୀ) ସ୍ୱାମୀଙ୍କ ବିରୋଧରେ ଅନୈତିକ ସମ୍ପର୍କର ମିଥ୍ୟା ଅଭିଯୋଗ କରିଛନ୍ତି। ଏହା ନିଷ୍ଠୁରତା ସହିତ ସମାନ। ବାଙ୍ଗାଲୋରରେ ରହୁଥିବା ଏହି ଦମ୍ପତି ୨୦୦୭ରେ ବିବାହ କରିଥିଲେ ଏବଂ ସେମାନଙ୍କ ଏକ ଝିଅ ଅଛି। ତେବେ ସ୍ୱାମୀ ଜଣକ ୨୦୧୨ରେ ବାଙ୍ଗାଲୋରର ଏକ ପରିବାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଥିଲେ। ମହିଳା ଜଣକ ମଧ୍ୟ ଆଇପିସି ଧାରା ୪୯୮ଏ (ବିବାହିତା ମହିଳାଙ୍କ ପ୍ରତି ଘରୋଇ ହିଂସା) ଅନୁଯାୟୀ ତାଙ୍କ ସ୍ୱାମୀ ଏବଂ ଶାଶୁଙ୍କ ବିରୋଧରେ ମାମଲା ଦାୟର କରିଥିଲେ। ସେ ତାଙ୍କ ଝିଅକୁ ଛାଡ଼ି ନିଜ ବାପାମା'ଙ୍କ ସହ ରହୁଥିଲେ। ପରିବାର କୋର୍ଟରେ ସେ ଏହି ଅଭିଯୋଗକୁ ଅସ୍ୱୀକାର କରି ତାଙ୍କ ସ୍ୱାମୀ ଏବଂ ଶାଶୁ ନିର୍ଯ୍ୟାତନା ଦେଉଥିବା ପାଲଟା ଅଭିଯୋଗ କରିଥିଲେ। ଛାଡପତ୍ର ପାଇଁ ସ୍ୱାମୀଙ୍କ ଆବେଦନକୁ ପରିବାର କୋର୍ଟ ୨୦୧୭ରେ ଖାରଜ କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସିଏଜି ରିପୋର୍ଟରୁ ପର୍ଦ୍ଦାଫାସ୍, 'ଆୟୁଷ୍ମାନ'ରେ ମହାଠକେଇ

**ନୂଆଦିଲ୍ଲୀ :** ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ)ରେ ମହାଠକେଇ ହୋଇଛି। ବେନିଫିସିଆରୀ ଆଇଡେଣ୍ଟିଫିକେସନ ସିଷ୍ଟମ (ବିଆଇଏସ) ମାଧ୍ୟମରେ ସବୁଠାରୁ ବଡ଼ ଜାଲିଆତି ହୋଇଥିବା ଜଣାପଡ଼ିଛି। ଏହି ଯୋଜନାରେ ସାମିଲ ପ୍ରାୟ ୭.୫୦ ଲକ୍ଷ ହିତାଧିକାରୀଙ୍କର ଗୋଟିଏ ଅଚଳ ମୋବାଇଲ ନଂରେ ପଞ୍ଜିକରଣ ହୋଇଛି। ଅର୍ଥାତ୍ ସମସ୍ତଙ୍କ ମୋବାଇଲ ନମ୍ବର ସମାନ ରହିଛି। ଏହା ସହିତ ଜନ୍ମତାରିଖ, ନାମ, ପରିବାର ବିବରଣୀ ଆଦିରେ ତ୍ରୁଟି ରହିଛି। ଅଯୋଗ୍ୟ ହିତାଧିକାରୀଙ୍କ ଉପରେ ଟଙ୍କା ଖର୍ଚ୍ଚ କରାଯାଇଛି। ଭାରତର ନିୟନ୍ତ୍ରକ ଓ ମହାହିସାବ ସମୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ନିକରେ ସିଏଜିଙ୍କ ରିପୋର୍ଟକୁ ଲୋକସଭାରେ ଉପସ୍ଥାପନ କରାଯାଇଥିଲା। ଏଥିରେ ୨୦୧୮ ସେପ୍ଟେମ୍ବରରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ତଥ୍ୟର ସମୀକ୍ଷା ଫଳାଫଳ ସାମିଲ ରହିଛି। ସିଏଜିଙ୍କ ୱେବସାଇଟରେ ଏହି ସମୀକ୍ଷା ରିପୋର୍ଟରେ ଥିବା ନମ୍ବରର ମଧ୍ୟ ଉଲ୍ଲେଖ କରାଯାଇଛି। ଏହା ଅନୁଯାୟୀ ୭ ଲକ୍ଷ ୪୯ ହଜାର ୮୨୦ ଜଣ ହିତାଧିକାରୀ ଗୋଟିଏ ଅଚଳ ମୋବାଇଲ ନଂ ୯୯୯୯୯୯୯୯୯୯ରେ ବିଆଇଏସ୍ ଡାଟାବେସ୍‌ରେ ସାମିଲ ହୋଇଥିଲେ। ୮୮୮୮୮୮୮୮୮୮ ନମ୍ବରରେ ୧.୩୯ ଲକ୍ଷ ଲୋକ ଏବଂ ୯୦୦୦୦୦୦୦୦୦ ନମ୍ବରରେ ୯୬, ୦୪୬ ଜଣଙ୍କୁ ଯୋଜନାରେ ସାମିଲ କରାଯାଇଥିଲା। ୨୦ଟି ସେଲ୍‌ଫୋନ୍ ନଂରେ ୧୦, ୦୦୧ରୁ ନେଇ ୫୦ ହଜାର ହିତାଧିକାରୀ ସାମିଲ ହୋଇଥିଲେ। ସେହିପରି ୩୬ ମାମଲାରେ ୧୮ ଆଧାର କାର୍ଡରେ ୨




ଥର ଲେଖାଏଁ ପଞ୍ଜିକରଣ ହୋଇଥିଲା। ତାମିଲନାଡୁରେ ୭ଟି ଆଧାର ନଂରେ ୪, ୭୬୧ ପଞ୍ଜିକରଣ କରାଯାଇଥିଲା। ପୂର୍ବରୁ ପ୍ରାଣ ହରାଇଥିବା ରୋଗୀ ମଧ୍ୟ ଏହି ଯୋଜନାରେ ଚିକିତ୍ସା ପାଇଥିଲେ। ଛତିଶଗଡ଼, ହରିୟାଣା, ଝାଡ଼ଖଣ୍ଡ, କେରଳ ଏବଂ ମଧ୍ୟପ୍ରଦେଶରୁ ଏପରି ମାମଲା ସାମ୍ନାକୁ ଆସିଛି। ୨୩, ୬୭୦ ରୋଗୀ ସମାନ ଦିନରେ ଭିନ୍ନ ଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଥିବାର ମଧ୍ୟ ମାମଲା ରହିଛି। ଆସାମ ଏବଂ ଝାଡ଼ଖଣ୍ଡର ୧୩ ହସ୍ପିଟାଲ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୪୩, ୧୯୭ ଘରର ପରିବାରର ଆକାର ୧୧ରୁ ୨୦୧ ସଦସ୍ୟ ପର୍ଯ୍ୟନ୍ତ ରହିଛି। ଗୋଟିଏ ଘରେ ଏତେ ସଦସ୍ୟ ରହିବା ପଞ୍ଜିକରଣ ପ୍ରକ୍ରିୟା ସମୟରେ ହୋଇଥିବା ଠକେଇକୁ ଦର୍ଶାଉଛି। ଚଣ୍ଡିଗଡ଼, ହରିୟାଣା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ତାମିଲନାଡୁର ଅନେକ ପେନ୍ସନଭୋଗୀ ଏହି ଯୋଜନାର ଲାଭ ଉଠାଉଛନ୍ତି। ତାମିଲନାଡୁର ୧, ୦୭, ୦୪୦ ପେନ୍ସନଧାରକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏହି ଲୋକଙ୍କ ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ବୀମା କମ୍ପାନୀକୁ ପ୍ରାୟ ୨୨.୪୪ କୋଟି ଟଙ୍କାର ପ୍ରିମିୟମ ଦେଇଥିଲେ। ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇବାରେ ବିଳମ୍ବ ହେବା ଯୋଗୁଁ ବୀମା ପ୍ରିମିୟମ ପୈଠ କରାଯାଇଥିଲା ବୋଲି ସମୀକ୍ଷାରୁ ଜଣାପଡ଼ିଛି। ସିଏଜିଙ୍କ ରିପୋର୍ଟରେ ହସ୍ପିଟାଲର ଭିତ୍ତିଭୂମି ଏବଂ ପରିଚାଳନା ମଧ୍ୟରେ ବଡ଼ ବ୍ୟବଧାନ ରହିଥିବା କୁହାଯାଇଛି। ହସ୍ପିଟାଲରେ ଡାକ୍ତର ଏବଂ ଡାକ୍ତରୀ ଉପକରଣ ଅଭାବ ରହିଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ମାନକୁ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ହସ୍ପିଟାଲର ପଞ୍ଜିକରଣ ସମ୍ବନ୍ଧିତ ପ୍ରମାଣପତ୍ରରେ ସମସ୍ୟା ରହିଛି। ସେହିପରି ବିହାରରେ ଲକ୍ଷେ ରୋଗୀଙ୍କୁ ୧.୮ ହସ୍ପିଟାଲ ରହିଛି। ଏହା ମହାରାଷ୍ଟ୍ରରେ ୩, ଆସାମରେ ୩.୪, ଦାଦ୍ରା ନଗର ହାବେଲୀ-ଡାମନ ଡିୟୁରେ ୩.୬, ରାଜସ୍ଥାନରେ ୩.୮, ଉତ୍ତରପ୍ରଦେଶରେ ୫ ଏବଂ ଗୋଆରେ ୨୬.୬ ହସ୍ପିଟାଲ ରହିଛି।



## ବୈଷୟିକ ଶିକ୍ଷାରେ ଓଡ଼ିଶା ରୋଲ୍ ମଡେଲ୍

## ପ୍ରଦର୍ଶନ ଅନୁଯାୟୀ ପଲିଟେକନିକ୍ କଲେଜ ରାଙ୍କିଂ

**ଭୁବନେଶ୍ୱର :** ଭଲ ପଲିଟେକନିକ୍ କଲେଜରେ ପଢିବାକୁ ଚାହୁଁଛନ୍ତି କି ? ତେବେ ଓଡ଼ିଶା ଆସନ୍ତୁ। କାରଣ ଏଠାରେ ପଲିଟେକନିକ୍ କଲେଜ ଗୁଡ଼ିକୁ ପ୍ରଦର୍ଶନ ଅନୁଯାୟୀ ଦିଆଯାଉଛି ରାଙ୍କିଂ। ସାରା ଦେଶରେ ଏକମାତ୍ର ରାଜ୍ୟ ଭାବେ ପଲିଟେକନିକ କଲେଜ ଗୁଡ଼ିକୁ ପ୍ରଦର୍ଶନ ଆଧାରରେ ରାଙ୍କ ଦେଉଛି ଓଡ଼ିଶା। ଉତ୍ତମ ବୈଷୟିକ ଶିକ୍ଷା ଦିଗରେ ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ମିଳିଛି କେନ୍ଦ୍ରୀୟ ସ୍ୱୀକୃତି। ରାଙ୍କିଂ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ କ୍ୱାଲିଟି କଣ୍ଟ୍ରୋଲ ଅଫ ଇଣ୍ଡିଆକୁ ଦାୟିତ୍ୱ ଦିଆଯାଇଥିଲା। ନ୍ୟାସନାଲ ଆକ୍ରିଡିଏସନ ବୋର୍ଡ ଫର୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ବୋର୍ଡର କ୍ୱିସିଆଇ ରାଙ୍କିଂରେ ସ୍ଥାନ ପାଇଥିବା ସମସ୍ତ ଶହେ ପଲିଟେକନିକାଲ କଲେଜ ପରିଦର୍ଶନ କରିବା ସହ ଏକାଧିକ ପର୍ଯ୍ୟାୟରେ ମୂଲ୍ୟାଙ୍କନ କାର୍ଯ୍ୟ କରିଛନ୍ତି। ସମସ୍ତ ଅଭିଯୋଗ ସମାଧାନ ଓ ଅପିଲ୍ ରିଜୋଲ୍ୟୁସନ୍ ପରେ ଚୂଡ଼ାନ୍ତ ମାନ୍ୟତା ଦିଆଯାଇଛି। ଉଭୟ ସରକାରୀ ଓ ଘରୋଇ ପଲିଟେକନିକ କଲେଜକୁ ନେଇ ରାଙ୍କିଂ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ୫ଟି କାର୍ଯ୍ୟକ୍ରମ ଆଧାରରେ ରାଙ୍କିଂ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ରାଙ୍କିଂ ପଦ୍ଧତିକୁ କେନ୍ଦ୍ରୀୟ ଏଜେନସି କ୍ୱିସିଆଇ ପ୍ରଶଂସା କରିଛି। ଏହା ପଲିଟେକନିକ୍ କଲେଜ ଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବଢାଇବା ଫଳରେ ଛାତ୍ରଛାତ୍ରୀ ଉପକୃତ ହେବେ। ଅନ୍ୟ ରାଜ୍ୟ ବି ଓଡ଼ିଶାର ଏହି ମଡେଲକୁ ଅନୁସରଣ କରି ବୈଷୟିକ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଗୁଣବତ୍ତା ବୃଦ୍ଧି କରିବା ନେଇ ମତ ଦେଇଛି ନାବେଟ୍। ରାଜ୍ୟରେ ପଲିଟେକନିକ୍ କଲେଜ ଗୁଡ଼ିକର ଡିପ୍ଲୋମାସ୍ତରୀୟ ଶିକ୍ଷାର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଓଡ଼ିଶାରେ ୨୦୨୨ ମସିହାରୁ ରାଙ୍କିଂ ପଦ୍ଧତି ଗ୍ରହଣ କରାଯାଇଛି। ଚଳିତ ବର୍ଷ କିଟ୍ ପଲିଟେକନିକ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଶ୍ରେଷ୍ଠ ୧୦ କଲେଜ ଭିତରେ ୬ଟି ସରକାରୀ ପଲିଟେକନିକ କଲେଜ ରହିଛି। ଆଗକୁ ଛାତ୍ରଛାତ୍ରୀଙ୍କ ଭିତରେ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରିବାକୁ ସେମାନଙ୍କ ଅଭିନବ ପ୍ରକଳ୍ପକୁ ବି ରାଙ୍କିଂ ଦିଆଯିବାର ବ୍ୟବସ୍ଥା କରାଯାଉଛି। କ୍ରୀଡ଼ା ପରି ଶିକ୍ଷାର ହବ୍ ପାଲଟୁଛି ଓଡ଼ିଶା। ନୂଆ ନୂଆ ଶିକ୍ଷା ପଦ୍ଧତି ସହ ୫ଟି ଆଧାରରେ ବିକଶିତ ଚିନ୍ତାଧାରା ନେଇ କାର୍ଯ୍ୟ କରୁଛନ୍ତି ରାଜ୍ୟ ସରକାର। ଏଥିସହ ପ୍ରଦର୍ଶନ ଓ ପ୍ରତିଯୋଗିତାକୁ ପ୍ରାଥମିକତା ଦିଆଯାଉଛି।

### ସାପ ଧରିବା ପାଇଁ ଗାଇଡଲାଇନ୍

# ବିପର୍ଯ୍ୟୟଜନିତ ମୃତ୍ୟୁର ୪୦% ସାପ କାମୁଡ଼ା

**ଭୁବନେଶ୍ୱର :** ରାଜ୍ୟରେ ଯେତିକି ଲୋକଙ୍କର ବିପର୍ଯ୍ୟୟ ଜନିତ ମୃତ୍ୟୁ ହେଉଛି ସେଥିରୁ ୪୦% ଲୋକଙ୍କର କେବଳ ସାପ କାମୁଡ଼ାରେ ମୃତ୍ୟୁ ହେଉଛି। ଦିନକୁ ଦିନ ସାପ କାମୁଡ଼ା ଏବଂ ସାପ କାମୁଡ଼ା ଜନିତ ମୃତ୍ୟୁ ବଢ଼ି ଚାଲିଥିବାବେଳେ ଗତ ୭ବର୍ଷରେ ୬୩୫୧ଜଣଙ୍କର ମୃତ୍ୟୁ ହେଲାଣି। ଏପରିକି ସାପ କାମୁଡ଼ିଲେ ଲୋକଙ୍କର ମୃତ୍ୟୁ ହେଉଥିବାରୁ ଲୋକମାନେ ଭୟଭୀତ ହୋଇ ସାପକୁ ମାରି ଦେଉଛନ୍ତି। ତେଣୁ ସାପକୁ ଯେପରି ତୁରନ୍ତ ଉଦ୍ଧାର କରାଯିବ ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ସାପ କାମୁଡ଼ିଲେ କିମ୍ବା ଜନବସତିରେ ସାପ ଦେଖାଦେଲେ ଲୋକ ଯଦି ହେଲ୍ପଲାଇନ୍‌ରେ ଫୋନ୍ କରୁଛନ୍ତି ତେବେବି ମାନବସମ୍ବଳ ଅଭାବରୁ ସାପ ଉଦ୍ଧାରକାରୀ ଦଳ ଠିକ୍ ସମୟରେ ପହଞ୍ଚିପାରୁନାହାନ୍ତି। ଉଦ୍ଧାରକାରୀ ଦଳ



ପହଞ୍ଚିବାବେଳକୁ ଲୋକ ସାପକୁ ବାଡ଼େଇ ମାରି ଦେଉଛନ୍ତି। କେତେକ ସ୍ଥାନରେ ଦେଖାଯାଉଛି ଯେଉଁମାନେ ସାପକୁ ଉଦ୍ଧାର କରୁଛନ୍ତି ସେମାନେ ଆବଶ୍ୟକୀୟ ସରଞ୍ଜାମ ନେଉନଥିବାରୁ କିମ୍ବା ସାପ ଧରିବା ପରେ ଷ୍ଟଣ୍ଟ ଦେଖାଉଥିବାରୁ ସାପ କାମୁଡ଼ିବାରେ ସେମାନଙ୍କର ବି ମୃତ୍ୟୁ ହେଉଛି। ତେଣୁ ଏବେ କେବଳ ସ୍ୱୀକୃତିପ୍ରାପ୍ତ ସାପ ଧରାଳୀ ହିଁ ସାପ ଧରିବେ। ଯିଏ ଏହାକୁ ନମାନିବେ ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁଠି ଲୋକଙ୍କ ଜୀବନକୁ ସାପର ଭୟ ଥିବ ଯଥା ଘରେ ଭିତରେ ବା ଜନଗହଳି ସ୍ଥାନରେ ସାପ ଦେଖାଗଲେ ତାକୁ ଉଦ୍ଧାର କରାଯିବ। ସାପ ଧରାଳୀମାନେ ଲୋକଙ୍କ ମଧ୍ୟରେ ପରିବେଶରେ ସାପର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବେ, କେହି ସାପ ଧରି ଷ୍ଟଣ୍ଟ ଦେଖାଇବେନି। ଯଦି କେହି ଉଲ୍ଲଂଘନ କରିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଯେଉଁଠି ସାପର ଭୟ ଥିବ ସେଠାରେ ଲୋକମାନେ ସାପ ଧରାଳୀଙ୍କୁ ଫୋନ୍ କରିବେ। ଏହାସହ ସାପର ଗୋଟିଏ ଫଟୋ ଉଠାଇ ପଠାଇବେ। ସାପ ଧରାଳୀ କେତେ ସମୟ ଭିତରେ ତାଙ୍କ ନିକଟରେ ପହଞ୍ଚିବେ ତାହା ନିଶ୍ଚିତ କରିବେ। ଯଦି କେଉଁଠି ଲୋକଙ୍କୁ ସାପ କାମୁଡ଼ି ଥିବ ତେବେ ସାପ ଧରାଳୀ ଆଶୁ ଚିକିତ୍ସା ଯୋଗାଇବ ସହ ହସ୍ପିଟାଲ ପଠାଇବା ବ୍ୟବସ୍ଥା କରିବେ। ଉଦ୍ଧାର ସାପକୁ ତୁରନ୍ତ ଜଙ୍ଗଲରେ ଛାଡ଼ିବେ। ଯଦି ସାପ ଆହତ ହୋଇଥିବ ତେବେ ତା'ର ଚିକିତ୍ସା କରି ଛାଡ଼ିବେ, ଏକାଧିକ ସାପ ଉଦ୍ଧାର ହୋଇଥିଲେ ଗୋଟିଏ ସ୍ଥାନରେ ଛାଡ଼ିବେନି, ସ୍ଥାନୀୟ ବନ ବିଭାଗ କର୍ତ୍ତୃପକ୍ଷ ସେମାନଙ୍କ ଅଞ୍ଚଳରେ ସାପ କାମୁଡ଼ା ଏବଂ କାମୁଡ଼ା ଜନିତ ମୃତ୍ୟୁର ମାସିକ ରିପୋର୍ଟ ପ୍ରସ୍ତୁତ କରିବେ। ସାପ ଧରାଳୀଙ୍କ ପାଇଁ ବୀମା କରାଯିବ ବୋଲି କୁହାଯାଇଛି। ଏହାସହ ଯେଉଁମାନେ ସ୍ୱୀକୃତିପ୍ରାପ୍ତ ସାପ ଧରାଳୀ ହେବାକୁ ଆଗ୍ରହୀ ଅଛନ୍ତି ସେମାନେ ଆବେଦନ କରିବାକୁ କୁହାଯାଇଛି। ୬୫ବର୍ଷରୁ କମ୍ ବୟସର ଲୋକ ସ୍ୱୀକୃତିପ୍ରାପ୍ତ ସାପ ଧରାଳୀ ପଦବି ପାଇଁ ଆବେଦନ କରିପାରିବେ। ଏସିଏଫ୍‌ଙ୍କ ଦ୍ୱାରା ଗଠିତ କମିଟି ଆବେଦନପତ୍ର ଗ୍ରହଣ କରିବା ସହ ତାଲିକା ଚୂଡ଼ାନ୍ତ କରିବେ। ସ୍ୱୀକୃତିପ୍ରାପ୍ତ ସାପ ଧରାଳୀଙ୍କ ପାଖରେ ପିଭିସି ପାଇପ୍ ଏବଂ ବ୍ୟାଗ୍, ଫାଷ୍ଟ ଏଡ୍ କିଟ୍, ଟର୍ଚ୍ଚ/ହେଡ୍ ଲ୍ୟାମ୍ପ, ସାପ କାମୁଡ଼ା ବ୍ୟାଣ୍ଡେଜ୍, ସାପ ଧରା ହୁକ୍, ଫ୍ରେମ୍ ଲାଗିଥିବା କପଡ଼ା ବ୍ୟାଗ୍, ସାପ ଧରା ବ୍ୟାଗ୍, ନିଜକୁ ସୁରକ୍ଷିତ ରଖିବା ଭଳି ସାମଗ୍ରୀ ରଖିବାକୁ କୁହାଯାଇଛି।

## ଘରୋଇ ସ୍କୁଲରେ ମିଳିବ ମାଗଣା ପାଠ୍ୟପୁସ୍ତକ

**ଭୁବନେଶ୍ୱର :** ରାଜ୍ୟର ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ଓଡିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପରି ମାଗଣା ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ୫ଟି ଉପକ୍ରମରେ ଏହି ଯୋଜନା ହାତକୁ ନିଆଯାଇଛି। ଆଗାମୀ ଶିକ୍ଷାବର୍ଷ ୨୦୨୪-୨୫ରୁ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମାଗଣା ପାଠ୍ୟପୁସ୍ତକ ରାଜ୍ୟ ସରକାର ଯୋଗାଇ ଦେବେ। ଏହା ଦ୍ୱାରା ରାଜ୍ୟର ୩୬୨୦ଟି ଘରୋଇ ତଥା ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୯ କୋଟି ୪୩ ଲକ୍ଷ ଟଙ୍କା ବାର୍ଷିକ ଖର୍ଚ୍ଚ କରିବେ। ସୂଚନାଯୋଗ୍ୟ ଯେ, ଘରୋଇ ଓଡିଆ ମାଧ୍ୟମ ବିଦ୍ୟାଳୟମାନଙ୍କରେ ପାଠ ପଢୁଥିବା ପିଲାମାନେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ମଧ୍ୟ ପ୍ରତିପାଦନ କରିଆସୁଛନ୍ତି। ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇବା ସହ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟ ଆଦି ରାଜ୍ୟମାନଙ୍କରେ ଥିବା ଓଡିଆ ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇଆସୁଛନ୍ତି।

### ବିଏମସିର ଚେତାବନୀ

# ଡେଙ୍ଗୁ ମଶା କି ଲାର୍ଭା ମିଳିଲେ ଦେବାକୁ ପଡ଼ିବ ଜୋରିମାନା

**ଭୁବନେଶ୍ୱର:** ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ଜ୍ୱର ପୀଡ଼ିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ କଡ଼ା ଚେତାବନୀ ଜାରି ହୋଇଛି। ବିଏମସି ଅଞ୍ଚଳରେ ଥିବା ବ୍ୟକ୍ତିଗତ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଅବା ସଂସ୍ଥା ପରିସରରେ ଡେଙ୍ଗୁ ମଶା ଜନ୍ମ ନେଉଥିବାର ସ୍ଥାନ କିମ୍ବା ଲାର୍ଭା ମିଳିଲେ ଏଣିକି ଜୋରିମାନା ଆଦାୟ କରାଯିବ। ଅଧିକ ଦିନଧରି ପାଣି ଜମି ରହି ଡେଙ୍ଗୁ ବଂଶ ବୃଦ୍ଧି କରୁଥିବାର ପ୍ରମାଣ ମିଳିଲେ ୧ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ ହେବ ବୋଲି ବିଏମସି ଚେତାବନୀ ଦେଇଛି। ବିଏମସି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜଧାନୀ ଭୁବନେଶ୍ୱର ବାସିନ୍ଦାଙ୍କ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ଏଣିକି ନିୟମିତ ଯାଞ୍ଚ କରାଯିବ। ଯଦି ସେମାନଙ୍କ



ପରିସରରେ ଥିବା ଫୁଲ କୁଣ୍ଡ, ନଡ଼ିଆ କତା, ଅବ୍ୟବହୃତ ଟାୟାର, ପେପର କପ୍, ବାସନକୁସନ ଆଦିରେ ପାଣି ଜମି ରହି ଡେଙ୍ଗୁ ମଶା ବଂଶବୃଦ୍ଧି କରୁଥିବାର ପ୍ରମାଣ ମିଳେ ତା'ହେଲେ ସେମାନଙ୍କଠୁ ଜୋରିମାନା ଆଦାୟ କରାଯିବ। ଡେଙ୍ଗୁ ମଶା ବଂଶ ବୃଦ୍ଧି କରିବା ଭଳି ଏସବୁ ସ୍ଥାନରେ ଯଦି ଦୀର୍ଘଦିନ ଧରି ପାଣି ଜମି ରହିଛି ସେଥିପ୍ରତି ଦୃଷ୍ଟି ଦେବାକୁ ବିଏମସି ପରାମର୍ଶ ଦେଇଛି। ବିଏମସି ଟିମ୍ ଆସନ୍ତା ଅଗଷ୍ଟ ୧୫ତାରିଖରୁ ନିୟମିତ ଭାବେ ବିଭିନ୍ନ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନୁଷ୍ଠାନରେ ସରପ୍ରାଇଜ୍ ଯାଞ୍ଚ କରିବ। ଯଦି କେଉଁଠି ମଶା ବଂଶ ବୃଦ୍ଧି ଭଳି ପରିବେଶ ଥିବ ସେହି ବ୍ୟକ୍ତିଗତ ଘର ଉପରେ ୧ହଜାର ଟଙ୍କା, ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନଠୁ ୫ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ। ରାଜଧାନୀ ଭୁବନେଶ୍ୱରରରେ ଡେଙ୍ଗୁ ମଶା ବଂଶ ବୃଦ୍ଧିକୁ ରୋକିବା ପାଇଁ ଲାର୍ଭା ତେଲ ଛିଂଚନ, ଧୂଆଁ ସ୍ପ୍ରେ ଆଦି ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଥିବାବେଳେ ସାଧାରଣ ଲୋକଙ୍କ ସହଯୋଗ ବିନା ଡେଙ୍ଗୁ ମଶା ସମସ୍ୟା ଉପରେ ନିୟନ୍ତ୍ରଣ ସମ୍ଭବପର ନୁହେଁ। ତେଣୁ ବିଏମସି ପକ୍ଷରୁ ଏଭଳି ଜୋରିମାନା ଧାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କ ସବୁ ଲୋକାଭିମୁଖୀ ଯୋଜନା ଶତ ପ୍ରତିଶତ ସଫଳ

### ପ୍ରତ୍ୟେକ ବ୍ୟକ୍ତି ପାଇବେ ଲାଭ

**ଭୁବନେଶ୍ୱର :** ମୋ ଘର, ଆମ ଓଡ଼ିଶା, ନବୀନ ଓଡ଼ିଶା। ହସିବ ଗାଁ, ହସିବ ଓଡ଼ିଶା। ବିକଶିତ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ମାଇଲଖୁଣ୍ଟ। ପଞ୍ଚମ ପାଳିରେ ନବୀନଙ୍କ ସବୁ ଲୋକାଭିମୁଖୀ ଯୋଜନା ସଫଳ। ୨୫ ବର୍ଷ ଧରି ଜନସେବା ଜାରି ରଖିଛନ୍ତି ନବୀନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ପ୍ରତ୍ୟେକ ଓଡ଼ିଆଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେଡି ଅଣ୍ଟା ଭିଡ଼ିଛି। ୨୦୨୪ ନିର୍ବାଚନ ପ୍ରସ୍ତୁତି ସହ ସବୁ ନିର୍ବାଚନୀମଣ୍ଡଳୀରେ ଦଳ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ପହଞ୍ଚାଯିବ। ତୃଣମୂଳ ସ୍ତରରେ ବିଜେଡି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ନିର୍ବାଚନରେ ବଡ଼ ବିଜୟ ହେବ ବୋଲି ଶାସକ ଦଳର ମନ୍ତ୍ରୀ ଓ ବିଧାୟକ ଯୁକ୍ତି ବାଢ଼ିଛନ୍ତି। ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀ ମନସ୍ଥ କରିଥିବା ବିଜେଡି କହିଛି। ସବୁକ୍ଷେତ୍ରରେ ଦେଶର ୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ



ମୁଖ୍ୟମନ୍ତ୍ରୀ କାମ କରିଚାଲିଛନ୍ତି। ଶିଳ୍ପ, କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ପର୍ଯ୍ୟଟନର ବିକାଶଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଦେଶରେ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା। ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗରେ ବିଜେଡିର ଲଢ଼େଇ ଜାରି ରହିବ। ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ପ୍ରତ୍ୟେକ ଓଡ଼ିଆଙ୍କୁ ସାମିଲ କରିବାକୁ ବିଜେଡି ଲକ୍ଷ୍ୟ ରଖିଛି। ଦେଶ ଓ ରାଜ୍ୟରେ ନିର୍ବାଚନ ହାଓ୍ୱା ବହିଲାଣି। ସବୁ ଦଳ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେବେ ବିଜେଡି ସବୁବେଳେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ନିର୍ବାଚନ ନୁହେଁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ବିକଶିତ ଓଡ଼ିଶା ଗଠନ ପାଇଁ ବିଜେଡି ନେତା ଓ କର୍ମୀ କାମ କରୁଛନ୍ତି। ଏପରି ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶାବାସୀଙ୍କର ଅକୁଣ୍ଠ ଆଶୀର୍ବାଦ ରହିଛି।

# କିନ୍ନରଙ୍କୁ ହକ୍ ଦେବାରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର :** କିନ୍ନରଙ୍କୁ ହକ୍ ଦେବାରେ ଓଡ଼ିଶା ପ୍ରଥମ। ସମାଜର ମୁଖ୍ୟସ୍ରୋତରେ ସାମିଲ ତୃତୀୟ ଲିଙ୍ଗୀ। ସରକାରଙ୍କ ବିଭିନ୍ନ ଯୋଜନାରେ ଭାଗିଦାର। ବଢାଇଛନ୍ତି ସହଭାଗିତାର ହାତ। ମିଳିଛି ସମ୍ମାନର

## ସମାଜର ମୁଖ୍ୟସ୍ରୋତରେ ସାମିଲ ତୃତୀୟ ଲିଙ୍ଗୀ

ସହ ବଞ୍ଚିବାର ନ୍ୟାଯ୍ୟ ଅଧିକାର। ୨୦୧୪ରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଦେଶରେ ପ୍ରଥମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୪ ହଜାର କିନ୍ନରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିଥିଲେ। ମଧୁବାବୁ ପେନସନ୍ ଯୋଜନାରେ ମାସିକ ୫୦୦ ଟଙ୍କା ସହାୟତା ମିଳୁଛି। ଏହାସହିତ



ବିଦ୍ୟାଳୟ ସ୍ତରରେ ପାଠ ପଢିବା ପାଇଁ ତୃତୀୟ ଲିଙ୍ଗୀଙ୍କୁ ମିଳୁଛି ମାସିକ ୩ ହଜାର ଟଙ୍କା। ଉଚ୍ଚଶିକ୍ଷା ପାଇଁ ବି ଦିଆଯାଉଛି ବୃତ୍ତି। 'ସ୍ୱୀକୃତି' ଯୋଜନା ଅନ୍ତର୍ଗତ କିନ୍ନରଙ୍କ ଆର୍ଥିକ ବିକାଶ ଓ ସେମାନଙ୍କ ସଦସ୍ୟତାରେ ରାଜ୍ୟରେ ଗଢିଉଠିଛି ସ୍ୱୟଂ ସହାୟକ ଗୋଷ୍ଠୀ। ଏବେ ପ୍ରତ୍ୟେକ ଏସଏଚଜିଙ୍କୁ ଆବର୍ତ୍ତନ ପାଣ୍ଠି ବାବଦରେ ମିଳୁଛି ୫୦ ହଜାର ଟଙ୍କା। ଆଗକୁ ଏହି ରାଶିର ପରିମାଣ ୧ ଲକ୍ଷ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯିବ। କିନ୍ନରଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିଛନ୍ତି ମୁଖ୍ୟମନ୍ତ୍ରୀ। ହୋଲ୍ଡିଂ ଟିକସ ଆଦାୟଠାରୁ ଆରମ୍ଭ କରି ଆବର୍ଜନା ପରିଚାଳନା, ପାର୍କିଂ ଫି ଆଦାୟ, ବସ୍ କଣ୍ଡକ୍ଟର୍ ଭଳି ନିଯୁକ୍ତି ମିଳିଛି। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିଥିବା ବଡ଼ ବଡ଼ କର୍ପୋରେଟ୍ କମ୍ପାନୀରେ କିନ୍ନରଙ୍କୁ ମିଳିଛି ଲୋକୋ ପାଇଲଟ୍ ନିଯୁକ୍ତି। କିନ୍ନରଙ୍କୁ ସାମାଜିକ ନ୍ୟାୟ ଯୋଜନାରେ ଆର୍ଥିକ ବିକାଶ କ୍ଷେତ୍ରରେ ଅଗ୍ରଣୀ କରିବାରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି କିନ୍ନର ସମାଜ। ତୃତୀୟ ଲିଙ୍ଗୀ ଓଡ଼ିଶାରେ ପାଇଛନ୍ତି ମଣିଷ ପରି ବଞ୍ଚିବାର ଅଧିକାର। ସବୁ ବର୍ଗର ଆର୍ଥିକ ଓ ସାମାଜିକ ବିକାଶ କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ଯେଭଳି ଭାବେ ଓଡ଼ିଶା ସରକାର କିନ୍ନରଙ୍କୁ ସରକାରୀ ଯୋଜନା ସହିତ ସାମିଲ କରିଛନ୍ତି ତାହା ଅନ୍ୟ ରାଜ୍ୟ ପାଇଁ ସୃଷ୍ଟି କରିଛି ଉଦାହରଣ।

### ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ସଚିବଙ୍କ ଚିଠି

# ନାମଲେଖାରେ ବାଧ୍ୟତାମୂଳକ ନୁହେଁ ଆଧାର କାର୍ଡ

**ଭୁବନେଶ୍ୱର :** ସ୍କୁଲରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଏ ନେଇ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ଗଣଶିକ୍ଷା ସଚିବ। ଆଧାର କାର୍ଡ ଥାଉ ବା ନଥାଉ ସ୍କୁଲରେ ନାମ ଲେଖାଇ ହେବ ବୋଲି ଗଣଶିକ୍ଷା ବିଭାଗ କହିଛି। ଚଳିତ ଶିକ୍ଷାବର୍ଷ ଆରମ୍ଭ ହୋଇ ସାରିଥିବା ବେଳେ ନାମଲେଖା ଜାରି ରହିଛି। ନାମଲେଖାକୁ ସହଜ ଓ ସରଳ କରିବା ଲାଗି ପୂର୍ବରୁ ନିର୍ଦ୍ଦେଶ ଦିଆ ଯାଇଥିଲା। କେତେକ ସ୍କୁଲରେ ନାମଲେଖା ସମୟରେ ଅଭିଭାବକଙ୍କୁ ପ୍ରଧାନଶିକ୍ଷକ ଆଧାରକାର୍ଡ ମାଗୁଥିବା ନଜରକୁ ଆସିଛି। ତେବେ ନାମଲେଖା ପାଇଁ ଆଧାର କାର୍ଡ



ବାଧ୍ୟତାମୂଳକ ନୁହେଁ। ଆଧାରକାର୍ଡ ବିନା ନାମଲେଖା ହୋଇ ପାରିବ ବୋଲି ସଚିବ ସବୁ ଜିଲ୍ଲାର ଡିଇଓଙ୍କୁ ଚିଠି କରିଛନ୍ତି। ପରେ ଆଧାରକାର୍ଡ ପ୍ରସ୍ତୁତ କରି ଜମା କରିପାରିବେ ଛାତ୍ରଛାତ୍ରୀ। ସଚିବ ଚିଠିରେ ଲେଖିଛନ୍ତି, ନାମଲେଖା ପାଇଁ ଆଧାରକାର୍ଡ ଆବଶ୍ୟକ ନାହିଁ। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀ ଜିଲ୍ଲାର ଅଧିକାରୀଙ୍କୁ ଯୋଗାଯୋଗ କରି ଆଧାର କାର୍ଡ ସଂଗ୍ରହ କରି ପାରିବେ ବୋଲି କୁହାଯାଇଛି। ଏନେଇ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଜଣାଇବାକୁ ଡିଇଓଙ୍କୁ ଚିଠି କରିଛନ୍ତି ବିଭାଗୀୟ ସଚିବ। ବିଦ୍ୟାଳୟରେ ସୁରୁଖୁରୁରେ ନାମଲେଖା ପାଇଁ ଏବାବଦରେ ପ୍ରଧାନଶିକ୍ଷକମାନଙ୍କୁ ଅବଗତ କରିବାକୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଂକୁ ନିର୍ଦ୍ଦେଶ ରହିଛି। ଏଥିରେ ଖିଲାପ କଲେ ତାକୁ ଗୁରୁତ୍ୱର ଭାବେ ନିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

### ବଦଳିବ ପ୍ରାଥମିକ ଶ୍ରେଣୀଗୃହର ପରିବେଶ

# ୧୬ ଜିଲ୍ଲାର ୬ ହଜାର ପ୍ରାଥମିକ ସ୍କୁଲ ହେବ ଅତ୍ୟାଧୁନିକ

**ଭୁବନେଶ୍ୱର :** ୧୬ଟି ଜିଲ୍ଲାର ପ୍ରାଥମିକ ସ୍କୁଲର ପରିବେଶ ବଦଳିବ। ଛାତ୍ରଛାତ୍ରୀଙ୍କ କୋମଳ ମନରେ ଶିକ୍ଷା ପ୍ରତି ଆଗ୍ରହ, କୌତୁହଳ, ଉତ୍ସାହ ଆଣିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବ୍ୟାପକ ବ୍ୟବସ୍ଥା କରିଛି। ଶ୍ରେଣୀଗୃହ ପରିବେଶକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ମୌଳିକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ମରାମତି ସୁବିଧା ଯୋଗାଇ ଦେବାକୁ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଛି। ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନେ ପଢ଼ିବା, ଲେଖିବା, ଆବଶ୍ୟକୀୟ ଶିକ୍ଷଣ ଦକ୍ଷତା ହାସଲ କରିବା ଲକ୍ଷ୍ୟରେ ଶ୍ରେଣୀଗୃହ ପରିବେଶକୁ ଅନୁକୂଳ କରିବାର ପଦକ୍ଷେପ ନିଆଯାଉଛି। ଶ୍ରେଣୀଗୃହକୁ ଶିଶୁ ସୁଲଭ, ଆକର୍ଷଣୀୟ,



ଆନନ୍ଦମୟ କରିବା ପାଇଁ ବିଭିନ୍ନ କାନ୍ଥଚିତ୍ର, ବିଭିନ୍ନ ଆକୃତିର ଡେସ୍କ, ଆଲମାରୀ/ଥାକ, ଗ୍ରୀନ୍ ବୋର୍ଡ, ପ୍ରଦର୍ଶନ ବୋର୍ଡ, ଶୈକ୍ଷିକ ଉପକରଣ ଝୁଲାଇବା ପାଇଁ ହୁକ, ବସିବା ପାଇଁ ଦରି, ଶ୍ରେଣୀଗୃହର ଆବଶ୍ୟକ ମରାମତି, ବିଦ୍ୟୁତିକରଣ ଓ ଆଲୋକୀକରଣ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନର ବ୍ୟବସ୍ଥା ଆଦି କରାଯିବ। ଏହା ପ୍ରାଥମିକ ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ବିକାଶରେ ଅତ୍ୟନ୍ତ ସହାୟକ ହେବ। ଶିକ୍ଷାର ମୂଳଦୁଆ ହେଉଛି ପ୍ରାଥମିକ ଶିକ୍ଷା। ଏହି ମୂଳଦୁଆ ଉପରେ ଭବିଷ୍ୟତର ଉଚ୍ଚ ଶିକ୍ଷା ଗଢ଼ି ଉଠିଥାଏ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ପ୍ରଚଳନର ଉଦ୍ଦେଶ୍ୟ ହେଉଛି ଏହି ମୂଳଦୁଆକୁ ମଜଭୁତ କରିବା। ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ଭାଷା ଓ ଗାଣିତିକ ଜ୍ଞାନରେ ପାରଦର୍ଶୀ ହୋଇପାରିବେ ସେଥିପ୍ରତି ଲକ୍ଷ୍ୟ ସ୍ଥିର ହୋଇଛି। ଲକ୍ଷ୍ୟ ହାସଲ ପାଇଁ ସ୍ୱତନ୍ତ୍ର ଢାଞ୍ଚାରେ ପାଠ୍ୟକ୍ରମ ପ୍ରସ୍ତୁତି, ଚିତ୍ତାକର୍ଷକ ଶିକ୍ଷଣ ସାମଗ୍ରୀ, ଶିକ୍ଷକ ଦକ୍ଷତା ବିକାଶ, ମୂଲ୍ୟାଙ୍କନ ଶୈଳୀ ଇତ୍ୟାଦି ପର୍ଯ୍ୟାୟକ୍ରମ ବିକାଶ କରାଯାଇଛି। ଜିଲ୍ଲାରେ ଛାତ୍ରଛାତ୍ରୀ ଅନୁକୂଳ ଶ୍ରେଣୀଗୃହ ନିର୍ମାଣ ପୂର୍ବରୁ ପାଇଲଟ୍ ପ୍ରକଳ୍ପ ଭାବେ ରାଜଭବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗ୍ରହଣ କରାଯାଇଥିଲା। ଏହି ପ୍ରାଥମିକ ବିଦ୍ୟାଳୟରେ ବିକାଶିତ ହୋଇଥିବା ଶ୍ରେଣୀଗୃହକୁ ସମସ୍ତ ବୈଷୟିକ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ପରିଦର୍ଶନ କରି ତାଲିମ ନେଇଛନ୍ତି। ଏହି ବିଦ୍ୟାଳୟରେ ସମସ୍ତ ସୁବିଧା ସୁଯୋଗ କରିବା ପରେ ଛାତ୍ରଛାତ୍ରୀଙ୍କ ଭିତରେ ଆକାଂକ୍ଷିତ ଶୈକ୍ଷିକ ବିକାଶ ହେଉଥିବା ଲକ୍ଷ୍ୟ କରାଯାଇଛି। ପରେ ସମାନ ଢାଞ୍ଚାରେ ଶ୍ରେଣୀଗୃହ ପ୍ରସ୍ତୁତି କରିବା ପାଇଁ ପଦକ୍ଷେପ ନିଆଯାଇଛି। ସମସ୍ତ ୧୬ଟି ଜିଲ୍ଲାରେ ବିଦ୍ୟାଳୟ ସ୍ତରରେ ଏସଏଲଏନ୍ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ସମସ୍ତ ବରିଷ୍ଠ ବୈଷୟିକ ପରାମର୍ଶଦାତାଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

# କଲେଜରେ ହେବ ଭୋଟର ପଞ୍ଜିକରଣ

**ଭୁବନେଶ୍ୱର :** ରାଜ୍ୟରେ ଯୁବ ଭୋଟର ସଂଖ୍ୟା ବୃଦ୍ଧି ପାଇଁ କଲେଜଗୁଡ଼ିକରେ ସ୍ୱତନ୍ତ୍ର ପଞ୍ଜିକରଣ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପରାମର୍ଶରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଉପସଚିବ ରମେଶ ଚନ୍ଦ୍ର ବେହେରା ୩ ଦିନ ତଳେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ସରକାରୀ ଓ ବେସରକାରୀ କଲେଜର ଅଧକ୍ଷମାନଙ୍କୁ ଚିଠି ଲେଖି ଭୋଟର ପଞ୍ଜିକରଣ ବୃଦ୍ଧି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ବେହେରା ତାଙ୍କ ଚିଠିରେ ଦେଶ ନିର୍ମାଣ ପ୍ରକ୍ରିୟାରେ ସାମିଲ ହେବା ଓ ଭୋଟ ଦାନ ଅଧିକାରର ଉପଯୋଗ ନିମନ୍ତେ ଯୁବ ଭୋଟର ପଞ୍ଜିକରଣ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଶିକ୍ଷାନୁଷ୍ଠାନରେ ଏହି ଭୋଟର ପଞ୍ଜିକରଣ ପାଇଁ ଏନଏସଏସ୍ ପ୍ରୋଗ୍ରାମ ଅଫିସର, ଓ୍ୱାଇଆରଏସ୍ କାଉନସେଲର, ଏନସିସି ଅଫିସରମାନେ ସ୍ୱତନ୍ତ୍ର ଆଗ୍ରହ ଦେଖାଇ ଯୁବ ଭୋଟରମାନଙ୍କ ମଧ୍ୟରେ ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗତ ଜୁଲାଇ ୨୦ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରଓ୍ୱାଲଙ୍କୁ ଚିଠି ଲେଖି ଶିକ୍ଷାନୁଷ୍ଠାନଗୁଡ଼ିକ ମାଧ୍ୟମରେ ଭୋଟର ପଞ୍ଜିକରଣ ହାର ବୃଦ୍ଧି କରାଇବାକୁ କହିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ପ୍ରକ୍ରିୟା ପରେପରେ ସ୍ୱତନ୍ତ୍ର ଅଭିଯାନ କରି ଭୋଟର ପଞ୍ଜିକରଣ କରାଇବା ପାଇଁ କହିଛନ୍ତି। ନୂଆ ଭୋଟର ପଞ୍ଜିକରଣ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଆଡ଼ମିଶନ ଫର୍ମ ସହ ଏହି ଭୋଟର ପଞ୍ଜିକରଣ ଫର୍ମ ଦେବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀ ଚାହିଁଲେ ଭୋଟର ହେଲପଲାଇନ୍ ଆପ୍ ମାଧ୍ୟମରେ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ। ଯେଉଁମାନଙ୍କର ବୟସ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ବର୍ଷ ବୟସ ହୋଇଥିବ ସେମାନେ ଏହି ଭୋଟର ପଞ୍ଜିକରଣରେ ସାମିଲ ହୋଇପାରିବେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପିଲାମାନେ ସ୍ୱାଗତ କରିଛନ୍ତି। କଲେଜ କ୍ୟାମ୍ପସରେ ଭୋଟର ପଞ୍ଜିକରଣର ସୁବିଧା ରହିଲେ ଅଧିକ ପିଲା ଏହାର ଫାଇଦା ନେଇପାରିବେ ବୋଲି କହିଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ଅଗଷ୍ଟ, ୨୦୨୩

# ଜଣକର ଦୋଷ ନୁହେଁ



ସମ୍ପାଦକୀୟ

ତାରକ ମହାନ୍ତି

ରାଜନୀତି ଗଣିତ ବଡ଼ ଜଟିଳ ଗଣିତ। କେତେବେଳେ କେଉଁ ନେତା କେଉଁ ଦଳ ପାଇଁ ଖୁସି ଆଣିବେ ତ ଆଉକିଏ ଦଳ ପାଇଁ ବୋଝ ପାଲଟିବେ ତାହା କହିବା ମୁସ୍କିଲ। କାରଣ ଆଜିକାଲିର ସ୍ୱାର୍ଥସର୍ବସ୍ୱ ରାଜନୀତି ପିଢ଼ି ପରେ ପିଢ଼ି ପାଇଁ ଧନ ସଞ୍ଚିବା ହେଉଛି ସବୁଠୁ ବଡ଼ କଥା। ଜନତାଙ୍କ ସେବା ନାଁରେ ରାଜନୀତିକୁ ଆସୁଥିବା ପ୍ରତ୍ୟେକ ନେତାଙ୍କ ଚରିତ୍ର ଏଭଳି କି ନୁହେଁ ତାହା ପରଖି ଦେଖିପାରନ୍ତି। ଜନତା ବି ସେମିତି। କେଉଁ ନେତା କଣ ଦେବେ କେତେ ଦେବେ ତାହା ଉପରେ ନଜର ରହୁଛି। ଜନସାଧାରଣ ଏଯାଏ ବୁଝିପାରୁନାହାନ୍ତି ଯେ ନେତା ଦେଉଥିବା ଟଙ୍କା ନେତାଙ୍କ ପକେଟ ଅର୍ଥ ନୁହେଁ, ତାହା ସେହି ଜନତାଙ୍କ ପକେଟରୁ ହିଁ ଯାଉଛି। ତେଣୁ ଭଲ ମଣିଷ ବଦଳରେ ଯେପର୍ଯ୍ୟନ୍ତ ଟଙ୍କା ବାଣ୍ଟୁଥିବା ମିଛ ଦାତା ବା ନେତା ସାଧାରଣ ଭାବେ ଜନତାଙ୍କ କେଉଁ ଉପକାର କରୁଛନ୍ତି। ଦରଦାମ ବୃଦ୍ଧିକୁ ଦେଖିଲେ ଆଜିକାଲି ଯେତେ ଆୟ କଲେ ବି ପେଟ ପୁରୁନାହିଁ। ଏହାର କାରଣ ଲୋକଙ୍କୁ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଦେବା ସରକାରଙ୍କ ଦାୟିତ୍ୱ। ଏଥିରେ ବର୍ଗୀକରଣ କରାଯିବା ଆଦୌ ସମିଚୀନ ମନେ ହୁଏନାହିଁ। ପରନ୍ତୁ ମାଗଣା ନାଁରେ ଯେଉଁ ଯୋଜନା ହେଉଛି ତାହା ଉପଯୁକ୍ତ ସର୍ଭେ ବିନା ପ୍ରଚଳନ ହେଉଛି। ଯେଉଁଥିପାଇଁ ଗରିବ ବୋଲି କୁହାଯାଇ ଯେଉଁମାନଙ୍କୁ ମାଗଣା ଯୋଜନାର ଫଳ ପ୍ରାପ୍ତ କରାଯାଉଛି ସେଥିରେ କେତେ ଯଥାର୍ଥତା ରହିଛି ତାହାର ଅନୁଧାନ ଦରକାର। ଦେଶ ହେଉ କି ରାଜ୍ୟ ଗୋଟେ ନିର୍ବାଚିତ ସରକାର ପାଇଁ ସମସ୍ତେ ଦେଶର ନାଗରିକ ଏବଂ ସମସ୍ତଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ସରକାରଙ୍କ କର୍ତ୍ତବ୍ୟ। ଏଥିରେ ଦଳ ବା ଗୋଷ୍ଠୀଗତ ବିଚାର କରାଯିବା ଅନୁଚିତ। ମାତ୍ର ଆଜିକାଲି ଯାହା ଦେଖିବାକୁ ମିଳୁଛି ତାହା ହେଲା ନିଜ ଦଳର କର୍ମୀ କିଭଳି ଖୁସ ରହିବେ ଓ ଲଗାତାର ଭୋଟ ଦେଇଚାଲିବେ ତାହା ହେଉଛି ଅସଲ କଥା। ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ଯେବେ ଗରିବୀକୁ ନେଇ ନୂତନ ଯୋଜନା ପ୍ରସ୍ତୁତ କରାଯିବ ତେବେ ବିକଶିତ ଦେଶର ମାନ୍ୟତା ପାଇବାକୁ ଆଉ କେତେ ବର୍ଷ ଲାଗିବ? ଯଦିଓ ବର୍ତ୍ତମାନ ସ୍ଥିତିରେ ଭାରତ ଏବେ ଦ୍ରୁତ ବିକାଶ ପଥରେ ଯାଉଛି, ତଥାପି ସାଧାରଣ ଜନତାଙ୍କ ବିକାଶ ପଛେଇ ଯିବାର କାରଣ କଣ ବୋଲି ପ୍ରଶ୍ନ ବି ଉଠୁଛି। ସେହି ପୁରୁଣା ଧାରା ଆଜି ବି ବଳବତ୍ତର ଥିବା ଭଳି ଲାଗୁଛି. କାହିଁକିନା ଧନୀକ ଗୋଷ୍ଠୀ ଅତି ଧନୀ ହୋଇଚାଲିଥିଲା ବେଳେ ଅଭାବୀ ଗୋଷ୍ଠୀ ଅଭାବ ସହିତ ଯୁଝି ହେଉଛନ୍ତି। ନେତାଙ୍କ ପୁଅ ଝିଅ ନେତା ହେବାର ଯଥେଷ୍ଟ ପ୍ରମାଣ ଥିଲାବେଳେ ଅଳ୍ପ କିଛି ନେତା ଜନତାଙ୍କ ପସନ୍ଦରେ ନିର୍ବାଚିତ ହେଉଛନ୍ତି। ହେଲେ ଦଳ ଭିତ୍ତିକ ରାଜନୀତି କାରଣରୁ ସ୍ୱାଧୀନ ନେତା ଅଧିକ କିଛି କରିପାରୁନାହାନ୍ତି। ଯାହାଫଳରେ ଯୋଜନାବଦ୍ଧ ରାଜନୀତିର ଶିକାର ହୋଇପଡୁଥିବା ବୁଦ୍ଧିଜୀବୀ, ଗୁଣି, ଜ୍ଞାନୀ ତଥା ଜନତାଙ୍କ ସେବାକାରୀ ନେତା ସୁଯୋଗ ପାଇପାରୁନାହାନ୍ତି। ବ୍ୟୟବହୁଳ ରାଜନୀତି ସମୟରେ ସାଧାରଣ ଲୋକଟିଏ ନେତା ହେବା ଅସମ୍ଭବ ହୋଇପଡୁଛି। ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ଓ ନିର୍ବାଚନ ଜିତିବା ଦୁଇଟି ଭିନ୍ନ ପ୍ରସଙ୍ଗ। ଜଣେ ହୁଏତ ସ୍ୱଳ୍ପ ସାଧନ ବା ଅଳ୍ପ ଟଙ୍କାରେ ନାମାଙ୍କନ ଭରିପାରେ। ମାତ୍ର ନିର୍ବାଚନ ଜିଣିବା ଏତେ ସହଜ ନୁହେଁ। ଆଜିକାଲି ଗ୍ରାମାଞ୍ଚଳରେ ସରପଞ୍ଚ ହେବା ମଧ୍ୟ ଅତ୍ୟନ୍ତ ବ୍ୟୟ ବହୁଳ ହୋଇପଡିଛି। ଖାଲି ଭଲ ଚରିତ୍ର ବା ନିଜର ଦକ୍ଷତା ଆଧାରରେ ଆଉ ସରପଞ୍ଚ ହେଉନାହାନ୍ତି। ଏଥିରେ ଦଳୀୟ ଚିହ୍ନ ଓ ନିର୍ବାଚନୀ ପ୍ରଚାର ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ହେଉଛି ବଡ଼ କଥା। ଗଣତନ୍ତ୍ରର ମହାଯଜ୍ଞରେ ରାଜନୀତିର ପାଶାପାଲି ଖେଳ ଏତେ ଜଟିଳ ହୋଇପଡିଛି ଯେ ସେଥିରେ ସାଧାରଣ ଜନତା କେବଳ ନିରବ ଦ୍ରଷ୍ଟା ହେବା ବ୍ୟତିରେକ ଅନ୍ୟ କୌଣସି ପନ୍ଥା ନାହିଁ। ଆଗରୁ ଯେପରି ଜୋର ଯାର ମୁଲକ ତାର ଥିଲା ତାହା ଆଜି ବି ମାନ୍ୟତା ରଖିଛି। ଯାହା ପାଖରେ ଟଙ୍କା ଅଛି ସେ ହିଁ କ୍ଷମତାର ହକଦାର। ବୁଦ୍ଧି, ବିବେକ, ଜ୍ଞାନ ଆଉ ରାଜନୀତିର ପରିଭାଷା ହୋଇ ରହିନାହିଁ। ପୂର୍ବରୁ ରାଜନୀତିର ମୂଳ ମନ୍ତ୍ର ସେବା ରହିଥିଲା, ହେଲେ ଏବେ ସେବାରେ ସୀମିତ ନୁହେଁ ରାଜନୀତି। ଆଜିର ସମୟରେ ଦେବା ଓ ନେବା ହେଉଛି ଅସଲ ରାଜନୀତି। ଭୋଟରଙ୍କୁ କେତେ ଦେଇ କିଣିହେବ ଏବଂ ଭୋଟର କେତେ ଭୋଟ ଦେଇପାରିବେ ସେହି ଗଣିତ ଆଧାରରେ ରାଜନୀତି ଅଙ୍କ ଆଗକୁ ବଢୁଛି। ମାଗଣା ନେଉଥିବା ଲୋକ କେବେ ବି ଚିନ୍ତା କରେନି ଯିଏ ଦେଉଛି ସେ ଆଣୁଚି କେଉଁଠୁ। କେହି ନିଜ ଗଚ୍ଛିତ ବା ସଂଚିତ ଧନକୁ ଅଯାଚିତ ଭାବେ ବାଣ୍ଟିଦେଉନି। ତେଣୁ ଯିଏ ଟଙ୍କା ଫୋପାଡ଼ି ରାଜନୀତି କରୁଛି ସେ ଜାଣେ ଯେ ଭୋଟର ନେଉଥିବା ଲାଞ୍ଚ କେଉଁ ଉପାୟରେ ସଂଗ୍ରହ କେରିହେବ। ତାହା ପୁଣି କେବଳ ମୂଳଧନ ନୁହେଁ ଯଥେଷ୍ଟ ଅଧିକ ସୁଧ ସହିତ ନିଶ୍ଚୟ ଫେରିଆସିବ। ଏହି ଫେରିଆସିବାର ଗୁରୁମନ୍ତ୍ର ପିସି। ଯାହାକୁ ନେଇ ବିରୋଧୀ ବାରମ୍ବାର ପ୍ରଶ୍ନ ଉଠାଇଥାନ୍ତି. ହେଲେ ଏହାର ପ୍ରଭାବ କାହା ଉପରେ ପଡ଼ିନଥାଏ। କାରଣ ଶାସନ ଓ ପ୍ରଶାସନ ଉଭୟ ଯେତବେଳେ ପିସି ଉପରେ ନିର୍ଭରଶୀଳ କିଏ କାହାକୁ ଦୋଷ ଦେବ ବା ଦଣ୍ଡିତ କରିବ। ପିସି କାରବାର ସମ୍ପୂର୍ଣ୍ଣ ଏକ ମିଳିତ ପ୍ରକ୍ରିୟା ବୋଲି କହିପାରିବା। ତଳ ଲୋକ ପିସି ନେଲେ ସେଥିରେ ଉପର ଲୋକର ଭାଗ ଥାଏ। ସେହିଭଳି ଉପର ଲୋକ ନିଜ ସୁରକ୍ଷା ଦୃଷ୍ଟିରୁ ଆଉ କାହାକୁ ଭାଗ ଦେଇଥାଏ। ଏଥିରେ ଜଣକୁ କାହାକୁ ଦୋଷ ଦିଆଯାଇପାରିବନି।

# ମୁସଲିମ ଲିଗ ଦ୍ୱାରା ମୋପଲା ହିନ୍ଦୁ ନରସଂହାର ଦୋହରାଇବାର ଚେତାବନୀ



ଡ. ସମନ୍ୱୟ ନନ୍ଦ

ଭାରତକୁ ବିଭାଜନ କରି ଏକ ନୂଆ ଦେଶ ପାକିସ୍ତାନ ଗଠନ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ମୋହମ୍ମଦ ଅଲୀ ଜିନ୍ନାଙ୍କ ପାର୍ଟି ମୁସଲିମ ଲିଗ। ପାକିସ୍ତାନ ଗଠନ ହେବା ପରେ ଏହି ପାର୍ଟୀ ଭାରତରୁ ସମାପ୍ତ ହୋଇଯିବ ବୋଲି ଆଶା କରା ଯାଉଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଏହି ପାର୍ଟି ଓ ଏହି ବିଚାର ଦେଶରୁ ସମାପ୍ତ ହୋଇ ଯାଇ ନ ଥିଲା। ବରଂ ଏହି ପାର୍ଟି ଓ ବିଚାର ଭାରତକୁ ବିଭାଜିତ ସାରିବା ପରେ ମଧ୍ୟ ଭାରତରେ ରହିଥିଲା। ଏହି ମୁସଲିମ ଲିଗର ସର୍ବାଧିକ ପ୍ରଭାବ କେରଳରେ ରହିଛି। କେରଳରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ୟୁଡିଏଫରେ ମୁସଲିମ ଲିଗ ଦଳ ସହଯୋଗୀ ଦଳ ଭାବେ ରହିଛି। ସରଳ ଅର୍ଥରେ କହିବାକୁ ଗଲେ ଭାରତକୁ ଖଣ୍ଡ ବିଖଣ୍ଡିତ କରିଥିବା ମୁସଲିମ ଲିଗ ସହ କଂଗ୍ରେସ ଦଳ ମେଣ୍ଟ କରିଛି ଓ ଅନେକ ଥର ସରକାରରେ ମଧ୍ୟ ଆସିଛି।

ଏବେ କେରଳର କାସରଗୋଡ ଜିଲ୍ଲାରେ ମୁସଲିମ ଲିଗ ପକ୍ଷରୁ ଏକ ରାଲୀ ବାହାର କରାଯାଇ ସେଥିରେ ଯାହା ସ୍ଲୋଗାନ ମାନ ଦିଆ ଯାଇଥିଲା ତାହା ଖୁବ ଆପତ୍ତିଜନକ ଥିଲା। ଏହି ରାଲୀ ଦେଶରେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବାକୁ ହେଉଥିବା ପ୍ରୟାସ ବିରୁଦ୍ଧରେ ଥିଲା। ଏହି ରାଲୀକୁ ମୁସଲିମ ଲିଗର ଛାମୁଆ ଯୁବ ଶାଖା ମୁସଲିମ ୟୁଥ ଲିଗ ପକ୍ଷରୁ ଆୟୋଜିତ କରାଯାଇଥିଲା।

ଏହି ରାଲୀରେ ଅତ୍ୟନ୍ତ ଉତ୍ତେଜନା ସୃଷ୍ଟିକାରୀ ସ୍ଲୋଗାନ ମାନ ଦିଆଯାଇଥିଲା। ୟୁନିଫର୍ମ ସିଭିଲ କୋଡ ବିରୁଦ୍ଧରେ ହୋଇଥିବା ଏହି ରାଲୀରେ ସାମିଲ ଲୋକ ମାନେ ସ୍ଲୋଗାନ ଦେଇ କହିଥିଲେ, 'ହିନ୍ଦୁ ମାନଙ୍କୁ ସେମାନଙ୍କର ମନ୍ଦିର ସାମନାରେ ହିଁ ଫାସିରେ ଲଟକାଇ ଦିଆ ଯିବ'। 'ହିନ୍ଦୁ ମାନଙ୍କୁ ଜୀବନ୍ତ ଜଳାଇ ଦିଆଯିବ'।

ଏହି ରାଲୀରେ ଦିଆଯାଇଥିବା ଏହି ସ୍ଲୋଗାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଇସଲାମିକ ଓ କମ୍ୟୁନିଷ୍ଟ ଦେଶ ମାନଙ୍କରେ ବିରୋଧ କରିବାର ଅଧିକାର କାହାକୁ ଦିଆ ଯାଇ ନ ଥାଏ ହେଲେ ଭାରତ ଭଳି ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ବିରୋଧ କରିବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ବିରୋଧ କରିବା ନାମରେ ହିନ୍ଦୁ ମାନଙ୍କ ପ୍ରତି ଏଭଳି ନାରାବାଜୀ କରିବାର ଅଧିକାର କାହାକୁ ଦିଆଯାଇ ପାରିବ ନାହିଁ। ସମାଜରେ ଏଭଳି ଘୃଣା ପ୍ରଚାର କରୁଥିବା ଲୋକ ମାନଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରାଜ୍ୟ ସରକାର ଓ ପ୍ରଶାସନର କାର୍ଯ୍ୟ।

କେରଳର ମୁସଲିମ ଲିଗ ପକ୍ଷରୁ ଆୟୋଜିତ ଏହି ରାଲୀରେ ଯେଉଁଭଳି ଭାବେ ହିନ୍ଦୁ ମାନଙ୍କ ବିରୁଦ୍ଧରେ ନାରାବାଜୀ କରାଯାଇଥିଲା, ବୋଧ ହୁଏ ସେମାନେ ଏପରି ନାରାବାଜୀ କରି ମୋପଲା ହିନ୍ଦୁ ନରସଂହାରକୁ ପୁଣି ଥରେ ଦୋହରାଇବାକୁ ଧମକ ଦେଉଛନ୍ତି। କେରଳର ହିନ୍ଦୁ ମାନେ ଏହି କଟ୍ଟରପନ୍ଥୀ ମୁସଲମାନ ମାନଙ୍କର ଅତ୍ୟାଚାର ଓ ନିର୍ଯ୍ୟାତନାକୁ ସହିଛନ୍ତି। କେରଳରେ ହିନ୍ଦୁ ମାନଙ୍କ ପ୍ରତି ଅତ୍ୟାଚାରର ଘଟଣା ବେଶୀ ପୁରୁଣା ନୁହେଁ। ପାଖାପାଖି ଶହେ ବର୍ଷ ପୁରୁଣା କଥା। ୧୦୨୧ ମସିହାରେ ଖିଲାଫତ ଆନ୍ଦୋଳନ ଆଳରେ କେରଳରେ ମୁସଲମାନ ମାନେ ହିନ୍ଦୁ ମାନଙ୍କ ଉପରେ ଯେଉଁ ନରସଂହାର କରିଥିଲେ ତାହାକୁ ପଢି ଆଜି ମଧ୍ୟ ଲୋମ ଟାଙ୍କୁରି ଉଠେ।

ଦୁର୍ଭାଗ୍ୟର କଥା ହେଲା ଯେ, ଭାରତ ସ୍ୱାଧୀନ ହେବା ପରେ କମ୍ୟୁନିଷ୍ଟ ଐତିହାସିକ ମାନେ ଏହି ହିନ୍ଦୁ ନରସଂହାରକୁ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢେଇ ଓ ଜମିଦାର ମାନଙ୍କ ବିରୁଦ୍ଧରେ କୃଷକ ମାନଙ୍କ ବିଦ୍ରୋହ ବୋଲି ପ୍ରଚାରିତ କରି ଆସିଛନ୍ତି। ବାସ୍ତବରେ ଏହା ଏକ ହିନ୍ଦୁ ଜନ ସଂହାର ଥିଲା ଯେଉଁଥିରେ ମୋପଲା ମୁସଲମାନ ଓ ତାଙ୍କର ନେତା ମାନେ ଅନ୍ୟୁନ ୧୦ ହଜାର ହିନ୍ଦୁଙ୍କୁ ହତ୍ୟା କରିଥିଲେ ଓ ହଜାର ହଜାର ହିନ୍ଦୁଙ୍କୁ ଇସଲାମରେ ଜୋରଜବରଦସ୍ତି ଧର୍ମାନ୍ତରିତ କରାଇଥିଲେ। ମହିଳା ମାନଙ୍କ ସହ ଅତ୍ୟନ୍ତ ପୈଶାଚିକ କାର୍ଯ୍ୟ କରା ଯାଇଥିଲା। ୧୯୨୧ ମସିହାରେ ପାଖା ପାଖି ଛଅ ମାସ ଧରି ଏହି ମାରକାଟ କରା ଯାଇଥିଲା। ଅତି କମରେ ଦଶ ଲକ୍ଷ ହିନ୍ଦୁ ଏହି ଅଂଚଳ ଛାଡି ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ଦୀର୍ଘ ୬ ମାସ ଧରି ମାରକାଟ ଚାଲିଥିଲା। ଏହି ସମୟ ମଧ୍ୟରେ ମୋପଲା ନରସଂହାରରେ ପାଖାପାଖି ଦଶ ହଜାର ହିନ୍ଦୁଙ୍କୁ ହତ୍ୟା କରା ଯିବା ଓ ହଜାର ହଜାର ହିନ୍ଦୁଙ୍କୁ ଜୋର ଜବରଦସ୍ତି ଇସଲାମରେ ମତାନ୍ତରିତ କରିବାର ଆଧିକାରିକ ରେକର୍ଡ ମିଳେ। ହେଲେ ବେସରକାରୀ ଭାବେ ଏହାର ସଂଖ୍ୟା ଖୁବ ଅଧିକ।

ତେଣୁ କେରଳର ମୁସଲିମ ଲିଗ ପକ୍ଷରୁ ୟୁନିଫର୍ମ ସିଭିଲ କୋଡକୁ ବିରୋଧ କରିବାକୁ ନେଇ ଆୟୋଜିତ ରାଲୀରେ ଯେଉଁଭଳି ଭାବେ ହିନ୍ଦୁ ମାନଙ୍କୁ ଧମକ ଦିଆଯାଇଛି ସେଥିରୁ ସ୍ପଷ୍ଟ ହେଉଛି ଯେ ସେମାନେ ଶହେ ବର୍ଷ ପୁରୁଣା ହିନ୍ଦୁ ନରସଂହାରକୁ ସେମାନେ ଦୋହରାଇବାକୁ ଚେତାବନୀ ଦେଉଛନ୍ତି।

ତେବେ ଏହାକୁ ନେଇ କେରଳ ସରକାର ଓ କେରଳର ଓ ଦେଶର ଅନ୍ୟ ରାଜନୈତିକ ଦଳ ମାନଙ୍କର କଣ ପ୍ରତିକ୍ରିୟା ରହିଛି? କେରଳରେ କମ୍ୟୁନିଷ୍ଟ ସରକାର ରହିଛି। କେରଳର ସରକାରଙ୍କୁ ଏହି ଭଳି ହିନ୍ଦୁ ମାନଙ୍କ ବିରୁଦ୍ଧରେ ଖୋଲାଖୋଲି ହିଂସା କରିବା ଭଳି ନାରାବାଜୀ କରିଥିବା ଲୋକ ମାନଙ୍କ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ହେଲେ କେରଳର କମ୍ୟୁନିଷ୍ଟ ସରକାର ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। କମ୍ୟୁନିଷ୍ଟ ମାନଙ୍କର ମନରେ ହିନ୍ଦୁ ବିରୋଧ ଭରି ହୋଇ ରହିଥିବା କଥାକୁ କେରଳର କମ୍ୟୁନିଷ୍ଟ ସରକାର ତାଙ୍କର କୃତ୍ୟରୁ ପ୍ରମାଣିତ କରୁଛନ୍ତି।

ଏବେ କଂଗ୍ରେସ ଦଳର ପ୍ରତିକ୍ରିୟା ଉପରେ ଆଲୋଚନା କରିବା। ତେଣୁ କଂଗ୍ରେସର ଆଭିମୁଖ୍ୟ ଏଠାରେ ଖୁବ ଗୁରୁତ୍ୱ ବହନ କରୁଛି। କଂଗ୍ରେସ ଦଳ ମଧ୍ୟ ଏହାକୁ ନିନ୍ଦା କିମ୍ବା ଭର୍ତ୍ସନା କରି ନାହିଁ। ମୁସଲିମ ଲିଗ ହେଉଛି କଂଗ୍ରେସର ସହଯୋଗୀ ଦଳ। କଂଗ୍ରେସ ନେତା ଉତ୍ତର ପ୍ରଦେଶର ଆମେଠୀରୁ ପରାଜିତ ହେବାର ଆଶଙ୍କା ଦେଖି କେରଳର ଓ୍ୱାଇନାଡ ଆସନରୁ ପ୍ରାର୍ଥୀ ହୋଇ ଲୋକସଭା ଯାଇଥିଲେ। ଅବଶ୍ୟ ଏବେ ତାଙ୍କର ସଦସ୍ୟତା ଚାଲିଯାଇଛି। ସେ ଭଲ ଭାବେ ଜାଣିଛନ୍ତି. ଓ୍ୱାଇନାଡ ଆସନରେ ବିଜୟୀ ହେବାରେ ମୁସଲିମ ଲିଗର କେତେ ସହଯୋଗ ରହିଥିଲା। ମୁସଲିମ ଲିଗର ସହଯୋଗ ବିନା ସେ ଲୋକସଭାକୁ ନିର୍ବାଚିତ ହୋଇ ପାରି ନ ଥାନ୍ତେ। ତେଣୁ ସେ ବୋଧ ହୁଏ ହିନ୍ଦୁ ମାନଙ୍କ ବିରୁଦ୍ଧରେ ଖୋଲାଖୋଲି ହିଂସା କଥା କୁହା ଯାଉଥିବା ସତ୍ତ୍ୱେ ସେ ଚୁପ ରହିବା ଶ୍ରେୟସ୍କର ମଣିଛନ୍ତି।

ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ଆସୁଛି। ରାହୁଲ ଗାନ୍ଧୀ ବାରମ୍ବାର କହି ଆସୁଛନ୍ତି ଯେ ଘୃଣା ବଦଳରେ ସେ ମୋହବତ୍ ର ଦୋକାନ (ପ୍ରେମର ଦୋକାନ) ଖୋଲିଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କୁ ନିଶ୍ଚିତ ଭାବେ ପଚରା ଯିବ ତାଙ୍କ ମେଣ୍ଟର ସହଯୋଗୀ ଦଳ ମୁସଲିମ ଲିଗ ହିନ୍ଦୁ ମାନଙ୍କ ବିରୁଦ୍ଧରେ ଖୋଲାଖୋଲି ହିଂସା କରିବା କଥା କହିବା କଣ ତାଙ୍କର ମୁହବତ୍ର ଦୋକାନ (ପ୍ରେମର ଦୋକାନ)ର ଅଂଶବିଶେଷ? କଣ ତାଙ୍କର ମୋହବତର ଦୋକାନରେ ହିନ୍ଦୁ ମାନଙ୍କ ପ୍ରତି ଘୃଣା ଭାବ ରହିଛି? ଏହି ପ୍ରଶ୍ନର ଉତର ଦେବାକୁ ହିଁ ପଡିବ। ସେ ଏହି ପ୍ରଶ୍ନରୁ ବର୍ତି ପାରିବେ ନାହିଁ।

ଏହି ପ୍ରସଙ୍ଗକୁ ନେଇ ନୂଆ ମେଣ୍ଟ ଆଇଏନଡିଆଇଏ (ଇଣ୍ଡିଆ) ମେଣ୍ଟର କଣ ପ୍ରତିକ୍ରିୟା ରହିଛି। ଏହି ଇଣ୍ଡିଆ ମେଣ୍ଟରେ ମୁସଲିମ ଲିଗ ଅଂଶବିଶେଷ ରହିଛି। ଏହି ମେଣ୍ଟର ପାର୍ଟୀ ଲାଲୁ, ନୀତିଶଙ୍କ ପାର୍ଟି ଅନ୍ୟ କମ୍ୟୁନିଷ୍ଟ ପାର୍ଟି ମାନେ ମଧ୍ୟ ଏହି ହିନ୍ଦୁ ଘୃଣା ବିରୁଦ୍ଧରେ ପାଟି ଖୋଲି ନାହାନ୍ତି। ତା ହେଲେ କଣ ଇଣ୍ଡିଆ ମେଣ୍ଟର ରାଜନୈତିକ ଦଳ ଗୁଡିକ ମୁସଲିମ ଲିଗ ଦ୍ୱାରା କେରଳରେ ମୋପଲା ହିନ୍ଦୁ ନରସଂହାରକୁ ଦୋହରାଇବାର ଧମକକୁ ପରୋକ୍ଷରେ ସମର୍ଥନ କରୁଛନ୍ତି? ଏହା ହିଁ ସବୁଠାରୁ ବଡ ପ୍ରଶ୍ନ।

# ବିପଦରେ ଗଜରାଜ



ପ୍ରେମାନନ୍ଦ ପାଣିଗ୍ରାହୀ

ହାତୀ ସହ ମନୁଷ୍ୟର ସମ୍ପର୍କ କିପରି ତାହା ପୌରାଣିକ ଓ ଓଡିଶାର ଲୋକକଥାକୁ ଅନୁଶୀଳନ କଲେ ଜଣାଯାଏ। ଦେବ ଓ ଦାନବଙ୍କ ଦ୍ୱାରା ଅମୃତ ଲାଭ ଆଶାରେ ସମୁଦ୍ର ମନ୍ଥନ ସମୟରେ ପ୍ରାପ୍ତ ହୋଇଥିବା ନବରତ୍ନ ମଧ୍ୟରୁ ଐରାବତ ହସ୍ତୀ ଅନ୍ୟତମ। ଏହାକୁ ଦେବରାଜ ଇନ୍ଦ୍ର ନିଜ ବାହନ ରୂପେ ପାଖରେ ରଖିଥିଲେ। ଧନଧାନ୍ୟର ଆରାଧ୍ୟ ଦେବୀ ମା ଲକ୍ଷ୍ମୀଙ୍କୁ ଅମୃତ ଜଳ ସିଞ୍ଚନ କରୁଥିବାରୁ ତାଙ୍କୁ ଗଜଲକ୍ଷ୍ମୀ କୁହାଯାଏ। ପ୍ରାୟ ଚାରି ହଜାର ବର୍ଷ ପୂର୍ବରୁ ହାତୀ ମଣିଷର ସମ୍ପର୍କ। କେଉଁ ଆବାହମାନ କାଳରୁ କଳିଙ୍ଗର ମଉଡମଣିଙ୍କୁ ଗଜର ପତି ଗଜପତିର ଆଖ୍ୟା ଦିଆଯାଇ ଆସୁଛି। ସମ୍ରାଟ ଅଶୋକଙ୍କ ସମୟରେ କଳିଙ୍ଗ ହାତୀ ପାଇଁ ଖ୍ୟାତି ଲାଭ କରିଥିଲା। ପୁରାତନ ଇତିହାସ ଅନୁସାରେ କଳିଙ୍ଗର ହାତୀ ଭାରତ ଉପମହାଦେଶରେ ସବୁଠାରୁ ଟାଣୁଆ ଥିଲା। ପୂର୍ବକାଳରେ ରାଜାମହାରାଜାମାନେ ହାତୀଖେଦା ଖୋଳି ହାତୀମାନଙ୍କୁ ଧରୁଥିଲେ। ସେମାନଙ୍କୁ ପୋଷା ମନାଇ ତାଉପରେ ବସି ଶିକାର କରିବାକୁ ଯାଉଥିଲେ। ସେତେବେଳେ ଯାନବାହନର ସୁବିଧା ନଥିବାରୁ ନଅର ପାଇଁ ପଥର,କାଠ ବୋହିବା ଯୁଦ୍ଧରେ ବ୍ୟବହାର କରୁଥିଲେ।

ସ୍ଥଳ ଭାଗର ସବୁଠାରୁ ବିଶାଳ ପ୍ରାଣୀ ହାତୀ। ବନ୍ୟଜନ୍ତୁମାନଙ୍କ ମଧ୍ୟରେ ସେ ସବୁଠାରୁ ବୁଦ୍ଧିଆ। ଏହା ଖୁବ ଶାନ୍ତିପ୍ରିୟ। ଜଙ୍ଗଲର ଶାନ୍ତ ପରିବେଶରେ ବିଚରଣ କରିବାକୁ ସେ ପସନ୍ଦ କରେ। ସବୁଜ ବନାନୀ ଭିତରେ ମନଖୁସିରେ ବୁଲେ ମନ ଖୁସିରେ ଖେଳେ। ଖାଦ୍ୟ ସଂଗ୍ରହ ପାଇଁ ଏ ଜଙ୍ଗଲରୁ ସେ ଜଙ୍ଗଲକୁ ଘୁରି ବୁଲେ। ହାତୀର ପ୍ରକୃତି ହେଉଛି ସେ ଜଙ୍ଗଲର ଡାଳପତ୍ର,ଘାସ,କିଆ,କନ୍ଦା ,ବାଉଁଶ ଆଦି ପଚାଶରୁ ଷାଠିଏ କିସମର ବୃକ୍ଷଲତାକୁ ଖାଦ୍ୟ ରୂପେ ବ୍ୟବହାର କରେ। ହାତୀ ଦିନକୁ ଦେଢ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଖାଦ୍ୟ ଖାଇଥାଏ। ଯେତିକି ଖାଏ ତାଠାରୁ ଅଧିକ ଖାଦ୍ୟ ଦଳିଚକଟି ନଷ୍ଟ କରେ। ଖାଦ୍ୟ ହଜମ କରିବା ପାଇଁ ବହୁତ ଚାଲେ। ଖାଦ୍ୟ ନିମନ୍ତେ ତାକୁ ସତର ରୁ ଅଠର ଘଣ୍ଟା ପରିଶ୍ରମ କରିବାକୁ ପଡିଥାଏ। ଥରକେ ଶହେରୁ ଦୁଇ ଶହ ଲିଟର ପାଣି ପିଇଥାଏ। ଦିନେ ପାଣି ପିଇବା ପରେ ତିନିରୁ ଚାରି ଦିନ ଯାଏ ତାକୁ ଶୋଷ ହୁଏ ନାହିଁ। ହାତୀ ଏକ ନିର୍ଦ୍ଧିଷ୍ଟ ସୀମା ଭିତରେ ରହିପାରେନି। ସେମାନେ ଦୁଇତିନି ଦିନରେ ଶହେରୁ ଦେଢ ଶହ କିଲୋମିଟର ବାଟ ଚାଲିଲେ ଶାନ୍ତି ପାଆନ୍ତି। ତେଣୁ ହାତୀ ରାତିକ ମଧ୍ୟରେ ପଚାଶ କିଲୋମିଟର ଚାଲିପାରେ। ହାତୀମାନେ ଯେଉଁ ବାଟେ ଯାଆନ୍ତି ସେହିବାଟେ ଫେରନ୍ତି। ଏପରିକି କିଛିବର୍ଷ ଅତିକ୍ରାନ୍ତ ହେଲେ ବି ସେହି ରାସ୍ତା ତାଙ୍କର ମନେ ରହିଥାଏ। ସ୍ୱଭାବଗତ ଭାବରେ ହାତୀମାନେ ଯେଉଁ ରାସ୍ତାରେ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଖାଦ୍ୟ, ପାନୀୟ ଓ ଉପଯୁକ୍ତ ବାସସ୍ଥାନ ସନ୍ଧାନରେ ଯିବାଆସିବା କରନ୍ତି ତାକୁ କରିଡର ବା ହାତୀ ଯାତାୟତ ପଥ କୁହାଯାଏ। କଳା ମଚମଚ ଚମଡା ଯୋଗୁଁ ଉତ୍ତପ ସହ୍ୟ କରିପାରୁ ନଥିବାରୁ ଛାଇ ସ୍ଥାନକୁ ଆପଣାଇଥାଏ ତେଣୁ ପାଣିକୂଳ ସନ୍ତସନ୍ତିଆ ଓ ବୃକ୍ଷଲତା ବହୁଳ ସ୍ଥାନକୁ ସେ ପସନ୍ଦ କରେ। ମଣୁଷ ଭଳି ହାତୀମାନେ ଏକାଠି ରହିବାକୁ ପସନ୍ଦ କରନ୍ତି। ସେଥିପାଇଁ ଦଳବଦ୍ଧ ହୋଇ ରହିଥାନ୍ତି। ଏମାନଙ୍କ ଦଳରେ ଛୋଟ ହାତୀମାନେ ସୁରକ୍ଷିତ ରହିଥାନ୍ତି। ଏସୀୟ ହାତୀ ସାଧାରଣ ଭାବରେ ଭାରତ, ଚୀନ, ନେପାଳ, ବାଂଗ୍ଳାଦେଶ, ଭୁଟାନ, ମିଆଁମାର, ଥାଇଲାଣ୍ଡ, ଭିଏତନାମ, କାମ୍ବୋଡିଆ ଆଦି ଦେଶରେ ଖୋଯାଇଥାନ୍ତି। ଆମ ଦେଶର ପ୍ରାୟ ସବୁ ରାଜ୍ୟରେହାତୀ ଦେଖାଯାଉଥିଲେ ମଧ୍ୟ ଉତ୍ତର-ପୂର୍ବ ଭାରତରେ ନେପାଳର ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଆସାମ, ମଣିପୁର, ମିଜୋରମ, ତ୍ରିପୁରା ଆଦି ରାଜ୍ୟରେ ବହୁଳ ଭବରେ ଦେଖାଯାଇଥାନ୍ତି। ଭାରତର ଦଶ ପ୍ରତିଶତ ହାତୀ ଓଡିଶାରେ ହିଁ ଦେଖାଯାନ୍ତି।

ଜାତୀୟ ଐତିହ୍ୟ ପ୍ରାଣୀ ଭାବେ ହାତୀକୁ କେନ୍ଦ୍ର ସରକାର ୨୦୧୦ ମସିହାରେ ଘୋଷଣା କରିଛନ୍ତି। ଓଡିଶାରେ ହାତୀ ସଂସ୍କୃତି ବହୁ ପ୍ରାଚୀନ। କଳିଙ୍ଗର ହାତୀ ଭାରତ ଉପମହାଦେଶରେ ଶକ୍ତିଶାଳୀ ଥିଲା। ଏକଦା ହାତୀଙ୍କ ପାଇଁ ଭୂସ୍ୱର୍ଗ ଥିବା ଓଡିଶା ଆଜି ସେମାନଙ୍କ କବର ସ୍ଥାନ ପାଲଟିଛି। ହାତୀ ମୃତ୍ୟୁହାରରେ ଓଡିଶା ଦେଶର ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟରେ ଏବେ ବର୍ଷକୁ ପ୍ରାୟ ୮୨ଟି ହାତୀ ଅକାଳରେ ଜୀବନ ହାରୁଛନ୍ତି। ଶିକାର,ବିଦ୍ୟୁତ ଆଘାତ, ଟ୍ରେନ ଦୁର୍ଘଟଣା ,ବିଷକ୍ରିୟା ଆଦି ମନୁଷ୍ୟକୃତ କାର୍ଯ୍ୟ ଯୋଗୁଁ ଆମ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢିଚାଲିଛି। ୧୯୭୯ ମସିହାରେ ରାଜ୍ୟରେ ପ୍ରଥମ ଥରପାଇଁ ହାତୀଗଣନା ହୋଇଥିଲା। ସେତେବେଳେ ରାଜ୍ୟରେ ହାତୀଙ୍କ ସଂଖ୍ୟା ଥିଲା ୨୦୪୪। ୨୦୧୫ ମସିହାରେ ରାଜ୍ୟରେ ୧୯୫୪ ହାତୀ ଥିବା ବେଳେ ୨୦୧୭ ରେ ଏହା ୧୯୭୬କୁ ବୃଦ୍ଧି ପାଇଥିଲା। ନିୟମ ଅନୁସାରେ ପ୍ରତି ଦୁଇ ବର୍ଷ ଅନ୍ତରରେ ଥରେ ହାତୀ ଗଣନା କରାଯିବା କଥା। କିନ୍ତୁ ଦୀର୍ଘ ସାତ ବର୍ଷ ହେବ ହାତୀ ଗଣନା କେଉଁ କାରଣରୁ ବନ୍ଦ ରହିଛି ଜଣା ପଡୁନାହିଁ। ପୂର୍ବେ ଭାରତରେ ଥିବା ହାତୀ ସଂଖ୍ୟାର ୭ ପ୍ରତିଶତ ଓ ଦନ୍ତାହାତୀ ସଂଖ୍ୟାର ୨୭ ପ୍ରତିଶତ ଓଡିଶାର ବିଭିନ୍ନ ଜଙ୍ଗଲରେ ଥିଲେ। ଗତ କିଛି ଦିନ ତଳେ କେନ୍ଦୁଝର ଜିଲ୍ଲାରେ ବିଦ୍ୟୁତ ଆଘାତରେ ଦୁଇଟି ହାତୀ ମୃତ୍ୟୁ ଘଟଣାରୁ ବାରି ହୋଇ ପଡୁଛି ହାତୀ ଚଳପ୍ରଚଳ ଅଞ୍ଚଳରେ ବନ ବିଭାଗ ଓ ବିଦ୍ୟୁତ ବିଭାଗ ହାତୀ ଚଳପ୍ରଚଳ ଅଞ୍ଚଳରେ ବିଦ୍ୟୁତ ତାର ଓ ଖୁଣ୍ଟକୁ କିପରି ଅନୁଧ୍ୟାନ କରୁଛନ୍ତି। ୧୯୯୦ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡିଶାରେ ହାତୀମାନଙ୍କ ସଂଖ୍ୟା ବର୍ଷକୁ ହାରାହାରୀ ୩୩ ଶତକଡା ଥିବାବେଳେ ୨୦୦୧ ରୁ ୨୦୧୦ ମଧ୍ୟରେ ଏହା ବୃଦ୍ଧି ପାଇ ୪୬ ଶତକଡା ରେ ପହଞ୍ଚିଥିଲା। ଏହା ଏବେ ବର୍ଷକୁ ହାରାହାରୀ ୭୬ ଶତକଡାକୁ ବୃଦ୍ଧି ପାଇଛି। ଜଙ୍ଗଲର ଦ୍ରୁତ ଅବକ୍ଷୟ ,ଖାଦ୍ୟ ଅଭାବ, ଜଙ୍ଗଲ ପରିସରରେ ଖଣି ଓ ଶିଳ୍ପାୟନ ଯୋଗୁଁ ହାତୀ ଖାଦ୍ୟ ଓ ପାଣି ଓ ଜୀବନ ରକ୍ଷା ପାଇଁ ଜଙ୍ଗଲ ଛାଡି ଜନବସତି ମୁହାଁ ହେଉଛି। ଜଙ୍ଗଲୀ ଫଳମୂଳ ଓ ଡାଳପତ୍ର ଅଭାବବୋଧ ହାତୀକୁ ଫସଲମୁହାଁ କରିଛି। ସେମାନେ ବାଧ୍ୟ ହୋଇ ଗାଁଗଣ୍ଡାକୁ ଚାଲି ଆସୁଛନ୍ତି। ଏହି କାରଣରୁ ହାତୀ-ମଣିଷ ସଙ୍ଘର୍ଷ ବଢି ଚାଲିଛି। କେଉଁଠି ଶିକାରୀଙ୍କ ଦ୍ୱାରା ହାତୀଙ୍କ ମୃତ୍ୟୁ ଘଟୁଛି ତ କେଉଁଠି ହାତୀ ଆକ୍ରମଣରେ ଧନଜୀବନ ହାନୀ ହେଉଛି। ହାତୀମାନଙ୍କ ବସବାସ ସଂଖ୍ୟାକୁ ଆଧାର କରି ରାଜ୍ୟରେ ୩ଟି ହସ୍ତୀ ଅଭୟାରଣ୍ୟ ଘୋଷଣା କରାଯାଇଛି। ସେଗୁଡିକ ମହାନଦୀ, ସମ୍ବଲପୁର, ମୟୁରଭଞ୍ଜ ହସ୍ତୀ ଅଭୟାରଣ୍ୟ। ଏହି ତିନୋଟି ଅଞ୍ଚଳରେ ରାଜ୍ୟର ୭୫ ପ୍ରତିଶତ ହାତୀ ବାସ କରୁଛନ୍ତି।

*ଭୁବନ,ଢେଙ୍କାନାଳ*

*ଦୂରଭାଷ : ୯୪୩୭୭୨୯୩୮୪*

# କେ ନୁହେଁ ସାହା ବିପ୍ରବର, ନିଜକୁ ନିଜେ ରକ୍ଷାକର

ପଙ୍କଜ କୁମାର ପାଣିଗ୍ରାହୀ

ଥରେ ମୋର ସମ୍ପର୍କୀୟ ଗୁରୁଜନଙ୍କ ଜଣେ ବନ୍ଧୁ ମତେ କହିଲେ ତୁମେ ଆମ ଗୋଷ୍ଠିରେ (କୌଣସି ଏକ ଧର୍ମ ସଂପ୍ରଦାୟ ଗୋଷ୍ଠୀ) ମିଶ। ମୁଁ ପ୍ରଶ୍ନ କଲି କାହିଁକି, ଆଉ ତା ଦ୍ୱାରା ମୋର କ'ଣ ଉପକାର ହେବ? ସେ ମୋତେ କହିଲେ, ଦେଖ ଏହି ଗୋଷ୍ଠିରେ ମୁଁ ଅନେକ ବର୍ଷ ହେବ ସଂଶ୍ଲିଷ୍ଟ ରହିଛି। ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ମୋ ଭଳି ଆହୁରି ହଜାର ହଜାର ଲୋକଙ୍କ ସମ୍ପୃକ୍ତି ରହିଛି। ଅନ୍ତତଃ ପକ୍ଷେ ଏହି ଗୋଷ୍ଠୀକୁ ଆମ ସମସ୍ତଙ୍କୁ କିଛି ଅନୁଦାନ ସ୍ୱରୂପ ଦେବାକୁ ପଡିଥାଏ ଯାହାଦ୍ୱାରା ଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥାଏ। ହେଲେ ଆମେ କ'ଣ ପାଇବା ସେଇଥିରୁ ବୋଲି ପ୍ରଶ୍ନ କରନ୍ତେ ସେ ଉତ୍ତର ଦେଲେ ଯେ ମୁଁ ଜଣେ ଜୀବନ ବୀମା ପ୍ରତିନିଧି ଭଳି କାର୍ଯ୍ୟ କରୁଛି। ଗୋଷ୍ଠୀର ହଜାର ହଜାର ଲୋକଙ୍କ ଜୀବନ ବୀମା କରାଇଦେବା ଭଳି ବ୍ୟାପକ ଲାଭ ମୋତେ ମିଳୁଛି ଏହିଠାରୁ। ସେମିତି ଅନ୍ୟ କେହି ଅନ୍ୟାନ୍ୟ ବ୍ୟବସାୟରେ ଲିପ୍ତ ଅଛନ୍ତି ମୋ ଭଳି ସେମାନେ ଯଥେଷ୍ଟ ଲାଭ ପାଉଛନ୍ତି ଏଠାରୁ। ମୁଁ ପ୍ରଶ୍ନ କଲି ଯେଉଁମାନେ କୌଣସି ବ୍ୟବସାୟ କରନ୍ତି ନାହିଁ ସେମାନେ କ'ଣ ପାଉଛନ୍ତି? ସେ କହିଲେ ସେମାନେ କେବଳ ଯାହା ପ୍ରବଚନ ଶୁଣୁଛନ୍ତି ତାହା ପାଉଛନ୍ତି। ସେମିତି ତୁମର ଯାହା ବ୍ୟବସାୟ କରିବାର ଅଛି ସେସବୁ ଗୋଷ୍ଠୀ ମାଧ୍ୟମରେ ବହୁତ ଲାଭପ୍ରଦ ବ୍ୟବସାୟ କରିହେବ। ତେଣିକି ଆମର ଆଉ କ'ଣ ଦରକାର? ପ୍ରବଚନ ଶୁଣିବା ସଂଗେ ସଂଗେ ଆମେ ଆର୍ଥିକ ଲାଭ ଉଠାଇ ପରିବା। ଉତ୍ତରରେ ମୁଁ ବିଚାର କରି କହିବି ବୋଲି ମନ୍ତବ୍ୟ ପ୍ରକାଶ କରି ସମ୍ପୃକ୍ତ ଗୋଷ୍ଠୀର କଳା କାର୍ନାମା ଗୁଡିକ ବିଷୟରେ ଆହୁରି ଗବେଷଣାତ୍ମକ ଅନୁସନ୍ଧିତ୍ସୁ ଲକ୍ଷ ରଖି ଜାଣିବାକୁ ପାଇଲି ଅନେକ କଥା ଯାହା ଏଠାରେ ପ୍ରକାଶ କରିହେବ ନାହିଁ! ଅଧିକନ୍ତୁ ସେହି ଗୋଷ୍ଠୀ ମଧ୍ୟରେ ରହିଥିବା ୯୦ ଶତକଡା ନିରୀହ ନିର୍ବୋଧ ସେଗୁଡିକୁ ବୁଝି ନପାରି ପ୍ରତାରଣାର ଶିକାର ହୋଇଥା'ନ୍ତି ନିତ୍ୟ। ଆଉ କଥା ରହିଲା ପ୍ରବଚନର ଯାହା ଆମ ଦେଶରେ ଲକ୍ଷ ଲକ୍ଷ ପୁସ୍ତକ ମାଧ୍ୟମରେ ଉପଲବ୍ଧ ହେଉଥିବା ବେଳେ ଏହିଭଳି ବ୍ୟବସାୟୀକ ଗୋଷ୍ଠୀ ମଧ୍ୟରେ ନିଜର ଜୀବନ ନିକ୍ଷେପିତ କରି ଚାଲିବା ପାଇଁ କାହିଁକି ଆକୃଷ୍ଟ ହୋଇଥା'ନ୍ତି ଆମ ଦେଶର ସାଧାରଣ ନିର୍ବୋଧ ବୁଝିହେବ ନାହିଁ ସହଜରେ।

ଏମାନଙ୍କ ଭଳି ହଜାର ହଜାର ଗୋଷ୍ଠୀର ସମାହାର ଦେଖିବାକୁ ମିଳେ ଆମ ସମାଜରେ ସମୟ, କ୍ଷେତ୍ରକୁ ନେଇ ଯାହାଙ୍କ ଉପସ୍ଥିତି କେବଳ ସେଇଥିରେ ସମ୍ପୃକ୍ତ ରହିଥିବା ମଣିଷ ହିଁ ଜାଣନ୍ତି। ଯିଏ ଯେଉଁ ଗୋଷ୍ଠୀ ସହିତ ସଂଶ୍ଲିଷ୍ଟ ହୋଇଥାଏ ସିଏ ସେହି ଗୋଷ୍ଠିରେ ରହି ନିଜ ନିକଟ ସମ୍ପର୍କିତ ଲୋକଙ୍କୁ ତନ୍ମଧ୍ୟରେ ଯୋଡ଼ିଦେଇ ଗୋଷ୍ଠୀ ସଦସ୍ୟ ବୃଦ୍ଧି କରିବାରେ ନ୍ୟସ୍ତ ରହିଥା'ନ୍ତି ସବୁବେଳେ। ଏହି କ୍ରମରେ ଦେଖିବାକୁ ଗଲେ ବିଭିନ୍ନ ରାଜନୈତିକ ଗୋଷ୍ଠୀ, ସାମ୍ପ୍ରଦାୟୀକ ଗୋଷ୍ଠୀ, ବ୍ୟବସାୟୀକ ଗୋଷ୍ଠୀ, ଅସାମାଜିକ କାର୍ଯ୍ୟରେ ଲିପ୍ତ ଗୋଷ୍ଠୀ, ଭ୍ରଷ୍ଟାଚାରୀ ଗୋଷ୍ଠୀ, ଶ୍ରମିକ ଗୋଷ୍ଠୀ ଇତ୍ୟାଦି ମାଳ ମାଳ ଗୋଷ୍ଠୀ ଯାହା ସବୁ ସେମାନଙ୍କ ସଦସ୍ୟଙ୍କ ମଧ୍ୟରେ ସମାହିତ। ସେମାନଙ୍କ ଗୋଷ୍ଠିଗତ ଆନୁଗତ୍ୟ ସ୍ୱୀକାର କରିଥିବା ୧୦୦ ମଧ୍ୟରୁ ୯୯ ଲୋକଙ୍କୁ କେବଳ ଦିବାସ୍ୱପ୍ନରେ ଭସାଇ ଲୁଣ୍ଠିତ, ପ୍ରତାରିତ କରିଚାଲିଛନ୍ତି ୧ ଯାହା ନିର୍ବୋଧ ବୁଝିନପାରି କେବଳ ସେହି ଗୋଷ୍ଠୀ ମାଧ୍ୟମରେ ନିଜର ଅଧୁରା ସ୍ୱପ୍ନକୁ ପୁରା କରିବାର ସ୍ୱପ୍ନ ଦେଖିଥା'ନ୍ତି ସବୁବେଳେ ଯାହା କେବେହେଲେ ସମ୍ପୂର୍ଣ୍ଣ ହୋଇନଥାଏ ପିଢ଼ିକୁ ପିଢ଼ି। ତଥାପି ନିରାଶର ବାର୍ତ୍ତା ଆଦୌ ନାହିଁ! କାରଣ ଷଡ଼ଯନ୍ତ୍ରକାରୀଙ୍କ ପ୍ରବଚନକୁ ପରଖି ସତ୍ୟକୁ ଉନ୍ମୋଚନ କରିବା ଏତେ ସହଜ ନୁହେଁ ଯାହା ସମ୍ପୃକ୍ତ ଗୋଷ୍ଠୀର ମୁଖିଆ ପ୍ରବର୍ତ୍ତାଇ ଥା'ନ୍ତି। ଏମାନଙ୍କ ମୁଖରୁ ନିଜକୁ ମୁକୁଳାଇ ସାଧାରଣ ନିରୀହ ନିର୍ବୋଧ ମଣିଷ ସମୂହ କେବଳ ନିଜ ଗୋଡ଼ରେ ନିଜକୁ ଛିଡା ହେବା ବିଚାର ନକଲେ ଯେ ଆଜୀବନ କେବଳ ଅସନ୍ତୁଳିତ ଅବସ୍ଥାରେ ରହି ଜୀବନ ତ୍ୟାଗ କରିବାକୁ ପଡିବ ସେଇଥିରେ ତିଳେ ହେଲେ ସନ୍ଦେହ ନାହିଁ। ଉପସ୍ଥିତ ସମୟର ସାମାଜିକ ବିଭୀଷିକା ଗୁଡିକୁ ସଂକୁଚିତ କରି ଏକ ଉତ୍ତମ ମଣିଷ ସମାଜ ପ୍ରତିଷ୍ଠା ପାଇଁ କେଉଁ ପରିରାଇଜରୁ କେବେ ଦେବ ନାଗରିକଙ୍କ ଆବିର୍ଭାବ ହେବ ବୋଲି ବିଚାର ରଖିଥିବା ମଣିଷ ମଧ୍ୟ ଅନେକ ଅଛନ୍ତି ଆମ ସମାଜରେ! ସେମାନଙ୍କ ଭାବନା ଯେ ଆମେ ପଢିଥିବା ଜାଣିଥିବା ରାମାୟଣ, ମହାଭାରତର କାହାଣୀ ସଦୃଶ୍ୟ ଉପସ୍ଥିତ ସମୟରେ ମଧ୍ୟ କେତେବେଳେ କୌଣସି ଦେବନଗରୀରୁ ଦୂତ କେହି ଆସି ଆମକୁ ଉଦ୍ଧାର କରିବେ ନିଶ୍ଚିତ, ଯାହା ଏକ ଅଲୌକିକ ବିଚାର ଛଡା ଆଉ କିଛି ନୁହେଁ! ଆମେ ଜାଣିଥିବା କାହାଣୀ ଗୁଡିକ କେବଳ ପୃଥିବୀ ପୃଷ୍ଠର ସର୍ବସାଧାରଣଙ୍କୁ ମାନବିକ ମୂଲ୍ୟବୋଧ ପ୍ରଦାନ କରିବା ପାଇଁ ରଚିତ ବାସ୍ତବବାଦୀ କାହାଣୀରେ ଅବାସ୍ତବ ଚେହେରା ବ୍ୟତୀତ ଆଉ କିଛି ନୁହେଁ। ସେହି କାହାଣୀ ଗୁଡିକରେ ରଚିତ ଚେହେରା ଗୁଡିକ କେବଳ ମାନବିକ ଚରିତ୍ରର ଗୋଟିଏ ଗୋଟିଏ ଆନୁମାନିକ ପଟ୍ଟଚିତ୍ର ମାତ୍ର ଯାହାକୁ ନେଇ ବ୍ୟାପକ କାହାଣୀମାନ ରଚନା କରାଯାଇଥିଲା। ତା'ର ଉଦ୍ଦେଶ୍ୟ ରହିଥିଲା ଯେ ନିର୍ବୋଧଙ୍କୁ ଏହିଭଳି କାହାଣୀ ମାଧ୍ୟମରେ ମଣିଷ ଭଳି ମଣିଷ କରି ଗଢି ତୋଳିବା। କି'ନ୍ତୁ ଏହି ଅଜ୍ଞାନ ଚତୁର ସେଗୁଡିକୁ କଦର୍ଥ କରି ବିଭିନ୍ନ ପୂଜାର୍ଚ୍ଚନା ତଥା ଭଗବାନଙ୍କ ରୁପଦେଇ ସାଧାରଣ ଲୋକଙ୍କ ଠାରୁ ଅମାପ ସ୍ୱାର୍ଥ ଲୁଣ୍ଠନ କରିବେ ବୋଲି ଜାଣିଥିଲେ ହୁଏତ ସେହି ସ୍ୱଚ୍ଛ ଦାର୍ଶନିକ ଗଣ ଏସବୁ ମାନବିକ ଚେତନାକୁ ଏହିଭଳି କାହାଣୀ ମାଧ୍ୟମରେ ଲିପିବଦ୍ଧ କରିନଥା'ନ୍ତେ। ଲୋକଙ୍କୁ ସାମାଜିକ ଚେତନରେ ଅଭିଷିକ୍ତ କରି ମଣିଷ କରିବା ବିପରୀତେ ଯାହାସବୁ ଅମାନୁଷିକ ଭୟାତୁର ପ୍ରେରଣା ଦେଇଚାଲିଛନ୍ତି ଉପସ୍ଥିତ ସମୟର କେଳେଙ୍କାରୀ ସେଗୁଡିକୁ ମଧ୍ୟ ସୁଧାରି ସତ୍ୟର ଉପସ୍ଥାପନା କରାଯିବା ଅସମ୍ଭବ ଭଳି ମନେ ହେଉଛି ଆଜି ସମୟର ପରିବେଶ ପରିସ୍ଥିତି ଦେଖିଲେ, ଅନୁଧାନ କଲେ!

ଅନ୍ୟ ଏକ ଦିଗେ ଦେଖିବାକୁ ଗଲେ ରାଜନୈତିକ ଦଳ ବୋଲି କହି ସମାଜକୁ ପାତାଳମୁଖି କରିଚାଲିଥିବା କେତେକ ଅଜ୍ଞାନ ଚତୁର ସମାଜରେ ଯାହାସବୁ ବିଭୀଷିକା ପ୍ରେରଣ କରିଚାଲିଛନ୍ତି ସେଇଥିରେ ମଧ୍ୟ କୋଟି କୋଟି ଲୋକଙ୍କ ଜୀବନ ବିପନ୍ନ ଅବସ୍ଥାରେ ରହିବା ସହିତ ସମଗ୍ର ରାଷ୍ଟ୍ରର ସର୍ବସାଧାରଣ ପୀଡିତ ଅବସ୍ଥାରେ ରହି ଆସୁଛନ୍ତି ଦଶନ୍ଧି ଦଶନ୍ଧି ଧରି। ସେମାନଙ୍କ ମିଥ୍ୟା ପ୍ରବଚନ ତଥା ମିଛି ମିଛିକା ସାମାଜିକ ଉନ୍ନତି ମଣିଷ ସମାଜକୁ ଅନ୍ଧ ଗହ୍ୱର ମଧ୍ୟରେ ରଖି ଏତେ ମାତ୍ରାରେ ଶୋଷଣ କରିଚାଲିଛନ୍ତି ସମାଜକୁ ଯେ ତାହାର ମାପ ମିଳିବ ନାହିଁ ସମୀକ୍ଷା କରିବାକୁ ଗଲେ। ସାଧାରଣ ଲୋକଙ୍କୁ କେତେବେଳେ କେଉଁ ପରିସ୍ଥିତିରେ ବିଭିନ୍ନ ପ୍ରକାର ଲୋଭାସକ୍ତ କରି ରଖି ଭିତରେ ଯାହାସବୁ କେଳେଙ୍କାରୀ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକୁ ବୁଝିବାକୁ ହେଲେ ହୁଏତ କେତକ ଜନ୍ମ ନେବାକୁ ପଡିବ ଭାବି ହେଉନାହିଁ! କେବଳ ଯେଉଁମାନେ ସେମାନଙ୍କ ସହିତ ସଂଶ୍ଲିଷ୍ଟ ରହି କାର୍ଯ୍ୟ କରିଥା'ନ୍ତି ସେମାନଙ୍କ ବ୍ୟତୀତ ସାଧାରଣ ମଣିଷ ସମାଜରୁ ମଧ୍ୟ କୋଟି କୋଟି ଲୋକଙ୍କ ମନକୁ କିଣିବା ପାଇଁ ଅଜସ୍ର ମିଥ୍ୟା ପ୍ରବଚନ, କୁହେଳିକା ସୃଷ୍ଟି କରି ସାଧାରଣ ଲୋକଙ୍କ ଆସ୍ଥାକୁ ଏମିତି ଢଙ୍ଗରେ ରଙ୍ଗେଇଥା'ନ୍ତି ଯେ ସମସ୍ତେ ସେମାନଙ୍କ ନିଜ ନିଜ ଗୋଷ୍ଠିଗତ ଆନ୍ତରିକ ଭାବ ରହିଥିବା ଦଳଗୁଡିକ ପ୍ରତି ଏକ ରକମ ମୋହିତ ଅବସ୍ଥାରେ ରହି ପରୋକ୍ଷରେ ପ୍ରତାରିତ ହୋଇଥା'ନ୍ତି।

*ସୋସିଆଲ ଫୋରମ (ଭାରତ)*

*ଛତ୍ରପୁର, ଗଞ୍ଜାମ*

*ଦୂରଭାଷ : ୯୪୩୭୩୨୪୯୧୭*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

# ଶେଷ ଦୃଶ୍ୟ






**କ୍ଷୀରୋଦ ଦାସ**

ଭାଗ-୦୭

ମୋର ଦ୍ୱିତୀୟ ଅନୁରୋଧ-ବିନୀତ ସ୍ୱରରେ କହିଲେ ଶୁଭକାନ୍ତ- "ମୋର ଅନ୍ତରାତ୍ମା ଚାହୁଁଛି ସେଇ ଝିଅଟିକୁ ଟିକେ ଦେଖା କରିବାକୁ। ସେ କେଉଁ ହସ୍ପିଟାଲରେ ଚିକିତ୍ସିତ ହେଉଛି, କେତେ ନମ୍ବର ବଖରାରେ, ଆପଣ ଦୟାକରି ମୋତେ ଜଣାଇଲେ ଏବଂ ଅନୁମତି ଦେଲେ ମୁଁ ଯାଇ ତାକୁ ଟିକେ ଦେଖା କରନ୍ତି...।" ଅନୁନୟ କରିବା ପରି ସ୍ୱରରେ କହିଲେ ଶୁଭକାନ୍ତ ଏବଂ ଆଶାୟୀ ଆଖିରେ ଚାହିଁ ରହିଲେ ଇନିସ୍‌ପେକ୍ଟରଙ୍କ ମୁହଁରୁ ଉତ୍ତର ଶୁଣିବା ଆଶାରେ।

ସହସା ବଦଳିଗଲା ପୋଲିସ୍ ଅଫିସରଙ୍କ ମୁହଁର ଭାବଭଙ୍ଗୀ। ସାମାନ୍ୟ ଅସନ୍ତୁଷ୍ଟ ଓ କଠୋର ଦେଖାଗଲା ମୁହଁ। ସେ ବୋଧେ ଆଶା କରି ନଥିଲେ ଭଦ୍ରବ୍ୟକ୍ତିଙ୍କଠାରୁ ଏପରି ଅବାସ୍ତବ ଅନୁରୋଧଟିଏ ଶୁଣିବେ ବୋଲି।

ଟିକେ ସମୟ ନିରବ ରହି ସେ କହିଲେ- "ଆପଣ ସେଠିକି ଯାଇ ପାରିବେ ନାହିଁ। କୌଣସି ପରିସ୍ଥିତିରେ ବି ଯାଇପାରିବେ ନାହିଁ। କହୁଛି ବୋଲି କିଛି ଖରାପ ଭାବିବେ ନାହିଁ ଆଜ୍ଞା, ଅପରାଧୀ ସହିତ ଆପଣ ପାରିବାରିକ ଭାବେ ସଂଶ୍ଳିଷ୍ଟ। ଆପଣଙ୍କ ପୁଅ ସଂଜୟ ଯଦି ଆରେଷ୍ଟ ହୋଇ ନଥାନ୍ତା, ଏତେବେଳକୁ ଆପଣ ଓ ଆପଣଙ୍କ ପରିବାରର ଅବସ୍ଥା ମଧ୍ୟ ଶୋଚନୀୟ ହୋଇସାରନ୍ତାଣି। ଆପଣ ସପରିବାର ଥାଆନ୍ତେ ଥାନାର କଷ୍ଟୋଡି ଭିତରେ। ଅପରାଧୀର ପାଖ ଲୋକକୁ ପୀଡିତା ନିକଟକୁ, ଚିକିତ୍ସିତ ହେଉଥିବା ସମୟରେ ଯିବା ପାଇଁ ମୁଁ ତ ମୁଁ, ଆଇନ ମଧ୍ୟ ଅନୁମତି ଦେଇପାରିବ ନାହିଁ। ତା' ଦ୍ୱାରା ପୀଡିତାର ଜୀବନ ପ୍ରତି ବିପଦ ଅଛି ବୋଲି ଧରାଯିବ। ଆଇନ ଦୃଷ୍ଟିରୁ ତାହା କେବେ ବି ଗ୍ରହଣୀୟ ନୁହେଁ।"

: ମାନବିକତା ଦୃଷ୍ଟିରୁ ? - ଜାଣିବାକୁ ଚାହିଁଲେ ଶୁଭକାନ୍ତ।

ନିରବ ରହିଲେ ଅଫିସର। କୌଣସି ସନ୍ତୋଷଜନକ ଉତ୍ତର ସେ ଦେଇପାରିଲେ ନାହିଁ ଶୁଭକାନ୍ତଙ୍କୁ। ଆଇନକାନୁନରେ ଯେ ମାନବିକତା ନାମକ ଗୁଣଟିକୁ ବିଶେଷ ଗୁରୁତ୍ୱ ଦିଆଯାଏନା, ଏକଥା ସେ ବୁଝାଇ କହିପାରିଲେ ନାହିଁ ସହରର ବିଖ୍ୟାତ ଡାକ୍ତର ମହାଶୟଙ୍କୁ।

: ମୋର ସାମର୍ଥ୍ୟ ସୀମିତ- କହିଲେ ଇନିସ୍‌ପେକ୍ଟର- "ଆଇନର ଇଙ୍ଗିତରେ ପ୍ରତିଟି କାର୍ଯ୍ୟ ସଂପାଦନା କରୁଥିବା ଏକ ଶୃଙ୍ଖଳିତ ସାମାନ୍ୟ ଆଦେଶ ପାଳନକାରୀଟିଏ ମୁଁ। ଆଇନକୁ ଆଡେଇ ଦେଇ ମାନବିକତାକୁ ଆଗକୁ ଆଣିବା ପରି କାର୍ଯ୍ୟ ମୁଁ ଚାହିଁଲେ ମଧ୍ୟ କରିପାରିବି ନାହିଁ, ମୋତେ କ୍ଷମା କରିବେ..."

: କୌଣସି ବେଆଇନ୍ କାର୍ଯ୍ୟ କରିବା ପାଇଁ ମୁଁ ସେଠିକି ଯିବି ନାହିଁ, ଏପରି ଭରସା ଓ ଆଶ୍ୱାସନା ଦେଲେ ମଧ୍ୟ ଆପଣ ମୋତେ ବିଶ୍ୱାସ କରିବେ ନାହିଁ, ମୁଁ ଜାଣେ। ଯାଦୁଆ ଯାଦୁ ମଲମ ବିକିବା ପରି, ମଦୁଆ ନିଶା ନିବାରଣ ବାନା ଧରି ବୁଲିବା ପରି ମୋର ଏ ଅନୁରୋଧଟି ଆପଣଙ୍କୁ ସେହିପରି ଲାଗୁଥିବ, ମୁଁ ଜାଣେ। କିନ୍ତୁ ମୁଁ ଜାଣିପାରୁନି ଆଇନ ଓ ମାନବିକତା କ'ଣ ଦୁଇ ବିପରୀତମୁଖୀ ତତ୍ତ୍ୱ! ସେମାନେ କ'ଣ ଏକାଠି ପାଦରେ ପାଦ ମିଳାଇ ଚାଲିପାରିବେ ନାହିଁ? ଆଇନର ଅଭିଧାନରେ କ'ଣ ମାନବିକତା ଶବ୍ଦଟିର କୌଣସି ସ୍ଥାନ ନାହିଁ, ଅଫିସର!"

-ଏତେଗୁଡାଏ କଥା ଏକା ନିଃଶ୍ୱାସରେ କହିବା ପରେ ଶୁଭକାନ୍ତଙ୍କ ତଣ୍ଟି ଶୁଖିଯିବା ପରି ଲାଗିଲା। ସେ ପାଣି ଗ୍ଲାସେ ମାଗି ପିଇଲେ।

- "ଯିବି। ମାତ୍ର ପାଞ୍ଚ ମିନିଟ୍ ପାଇଁ ଯିବି ସୁରେଖା ନାମକ ସେଇ ଝିଅଟି ପାଖକୁ। ଚୁପଚାପ୍ ଯିବି, ଫେରିଆସିବି ସଙ୍ଗେ ସଙ୍ଗେ। ସେଠିକି ନଗଲେ, ତାକୁ ମୁହୂର୍ତ୍ତକ ପାଇଁ ହେଉ ପଛେ ନ ଭେଟିଲେ ମୋତେ କେମିତି ଗୋଟେ ଭାରି ଆଶ୍ୱସ୍ତି ଲାଗୁଛି, ଅଫିସର। ମୋର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯିବା ପରି ଲାଗୁଛି। ମୋର ଅନ୍ତରାତ୍ମା ମୋତେ ଧିକ୍କାର କରୁଛି ଅହର୍ନିଶ। ଦୟାକରି ମୋତେ ଏତିକି ସାହାଯ୍ୟ କରନ୍ତୁ। ମୁଁ ଯୋଡହସ୍ତରେ ଆପଣଙ୍କୁ ଅନୁରୋଧ କରୁଛି...

ଆବେଗରେ ଶୁଭକାନ୍ତ ମୁଠାଇ ଧରିଲେ ଇନିସ୍‌ପେକ୍ଟରଙ୍କ ଦୁଇ ହାତକୁ।

ନିଜ ସିଟ୍‌ରୁ ଉଠି ଠିଆ ହୋଇପଡିଲେ ଇନିସ୍‌ପେକ୍ଟର। ବିଗଳିତ ହୋଇଗଲେ ଡାକ୍ତର ଶୁଭକାନ୍ତଙ୍କ କଥା ଶୁଣି। କିନ୍ତୁ ତାଙ୍କର ଅନୁରୋଧ ଯେ ତାଙ୍କ କ୍ଷମତାର ବାହାରେ! ଏପରି ଅସ୍ୱାଭାବିକ, ଅଜବ ଅନୁରୋଧ କେହି ଆଗରୁ କରିଥିବାର ତାଙ୍କର ମନେପଡୁ ନଥିଲା ଚବିଶ ବର୍ଷର ପୋଲିସ ଚାକିରି କାଳ ଭିତରେ। ଜଣେ ଦୁଷ୍କର୍ମକାରୀର ବାପାଙ୍କୁ ଦୁଷ୍କର୍ମ ପୀଡିତା ପାଖକୁ ପଠାଇବାର ଏଇ ଯେଉଁ ସଙ୍ଗୀନ୍ ଅନୁରୋଧ, ତାହା କମ୍ ମାରାତ୍ମକ ନୁହେଁ। ଏଥିରେ ତାଙ୍କର ଚାକିରି ଚାଲିଯିବାର ଭୟ ଅଛି। ଏହା ଗୋଟେ ପ୍ରକାର ଅପରାଧ। ତାଙ୍କୁ ସେଠାକୁ ଯିବା ପାଇଁ ଅନୁମତି ଦେଇ ସେ ନିଜେ ବି ବନିଯାଇପାରନ୍ତି ଅପରାଧୀ।



ରାଜ୍ୟର ସବୁ ଖବରକାଗଜ ଓ ଟିଭିବାଲାଙ୍କ ତୀକ୍ଷ୍ଣ ନଜର ସବୁବେଳେ ଘୂରି ବୁଲୁଛି ତାଙ୍କ ଥାନା ଉପରେ। ଖୋଦ୍ ଡିଜିଙ୍କର ଆଖି ରହିଛି ଘଟଣା ଉପରେ। ଏସ୍‌ପି ସାର ତ ପ୍ରତିଦିନ ଥାନାକୁ ଆସି କିମ୍ବା ତାଙ୍କୁ ଡକାଇ ଏ ବିଷୟରେ ଅପ୍‌ଡେଟ୍ ମାଗୁଛନ୍ତି।

କଙ୍କଡାକୁ ଗୋଳିପାଣି ସୁହାଇବା ପରି ବିରୋଧୀ ଦଳମାନଙ୍କୁ ଏ ଘଟଣାଟି ବେଶ୍ ଖୋରାକ ଯୋଗାଇଛି। ବିଧାନସଭାରେ ହୋ-ହଲ୍ଲା କରିବା ପାଇଁ ସେମାନଙ୍କ ପାଖରେ କୌଣସି ମାଲ ମସଲା ନଥିଲା। ଏଇ ଦୁର୍ଘଟଣାଟି ସତେ ଯେପରି ସରଗର ଚାନ୍ଦ ପରି ଖସିପଡିଛି ସେମାନଙ୍କ ପାପୁଲି ଉପରେ! ସେମାନେ ସମସ୍ତେ ଯେପରି ଚାର୍ଜ ହୋଇଯାଇଛନ୍ତି! ସରକାରଙ୍କୁ ଧରାଶାୟୀ କରିପକାଇବାର ଏଇ ଅପୂର୍ବ ସୁଯୋଗକୁ ସେମାନେ ହାତଛଡା କରୁନାହାନ୍ତି। ଦୁଇ ଚାରିଟି ଟିଭିବାଲା ତ କ୍ୟାମ୍ପ ପକାଇ ଦେଇଛନ୍ତି ଥାନା ଗେଟ୍ ପାଖରେ। ଭାଗ୍ୟ ଭଲ, ମୁଖ୍ୟ ଆସାମୀର ବାପା ଡାକ୍ତର ଶୁଭକାନ୍ତଙ୍କୁ ସେମାନେ ଜାଣିପାରିନାହାନ୍ତି। ନଚେତ୍ ବୃଦ୍ଧ ଭଦ୍ରବ୍ୟକ୍ତିଙ୍କୁ ସେମାନେ ହଲାପଟା କରି ନୟାନ୍ତ କରିଥାଆନ୍ତେ।

ଗୋଟେ ମହିଳା ସଂଗଠନର ସଭାନେତ୍ରୀ ତ ସାମ୍ବାଦିକ ସମ୍ମିଳନୀ ଡାକି ସିଧା ଆରୋପ ଲଗାଇଲେ: ସେ ଥାନା ଇନିସ୍‌ପେକ୍ଟରର ଅପରାଧୀମାନଙ୍କ ସହିତ ମଧୁଚନ୍ଦ୍ରିକା ଚାଲିଛି। ପୁଲିସ ମୋଟା ଅଙ୍କର ଅର୍ଥ ହାତେଇଛି ସେମାନଙ୍କୁ ଗିରଫ ନ କରିବାକୁ। ଏ ସରକାର ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ।"

ଭାଗ୍ୟ ଭଲ। ଦୁଇଦିନ ତଳେ ଚନ୍ଦକା ଜଙ୍ଗଲ ପାଖରେ ଥିବା ଏକ ପରିତ୍ୟକ୍ତ କୋଠା ଭିତରୁ ଚାରିଜଣ ଯାକ ଆସାମୀକୁ ଗିରଫ କରାଯିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ଅଛି।

ଡାକ୍ତର ମହାଶୟ ବୋଧେ ଘଟଣାଟା କେତେ ସଙ୍ଗୀତ ଓ ଭୟାବହ ସେ ବିଷୟରେ ଏତେ ଗୁରୁତ୍ୱର ସହ ଭାବିନାହାନ୍ତି।

କିନ୍ତୁ ଘଟଣାଟି ଥିଲା ବାସ୍ତବିକ ବର୍ବରୋଚିତ, ଜଘନ୍ୟ।

ସହରୀ ନୁହେଁ, ଗାଉଁଲି ଝିଅ ସୁରେଖା। ଗାଁ ପାଖ ସହରରେ ଥିବା କଲେଜରୁ ଗ୍ରାଜୁଏସନ ସାରିଛି। ସୁନ୍ଦରୀ। ରାଜଧାନୀଠାରୁ ଚାଳିଶି କିଲୋମିଟର ଦୂର ତା' ଗାଁ। ପାତ୍ରପୁର। ମାସକୁ ଦି' ମାସକୁ ଥରେ ଅଧେ ସେ ଆସେ ସହରକୁ, ବ୍ୟକ୍ତିଗତ କାମରେ। ସହର ଅବଶ୍ୟ ତା' ପାଇଁ ସମ୍ପୂର୍ଣ୍ଣ ଅପରିଚିତ ନଥିଲା। ଗୋଟେ କମ୍ପ୍ୟୁଟର କୋର୍ସ କରିବା ପାଇଁ ସେ ଛ'ମାସ କାଳ ରହିଛି ସେଇ ସହରରେ। ସହରର ଗଳିକନ୍ଦି ବିଷୟରେ ତା'ର ଧାରଣା ଏତେ ଭଲ ନଥିଲା। ସୌମିତ୍ରୀ ବିହାରରେ ଥିବା ତାର ମାମୁପୁଅ ଭାଇଙ୍କ ଘରେ ରହି କାମ ବଢ଼ାଇ ଫେରିଯାଉଥିଲା ଗାଁକୁ।

ଘଟଣା ଦିନ ସକାଳ ସାଢ଼େ ସାତଟା ସୁଦ୍ଧା ସେ ଗାଁ ପାଖ ବଜାରରୁ ବସ୍ ଚଢ଼ିଥିଲା ସହରକୁ। ବସ୍‌ଷ୍ଟାଣ୍ଡରୁ ଗୋଟେ ଅଟୋ ଧରି ସିଧା ଯାଇ ପହଞ୍ଚିଥିଲା ସୌମିତ୍ରୀ ବିହାର ସମ୍ପର୍କୀୟଙ୍କ ଘରେ। ସେ ପହଞ୍ଚୁଛି ବୋଲି ଆଗରୁ ଅବଶ୍ୟ ଫୋନ୍ କରି କହି ଦେଇଥିଲା। ସେଠାରେ ଖାଇପିଇ ବିଶ୍ରାମ ନେଇଥିଲା। ଦିନ ସାଢ଼େ ଏଗାରଟା ବେଳକୁ ଡାକିଥିଲା ଗୋଟେ ଅଟୋ। ତା' ସହ ଭଡା ଛିଡାଇଥିଲା ଆଗରୁ। କାରଣ ତିନି ଚାରିଟି ସ୍ଥାନରେ ତା'ର କାମ ଥିଲା। ବାରମ୍ବାର ଅଟୋ ବଦଳାଇବା ଅପେକ୍ଷା ବରଂ ଗୋଟେ ଅଟୋକୁ ଶେଷ ପର୍ଯ୍ୟନ୍ତ ପାଖରେ ରଖିଦେବା ଭଲ, ପଡୁ ପଛେ ଟିକେ ଅଧିକ ଖର୍ଚ୍ଚ।

(କ୍ରମଶଃ)

## ଏମିତି ଏ ସ୍ୱାଧୀନତା ଦିବସ



**ନିରଞ୍ଜନ ସାହୁ**

ପରାଧୀନତାର ଶୃଙ୍ଖଳ ଛିଣ୍ଡାଇ
ଭାରତ ସ୍ୱାଧୀନ ଆଜି
ଅଗଷ୍ଟ ପନ୍ଦର ଆସିଅଛି ଆଜି
ଉଠେ ତୂର୍ଯ୍ୟ ନାଦ ବାଜି।
ଯାଇଛି ସେଦିନ ଆସିଛି ସୁଦିନ
ହସୁଛି ଭାରତବର୍ଷ
ସଭିଙ୍କ ମନରେ ଭରି ଯାଇଅଛି
ସୁଖ, ଶାନ୍ତି, ଖୁସି, ହର୍ଷ।
ବିଜୟ କେତନ ତ୍ରିରଙ୍ଗା ଉଡୁଛି
ଫରଫର ହୋଇ ଦେଖ
ହେ ଭାରତବାସୀ ! ସ୍ୱାଧୀନତା ପାଳି
ଦେଶ ପ୍ରେମ ଗୀତ ଲେଖ।
ଆକୁମାରୀ ହିମାଚଳ ଶୁଭୁଅଛି
ଭାରତ ମାତାର ଜୟ
ତୁଟି ଯାଇଅଛି ବିଦେଶୀ ଶାସନ
ଆଉ ନାହିଁ ଶତ୍ରୁ ଭୟ।
ଇତିହାସ ପୃଷ୍ଠା ଉନ୍ମୋଚନ କରି
ଅତୀତକୁ ଦିଅ ଦୃଷ୍ଟି
ତ୍ରିରଙ୍ଗା ଛୁଇଁକି ଶପଥ କରିଣ
କର ଦେଶପ୍ରେମ ସୃଷ୍ଟି।
ଜାତୀୟ ସଂହତି ବଜାୟ ରଖିବା
ହାତ ମୁଠା ଟାଣ କରି
ସମ୍ବିଧାନ ମାନି ଚଳୁଥିବା ଆମେ
ଜାତୀୟତା ପ୍ରୀତି ଭରି।
ଦେଶର ଉନ୍ନତି ଜାତୀୟ ପ୍ରଗତି
ସଭିଙ୍କର ହେଉ ଧର୍ମ
ମହାଭାରତୀୟ ମହାଚେତନାରେ
କରିଯିବା ଆମେ କର୍ମ।
ବିଶ୍ୱ ଦରବାରେ ଭାରତ ମାତାର
ସର୍ବଦା ରଖିବା ଟେକ
ବୈଦେଶିକ ଶତ୍ରୁ ଦମନ କରିବା
କଟିଯାଉ ପଛେ ବେକ।
ବହୁ କଷ୍ଟଲବ୍ଧ ସ୍ୱାଧୀନତାକୁ
ବଜାୟ ରଖିବା ଆମେ
କଥା କହିବାନି କରି ଦେଖାଇବା
ସର୍ବଦା ଉଚିତ କାମେ।
ସବୁ କ୍ଷେତ୍ରରେ ପାରଦର୍ଶୀ ହୋଇ
ଆଗକୁ ବଢାଅ ପାଦ
ସର୍ବତ୍ର ଶୁଭିବ ଭାରତ ମାତାର
ଜୟ ଜୟକାର ନାଦ।
ଆସ ଦେଶବାସୀ ଆଜିର ଦିବସେ
ବଜ୍ର ଶପଥ ନେବା
ଭାରତ ମାତାର ଉନ୍ନତି ନିମନ୍ତେ
ନିୟୋଜିତ ଆମେ ହେବା ।
କୃଷି,ଶିକ୍ଷା,କ୍ରୀଡା,ଜ୍ଞାନବିଜ୍ଞାନ ଯେ
ସାହିତ୍ୟ, ସଙ୍ଗୀତ,କଳା
ରାଜନୀତି, କୂଟନୀତି, ଧର୍ମଧାରା
ସବୁଥିରେ ମନ ବଳା।
ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ
ସ୍ୱାଧୀନ ଭାରତ ଗାଅ
ହେ ଭାରତବାସୀ ! ସୁଖରେ ଶାନ୍ତିରେ
ସହାବସ୍ଥାନରେ ଥାଅ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ଦୂରଭାଷ: ୯୯୩୮୭୫୧୫୮୩*

## କାଗଜ ଡଙ୍ଗା

**ବିଜୟଲକ୍ଷ୍ମୀ ଦାସ**



ଅଙ୍କାବଙ୍କା ନଈର ଗଭୀର ସ୍ରୋତରେ
ସତେ ଯେପରି ମୁଁ କାଗଜଡଙ୍ଗା
ଭାସିବାରେ ଭୟନାହିଁ,ବୁଡିବାରେ
ଭୟନାହିଁ।
ଲାଗିଯିବି କେଉଁଠାରେ ସେ ଜାଗା ବି ଜଣା ନାହିଁ।

ନଈ କେବେ ବୁଝେନାହିଁ ବେଦନାକୁ
କାଗଜଡଙ୍ଗା ହୃଦୟର।
ସେ ତା ସ୍ରୋତରେ ଭାସିଭାସି
ସମୁଦ୍ରରେ ମିଳେଇଯିବ କି
କେଉଁ ପାହାଡର କଠିନ ପଥରରେ ବାଜି
ଲୋଚାକୋଚା ହୋଇଯିବ, କିଏ ବା ଜାଣିଛି !

ଅନନ୍ତ ଆକାଶକୁ ଚାହିଁ ଭାବୁଥିବ
ତୋ ପରି ବିଶାଳ ହୃଦୟ ଯଦି
ମୋର ଥାଆନ୍ତା
ମୁଁ କେବେ ଧୈର୍ଯ୍ୟହରା ହୋଇ ଭାସି ନଥା'ନ୍ତି
ନଦୀର ଗଭୀର ସ୍ରୋତରେ।

*ପ୍ଲଟ ନଂ. :୫୮୨/୧୦୪୩, ଲେନ୍-୩*
*କାଲୁନନ୍ଦ ନଗର, ଡିଏଭି ସ୍କୁଲ ପାଖ,*
*ପୋଖରୀପୁଟ, ଭୁବନେଶ୍ୱର*

## ତ୍ରିରଙ୍ଗା ଆମର ଗୌରବ



**ରାମଚନ୍ଦ୍ର ବେହେରା**

ଆମ ଇତିହାସ ଅଭୁଲା ପ୍ରୟାସ
କୁହେ ସ୍ୱାଧୀନତା କାହାଣୀ
ବୀର ସନ୍ତାନଙ୍କ ଏକତାର ବଳ
ଅହିଂସାର ଅମୃତ ବାଣୀ।
ବାପୁଂକର ସେହି ହିଂସାହୀନ ନୀତି
ବିଶ୍ୱ ଦରବାରେ ବନ୍ଦିତ
ପ୍ରିୟ ଗୋପବନ୍ଧୁ ଜୟୀ ରାଜଗୁରୁ
ମନେ ପଡେ ବାଜି ରାଉତ।
ନେତାଜୀ ସୁବାଷ ରାଣୀ ଲକ୍ଷ୍ମୀବାଇ
ଆଉ କେତେ ବୀର ସନ୍ତାନ
ସ୍ୱାଧୀନତା ପାଇଁ ଦେଇ ବଳିଦାନ
ଦୂରେଇଲେ ଗୋରା ଶାସନ।
ସ୍ୱାଧୀନତା ଆମ ଜନ୍ମ ଅଧିକାର
ଗଂଗାଧର ଦେଲେ ବାରତା
ସାରା ଦେଶବାସୀ ହୋଇ ଉତ୍ସାହିତ
ହେଲେ ଦେଶ ରକ୍ଷା କରତା।
ଏକତାର ସାମ୍ନେ ଫିରିଙ୍ଗି ନଇଁଲା
ଆଣିଲା ବିଜୟ ବାରତା
ତ୍ରିରଙ୍ଗାର ତଳେ ଗାଇଲେ ସଭିଏଁ
ଜୟ ଜୟ ଭାରତ ମାତା।
ଆସ ସତ୍ୟ ନ୍ୟାୟ ହୃଦୟେ ପାଳିବା
ଦେଶକୁ କରିବା ମହାନ
ଦେଶ ଅଖଣ୍ଡତା ବଜାୟ ରଖିବା
ମଣିବା ନିଜକୁ ସ୍ୱାଧୀନ।
ତ୍ରିରଙ୍ଗା ପତାକା ଆମ ସ୍ୱାଭିମାନ
ତା'ପାଇଁ କରିବା ଗରବ
ଦେଶ ବିକାଶରେ ଭାଗୀ ହୋଇ ଆମେ
ବାଣ୍ଟିଦେବା ମୈତ୍ରୀର ଭାବ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ବିଶେଷ କବିତା



## ଉତ୍ତର-ଆଧୁନିକ ଆଲୋଚକ



ମୂଳ ପଂଜାବୀ-ଅମରଜିତ୍ କୌଉଙ୍କେ
**ଅନୁବାଦ-ଇପ୍‌ସିତା ଷଡଙ୍ଗୀ**

ଯେବେ ମୁଁ ଭୋକକୁ ଭୋକ ଲେଖିଲି
ପ୍ରେମକୁ କହିଲି ପ୍ରେମ
ସେମାନଙ୍କୁ ଖରାପ ଲାଗିଲା।

ଯେବେ ମୁଁ ପକ୍ଷୀକୁ ପକ୍ଷୀ
ଆକାଶକୁ ଆକାଶ
ଗଛକୁ ଗଛ ଆଉ ଶବ୍ଦକୁ
ଶବ୍ଦ କହିଲି
ସେମାନଙ୍କୁ ଖରାପ ଲାଗିଲା।

ମାତ୍ର ଯେବେ ମୁଁ
କବିତା ବଦଳରେ ଅକବିତା ଲେଖିଲି
ନାରୀକୁ କେବଳ ଯୋନି ବୋଲି କହିଲି
ରୁଟି ଚିରୁଡେକୁ ଜହ୍ନ ଲେଖିଲି
ସ୍ୟାହୀର ରଙ୍ଗକୁ ଲେଖିଲି ଗୋଲାପୀ
କୁଆକୁ କହିଲି ପାଣିକୁଆ
ତ, ସେମାନେ କହିଲେ ...
"ବାହ୍! ଭାଇ ବଢ଼ିଆ
କି' କବିତା ନ ଲେଖିଲ ମ ଭାଇ!"

*ଅଧ୍ୟାପିକା*
*ନିଆଳୀ କଲେଜ, କଟକ*
*ଦୂରଭାଷ : ୯୯୩୮୩୭୦୨୮୯*

## ମୁଁ ମଣିଷ



**ସୁଚିତ୍ରା ନାୟକ**

ଅଦଭୁତ ଜୀବ ଗଢ଼ିଛି ଈଶ୍ୱର
ଜୀବ ଜଗତରେ ଅଟଇ ମୁଁ ସାର।
ହାଡ଼, ମାଂସ, ରକ୍ତେ ଗଢ଼ା ମୋ ଶରୀର
ଉପରେ ଢାଙ୍କୁଣି ଦେଇ ଚମଡ଼ାର।
ସ୍ନେହ, ପ୍ରେମ, ଦୟା, କ୍ଷମା, କରୁଣାର
ଜ୍ଞାନ, ବୁଦ୍ଧି, ବିବେକର ଗନ୍ତାଘର।
ମହନୀୟ ଗୁଣେ ଭରି ମୋ ଅନ୍ତର
ଜଗତେ ବୋଲାଏ ଦ୍ୱିତୀୟ ଈଶ୍ୱର।
କ୍ରୋଧ, ହିଂସା, ଦ୍ୱେଷ, ଗର୍ବ, ଅହଂକାର
ଜନମିଲେ ନିଏ ରୂପ ଦାନବର।
ଘୃଣା, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟର
ତାମସିକ ବୁଦ୍ଧି ବଡ଼ ଭୟଙ୍କର।
ମନେ ଜାଗେ ଯେବେ ଭାବ କୁତ୍ସିତର
କୁକର୍ମେ ରଚାଏ ଲିଳା ତାଣ୍ଡବର।
ଭଲ ମନ୍ଦ ନୀତି ଅନୀତି ଆଚାର
ଦୁଇ ପାର୍ଶ୍ୱ ଅଟେ ଗୋଟିଏ ମୁଦ୍ରାର।
ବିବେକର ମାର୍ଗେ ଚଳେ ଯେବେ ନର
ସଦା କରୁଥାଇ ଉତ୍ତମ ବେଭାର।
ଜ୍ଞାନ କଉଶଳେ ସମ ନାହିଁ ମୋର
ଏ ବିଶ୍ୱ ବ୍ରହ୍ମାଣ୍ଡେ ମୁହିଁ ଅଟେ ସାର।
ଅନନ୍ତ ବ୍ରହ୍ମାଣ୍ଡ ତାରା ଯେ ଭାସ୍କର
କଳନା କରେ ମୁଁ ନିମିଷେ ମାତର।
କାର୍ଯ୍ୟ ଅସମ୍ଭବ ହେଉ ବା ଦୁଷ୍କର
କରିକ୍ରମା ମୁଁ ଯେ ଅଟେ ଧୁରନ୍ଧର।
ଅଟେ ବୈଜ୍ଞାନିକ ବିଜ୍ଞାନ ଯୁଗର
ଅସାଧ ସାଧନେ ନାହିଁ ମୋର ଡର।
ସୂତ୍ର ସାଧୁଅଛି କୋଟି ବ୍ରହ୍ମାଣ୍ଡର
କାଳଜୟୀ ହେବା ନିଶାରେ ମୋହର।
ପ୍ରକୃତି ବିରୋଧେ କରେ ଅତ୍ୟାଚାର
ପରିଣାମ ପ୍ରତି ନାହିଁ ମୋ ଖାତର।
ପରିବେଶ ସନ୍ତୁଳନ ରକ୍ଷା ଭାର
ସ୍ୱାର୍ଥାନ୍ୱେଷୀ ହୋଇ ନ ଦିଏ ନଜର।
'ବୀର ଭୋଗ୍ୟା ବସୁନ୍ଧରା' ଏ ଉକ୍ତିର
ଦୁରୁପଯୋଗ ମୁଁ କରେ ନିରନ୍ତର।
ପ୍ରାକୃତିକ ବିପର୍ଯ୍ୟୟେ ଥରହର
ଦିନୁଦିନ ଘୋଟି ଆସୁଛି ମହୀର।
କରାଘାତ ଦ୍ୱାରଦେଶେ ବିପଦର
କୁମ୍ଭକର୍ଣ୍ଣ ନିଦ ନ ଭାଙ୍ଗେ ମୋହର।
ଲାଳସା ଜନ୍ମିଛି ମହତ୍ତ୍ୱାକାଂକ୍ଷାର
ହେବି ଏ ସୃଷ୍ଟିରେ ଅଜର ଅମର।
ନ ପଡ଼େ କର୍ଣ୍ଣରେ ଘଣ୍ଟି ସତର୍କର
ଗ୍ରାସଇ ନିଜକୁ ହୋଇ ଭସ୍ମାସୁର।

*ପ୍ଲଟ ନଂ - ୬୮୧/୨୫୮୭*
*ଶାନ୍ତି ନଗର, କେନାଲ ବନ୍ଧ ରୋଡ*
*ଝାରପଡ଼ା, ଭୁବନେଶ୍ୱର*
*ଦୂରଭାଷ: ୬୩୭୨୯୮୪୮୮୪*

## ବିଶ୍ୱାସ

**ଅନିତା ଦାସ**



ସେ ଆସିଥିଲା ଖୁଦ ନେବା ପାଇଁ। ବୁଧବାର ସାପ୍ତାହିକ ହାଟ ହେଲେ ସେ ଓ ତା ଭଳି ତା ସାଙ୍ଗମାନେ ଆସନ୍ତି ଖୁଦ ଓ ଅନ୍ୟାନ୍ୟ ଜିନିଷ ନେବା ପାଇଁ। ସେ ଆସିଥିଲା ପାହାଡ଼ର ଉପର ମୁଣ୍ଡରୁ। ମୁଁ ରହୁଥିଲି ତଳ ମୁଣ୍ଡରେ। ଖରାଛୁଟିରେ ହଷ୍ଟେଲରୁ ଆସିଲେ ବାପାଙ୍କ ଦୋକାନ ଜଗେ। ବାପାଙ୍କ ଦୋକାନ ଜଗି ଜିନିଷ ପତ୍ର ଆଇତି କରି ରଖିଲେ ହାତ ଖର୍ଚ୍ଚ ମିଳେ, ସେଥିରେ ମୁଁ ଫୁଲକୁଣ୍ଡ ଆଉ ଗୋଲାପ ଚାରା କିଣେ। ତାକୁ ପଚାରିଲି ଖୁଦ କଣ କରିବୁ? ଖଣ୍ଡେ ଲୁଗାରେ ବାନ୍ଧିଥିବା କୁକୁଡ଼ାକୁ ଦେଖାଇ କହିଲା ଯାରି ପାଇଁ। କୁକୁଡାଟିକୁ ସେ ଛୁଆ ଭଳି ରଖିଥିଲା। ପଚାରିଲି, ବିକିବୁ? ମୁଣ୍ଡ ହଲେଇ 'ନା' କହିଲା। ତା ମୁଣ୍ଡ ହଲିଲା ବେଳେ ଗୋଟେ ବି ଚୁଟି କିନ୍ତୁ ହଲୁନଥିଲା ତା'ର। ମୁଣ୍ଡ ସାରା କ୍ଲିପ ଓ ପଛ ଆଡିକି ଗୁଛେଇକି ଚୁଟି ବାନ୍ଧିଥିଲା। କାନ୍ଧ ଉପରେ ନିଜେ ବୁଣିଥିବା ଖାଦି ଚାଦର, ତଥା ଖଣ୍ଡେ ଲେଙ୍ଗୋଟା ଭଳି କିଛି ପିନ୍ଧିଥିଲା। ତାହେଲେ କୁକୁଡ଼ା କଣ କରିବୁ? 'ବଳି ପକେଇବି' ଦୃଢତାର ସହ କହିଲା। ମୋର ମନେ ପଡିଲା ଛୋଟଥିବା ବେଳେ ଟିଉସନ ସାର ପଢ଼ାଉଥିବା ବେଳେ 'ବଳି' କଥା କୁହନ୍ତି। ପାହାଡ଼ ଉପର ଲୋକମାନେ ଶାନ୍ତ ସରଳ ଓ ଗୁଣିଆ ମାନେ ସେମାନଙ୍କୁ ଭକୁଆ ବନେଇବାର କୌଶଳ।

କିଛି ଗୋଟାଏ ଅସୁବିଧା ହେଲେ ମଶାଣି ଯାଇ ପୂଜା କରନ୍ତି। ଗୁଣିଆ ଚାଉଳ, ଲଙ୍କା ତେଲ ଲୁଣ ସବୁ ମଗାଏ, ପୂଜା ହୁଏ ଓ ତାପରେ ବଳି ପଡେ। ଛେଳି ହଉ ତା କୁକୁଡ଼ା ଏକା ଚୋଟରେ ଦି ଗଡ଼। ମୁଣ୍ଡଟିକୁ ସେଇମିତି ନେଇକି ଯିବାକୁ ନିର୍ଦ୍ଦେଶ ଦିଏ ଗୁଣିଆ, ପଛକୁ ନଫେରିବାର ସର୍ତ୍ତ ରଖେ। ଦେବତା ଖାଇବ ଗଣ୍ଡି ଆଉ ପାହାଡ଼ ମୁଣ୍ଡିଆ ଲୋକ ସେଇ ମୁଣ୍ଡଟା ଧରି ଆସି ପୂଜା କରିବ। ଏଇମିତି ଚାଲି ଆସିଛି କେଉଁ କାଳରୁ। ଲୋକଟାକୁ ପଚାରିଲି କଣ ପାଇଁ ବଳି ଦେବୁ? କହିଲା ଝିଅ ଦେହ ଭଲ ନାହିଁ ତ ସେଥିପାଇଁ। କିଛିଦିନ ତଳେ ଖବରକାଗଜରେ ପଢ଼ିଥିଲି ଝିଅ ମାନଙ୍କ ଅନୁପାତ ପୁଅମାନଙ୍କ ତୁଳନାରେ କମ ହେବ କଥା। ମନରେ ଅନେକ ପ୍ରଶ୍ନ, ଲୋକଟା ତା ଝିଅକୁ ମାରିଦେବାପାଇଁ 'ବଳି'ର ଆୟୋଜନ କରୁନାହିଁ ତ? ପୁଣି ପଚାରିଲି ସତରେ ଝିଅ ଭଲ ହେଉ ବୋଲି ଚାହୁଁଛୁ? ସେ ହଁ ଭରିଲା ଓ କହିଲି ଏଇଠୁ ବିଷମକଟକ ହସ୍ପିଟାଲ ମାତ୍ର ଆଠ କିଲୋମିଟର। ଟ୍ରେକର କିମ୍ବା ବସରେ ଗଲେ ଦଶ କୋଡିଏ ଟଙ୍କା ଖର୍ଚ୍ଚ ହେବ, ତା ପୁଣି ସରକାରୀ ଡାକ୍ତରଖାନାରେ ଚିକିତ୍ସା ମାଗଣା। ସେଦିନ ଲୋକଟା ଢେର ବେଳ ଯାଏଁ ବସିଥିଲା ଓ କେତେବେଳ ଗଲା କେଜାଣି! ତାପର ବୁଧବାର ମୁଁ ପୁଣି ବାପାଙ୍କ ଦୋକାନ ଜଗିବାକୁ ଗଲି, ମା କହିଲା ସେଇ ପାହାଡ଼ ଉପର ମୁଣ୍ଡର ଲୋକଟା ତୋତେ ଖୋଜୁଥିଲା। ପଚାରିଲି କାହିଁକି? କହିଲା 'ଲୋକଟା କହୁଥିଲା ତୁ କହିଲା ପରେ ସେ ତା ଝିଅକୁ ନେଇ ହସ୍ପିଟାଲ ଯାଇଥିଲା ଓ ତା ଦେହ ଭଲ ଅଛି' ମୋ ଓଠରେ ଚେନାଏ ଆତ୍ମସନ୍ତୋଷର ହସ ଖେଳିଯାଉଥିଲା।

*ବାଲେଶ୍ୱର*



**ସାରା ରାଜ୍ୟରେ ପିଇଓ ମାନଙ୍କ ଆନ୍ଦୋଳନ**

# କଳା ବ୍ୟାଜ୍ ପିନ୍ଧି ରସୁଲପୁର ପିଇଓ ସଂଘର ପ୍ରତିବାଦ




**ଯାଜପୁର :** ନିଖିଳ ଉତ୍କଳ ଗ୍ରାମ ପଂଚାୟତସ୍ତରୀୟ ସଂଘର ଆନ୍ଦୋଳନ ଡାକରାରେ ସାମିଲ ହୋଇଛି ରସୁଲପୁର ପିଇଓ ସଂଘ। ସଂଘର କର୍ମକର୍ତ୍ତା ମାନେ ରସୁଲପୁର ବ୍ଲକ ପିଇଓ ସଂଘର ସଭାପତି ସୁଧିରୀ କୁମାର ମହାନ୍ତିଙ୍କ ନେତୃତ୍ୱରେ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କରିଛନ୍ତି। ସେମାନଙ୍କ କହିବା ମୁତାବକ ଜନ୍ମଠାରୁ ମୃତ୍ୟୁ ପ୍ରର୍ଯ୍ୟନ୍ତ ଗ୍ରାମପଂଚାୟତରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟରେ ସେମାନେ କାର୍ଯ୍ୟ କରିଆସୁଛନ୍ତି କିନ୍ତୁ ସରକାର ସେମାନଙ୍କ ପ୍ରତି ଚରମ ଅବହେଳା କରିଛନ୍ତି। ଏପରକି ପଂଚାୟତରେ ଭତ୍ତା ବଂଟନ, ରାସ୍ତାଘାଟ ନିର୍ମାଣ, ହରିଶ୍ଚନ୍ଦ୍ର ସହାର୍ଯ୍ୟରାଶି ପ୍ରଦାନ, ଏସ.ଏସ.ଜି ମହିଳାଙ୍କ ପାଇଁ ବିକାଶ ମୂଳକ କାର୍ଯ୍ୟ, ପଂଚାୟତର ଆୟବ୍ୟାୟ ହିସାବ ରଖିବା,ମନେରେଗା ଯୋଜନାକୁ କାର୍ଯ୍ୟକାରୀ କରିବା, କେନ୍ଦ୍ରୀୟ ଅର୍ଥ କମିଶନର ଅର୍ଥରାଶି ଏବଂ ରାଜ୍ୟ ଅର୍ଥ କମିଶନର ଅର୍ଥରାଶିର ସୁ ପରିଚାଳନା କରିବା, ବିଭିନ୍ନ ବିଦ୍ୟାଳୟ ମାନଙ୍କର ଉନ୍ନତି କରିବା, ଗ୍ରାମସଭା ଏବଂ ପଲ୍ଲୀସଭା କରାଇବା, ପଂଚାୟତରେ କ୍ରୀଡାର ବିକାଶ କରାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନ କରିବା, ପାନୀୟ ଜଳ ଯୋଗାଇବା ଆଦି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ସର୍ବଦା ଲିପ୍ତ ରହୁଛନ୍ତି। ମାତ୍ର ସରକାରଙ୍କ ପାଖରେ ସେମାନଙ୍କୁ ଶିକ୍ଷାଗତ ଯୋଗ୍ୟାତ ପରିବର୍ତ୍ତନ କରିବା, ପେ ସ୍କେଲ ୫ରୁ ୯କୁ ବୃଦ୍ଧି କରିବା, ସେମାନଙ୍କୁ ଶତ ପ୍ରତିଶତ ପ୍ରମୋଶନ କରିବା, ସରକାରୀ ନିୟମ ମୁତାବକ କ୍ୟାଡରରେ ଅନ୍ତର୍ଭୁକ୍ତ କରିବା ଆଦି ଦାବି ଗୁଡିକ ବହୁଦିନ ଧରି ଦାବି କରାଯାଇଥିଲେ ସୁଧା ତାହା ଏପର୍ଯ୍ୟନ୍ତ ପୂରଣ କରାଯାଇନାହିଁ। ପୂର୍ବରୁ ସରକାର ଏହାକୁ ପୂରଣ କରିବାର ପ୍ରତିଶ୍ରୁତି ଦେଇ ସଂଘର ଆନ୍ଦୋଳନକୁ ବନ୍ଦ କରାଇଦେଇଥିଲେ। ଏହାକୁ ପୂରଣ ନକରିଥିବାରୁ ବାଧ ହୋଇ ପୁଣି ଥରେ ସଂଘ ଆନ୍ଦୋଳନକୁ ଓଲ୍ହାଇଛି। ଆଜି ଠାରୁ ୧୭ତାରିଖ ପ୍ରର୍ଯ୍ୟନ୍ତ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କରିବା ସହିତ ୧୮ତାରିଖରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଜି ଯଦିଓ ସରକାରଙ୍କ ସଂଘର ରାଜ୍ୟ ସ୍ତରୀୟ ନେତୃତ ମାନଙ୍କ ସହିତ ଅଲୋଚନା କରିଛନ୍ତି ତାହା ଉପରେ ପୁଣି ଅଧିକ ଆଲୋଚନା ହେବ ବୋଲି କୁହାଯାଇଛି। ଯଦି ସରକାର ଦାବି ଗୁଡିକ ନଶୁଣନ୍ତି ତେବେ ଆନ୍ଦୋଳନ ତ୍ରୀବ ହେବ ବୋଲି ରାଜ୍ୟ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଆଜି କଳା ବ୍ୟାଚ୍ ପ୍ରତିବାଦରେ ସଂଘର ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ସମ୍ପାଦକ ଅକ୍ଷୟ କୁମାର ସାମଲ, କୋଷାଧକ୍ଷ ସସ୍ମିତା ମଲିକ, ପ୍ରଫୁଲ୍ଲ କୁମାର ନାଥ, ନିକୁଞ୍ଜ ବିହାରୀ ରାଉତ, ନିରଞ୍ଜନ ବଳ, ରମେଶ ଚନ୍ଦ୍ର ରଣା, ସତ୍ୟଜିତ୍ ରାଉତ, ପ୍ରଫୁଲ୍ଲ କୁମାର ଜେନା, ଅଭିମନ୍ୟୁ ବିଶ୍ୱାଳ, ଭଦ୍ରଶୀଳା ଦେଓ, ଦେବପ୍ରସାଦ ଧଳ, ସନ୍ତୋଷ କୁମାର ମିଶ୍ର, ଶତ୍ରୁଘ୍ନ ଜେନା, ଅନିଲ କୁମାର ଅଙ୍ଗରାଇ, ତିଲୋତମା ସାହୁ, ମାନସ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘ରୁସା’ ପାଣ୍ଠିରେ ...

୨.୭୭କୋଟି ଟଙ୍କା ମଧ ସୁଧ ବାବଦରେ ଓ ବିଭିନ୍ନ କଲେଜରେ ବଳକା ଥିବା ପ୍ରାୟ ୮୪.୬୦କୋଟି ଟଙ୍କା ଆସିଥିଲା। ଉକ୍ତ ଅବଧି ମଧ୍ୟରେ ଏହି ମୋଟ ପାଣ୍ଠିରୁ ୧୧୪.୮୧କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯେଉଁଥିରେ ୪୮.୦୨ଲକ୍ଷ ଟଙ୍କା କେବଳ କନ୍ସଲଟାଣ୍ଟଙ୍କ ପାରିଶ୍ରମିକ ବାବଦରେ ଦିଆଯାଇଛି। ଏହି କନ୍ସଲଟାଣ୍ଟମାନଙ୍କର କାର୍ଯ୍ୟ ଓ ପ୍ରଦର୍ଶନର ସମୀକ୍ଷା ନକରି ସେମାନଙ୍କୁ ଉକ୍ତ ଅର୍ଥ ଦିଆଯାଇଥିବା ନେଇ ଅଡିଟ୍ ଟିମ୍ ଆପତ୍ତି ଉଠାଇଛି। ପ୍ରଥମେ ଏହି କନସଲଟାଣ୍ଟଙ୍କୁ ମାସିକ ୩୫ହଜାର ଟଙ୍କା ହିସାବରେ ୧.୦୫ଲକ୍ଷ ଟଙ୍କା ଓ ୨୦୨୦ ଏପ୍ରିଲରୁ ୧.୫୦ଲକ୍ଷ ଟଙ୍କା ପାରିଶ୍ରମିକ ଦିଆଯାଉଛି। ଏହି ପାରିଶ୍ରମିକ ଦିଆଯାଉଥିଲେ ମଧ ସେମାନଙ୍କର କାର୍ଯ୍ୟ ଓ ପ୍ରଦର୍ଶନକୁ କେହି ସମୀକ୍ଷା କରନ୍ତି ନାହିଁ କି କିମ୍ବା ସେମାନଙ୍କ ପାରିଶ୍ରମିକ ଉପରେ କୌଣସି ୨୫୦୦ଟଙ୍କା ଲେଖାଏ ପ୍ରଫେସନାଲ ଟ୍ୟାକ୍ସ ମଧ ରଖାଯାଏ ନାହିଁ। ରୁସା ଯୋଜନାର ପାଣ୍ଠିରୁ ଅଗ୍ରୀମ ନେବା ଓ ଖର୍ଚ୍ଚ ବାବଦ ତଥ୍ୟ ରଖିବା ନିମନ୍ତେ କୌଣସି ଆଡଭାନ୍ସ ରେଜିଷ୍ଟର ମଧ ରଖାଯାଇନି। କ୍ୟାସବୁକ୍ ଓ ରେଜିଷ୍ଟରରେ କିଛି ଉଲ୍ଲେଖ ନକରି ଚୂଡ଼ାନ୍ତ ଖର୍ଚ୍ଚ କରାଯାଉଥିବା ଦେଖିବାକୁ ମିଳିଛି। ଏପରିକି ରୁସା ସେକ୍ସନ ଦାୟିତ୍ୱରେ ଥିବା ଅଧିକାରୀମାନେ ପାଣ୍ଠି ଖର୍ଚ୍ଚର ବିଲ୍ , ଭାଉଚର ଓ ରେକର୍ଡ ଆଦିର ହିସାବ ସଠିକ୍ ଭାବେ ଦେଇପାରିନାହାନ୍ତି। ଯେଉଁଥିପାଇଁ ଏହି ଅବଧିରେ ୮୫.୯୮ଲକ୍ଷ ଟଙ୍କାର ଭାଉଚର ଉପରେ ଅଡିଟ୍ ଟିମ୍ ଆପତ୍ତି ଉଠାଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରୀୟ ଯୋଜନା ‘ରୁସା’ରେ ରାଜ୍ୟ ସରକାରଙ୍କର ୪୦ ପ୍ରତିଶତ ଅଂଶଧନ ଥିବାବେଳେ କେନ୍ଦ୍ର ସରକାର ୬୦ ପ୍ରତିଶତ ଅନୁଦାନ ଦେଇଥାଏ। ଏହି ପାଣ୍ଠି ଖର୍ଚ୍ଚ କରିବାରେ ଦିଗରେ ଉଚ୍ଚଶିକ୍ଷା ବିଭାଗର ରୁସା ସେକ୍ସନର ବେପରୁଆ ଓ ଅବହେଳାକୁ ଅଡିଟ୍ ଟିମ୍ ପଦାରେ ପକାଇଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କଠୁ କନସଲଟାଣ୍ଟମାନେ ପ୍ରଦର୍ଶନର ପ୍ରମାଣପତ୍ର ନଆଣିଲେ ସେମାନଙ୍କୁ ପାରିଶ୍ରମିକ ନଦେବାକୁ ଅଡିଟ୍ ଟିମ୍ ପରାମର୍ଶ ଦେଇଛନ୍ତି । ରୁସା ପାଣ୍ଠିର ଏହି ସ୍ୱତନ୍ତ୍ର ଅଡିଟ୍ ୨୦୧୯ ଏପ୍ରିଲରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ହୋଇଥିବା ଆର୍ଥିକ ଗତିବିଧିକୁ ନେଇ ହୋଇଥିଲା।

### ବିଜେଡି ସହ ...

ସମସ୍ତେ ପରିଶ୍ରମ କରିବୁ। ଅପ୍ରତ୍ୟାଶିତ ସିଟ୍ ମିଳିବ ଓ ଓଡ଼ିଶାରେ ବିଜେପି ସରକାର ଗଢ଼ିବ ବୋଲି ଶ୍ରୀ ସାମଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ବିଜେଡି ଖୋଲାଖୋଲି ଭାବେ କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରକୁ ଦିଲ୍ଲୀ ସର୍ଭିସ ବିଲରେ ସମର୍ଥନ ଦେବା ସହ ବିରୋଧୀଙ୍କ ଅନସ୍ଥା ପ୍ରସ୍ତାବକୁ ବିରୋଧ କରିଥିଲା। ଓଡ଼ିଶାକୁ କେନ୍ଦ୍ର ସରକାର ବହୁ ସହଯୋଗ ଦେଉଛନ୍ତି ବୋଲି କହି ବିଜେଡି ସାଂସଦମାନେ ମୋଦି ସରକାରଙ୍କୁ କୃତଜ୍ଞତା ଜଣାଇବାକୁ ବି ପଛାଇ ନଥିଲେ। ଏସବୁ ଘଟଣାକୁ ନେଇ ଜାତୀୟସ୍ତରରେ ବିଜେଡିକୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଆଉ ରାଜ୍ୟରେ ଉଭୟ ଦଳ ବିଜେଡି ଓ ବିଜେପିର କର୍ମୀମାନେ ମଧ ଦ୍ୱନ୍ଦ୍ୱରେ ରହିଛନ୍ତି। ତେବେ ବିଜେପି ପକ୍ଷରୁ ରାଜ୍ୟରେ କୌଣସି ମେଣ୍ଟ ସମ୍ଭାବନାକୁ ଖାରଜ କରାଯିବା ପରେ ଆଗୁଆ ନିର୍ବାଚନକୁ ନେଇ ବିଜେଡିର ରଣନୀତି କ’ଣ ରହୁଛି ତାହା ଉପରେ ସମସ୍ତଙ୍କ ନଜର।

### ୫ ବର୍ଷ ଧରି ...

କାହିଁକି ଭତ୍ତା ପରିମାଣ ବୃଦ୍ଧି ହେଉନି ଓ ବିଭାଗ ଦ୍ୱାରା ଭତ୍ତା ବୃଦ୍ଧି ପାଇ ପଠାଯାଇଥିବା ଫାଇଲ୍ ଏବେ କେଉଁଠି ରହିଛି ସେ ନେଇ କାହିଁକି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ନିରବ ରହିଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମଧୁବାବୁ ପେନସନ୍ ଯୋଜନାର ହିତାଧିକାରୀ ସଂଖ୍ୟା ୨୮.୬୧ଲକ୍ଷରୁ ୩୨.୭୫ଲକ୍ଷକୁ ବୃଦ୍ଧି ନିମନ୍ତେ ଅନୁମୋଦନ କରିଛନ୍ତି। ପ୍ରାୟ ୪.୧୩ଲକ୍ଷ ନୂତନ ଆବେଦନକାରୀ ଆସନ୍ତା ଅଗଷ୍ଟ ୧୫ତାରିଖରେ ନୂଆ କରି ମାସିକ ଭତ୍ତା ପାଇବେ। ‘ମୋ ସରକାର’ ଓ ସିଏମଓ ଜିଲ୍ଲା ଗସ୍ତବେଳେ ମିଳିଥିବା ମତାମତ ଆଧାରରେ ଏହି ହିତାଧିକାରୀ ସଂଖ୍ୟା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି। ତେବେ ଭତ୍ତା ପରିମାଣ ପୂର୍ବଭଳି ୬୦ରୁ ୭୯ବର୍ଷ ବୟସ ପର୍ଯ୍ୟନ୍ତ ମାସିକ ୫୦୦ଟଙ୍କା, ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୭୦୦ଟଙ୍କା ଏବଂ ୮୦ବର୍ଷରୁ ଅଧିକ ତଥା ୬୦% ଭିନ୍ନକ୍ଷମଙ୍କୁ ମାସିକ ୯୦୦ଟଙ୍କା ଭତ୍ତା ମିଳିବ। ଯାହାକି ୨୦୧୯ ଫେବୃୟାରୀ ମାସରୁ ବଳବତ୍ତର ରହିଛି। ରାଜ୍ୟ ସରକାର ୨୦୦୮ ଜାନୁୟାରୀରୁ ନିଜସ୍ୱ ‘ମଧୁବାବୁ ପେନସନ ଯୋଜନା’ କାର୍ଯ୍ୟକାରୀ କରୁଛନ୍ତି। ତେବେ ରାଜ୍ୟର ସୁଦୃଢ଼ ଅର୍ଥ ବ୍ୟବସ୍ଥା ଓ ଓଡ଼ିଶା ଆର୍ଥିକ ଅଭିବୃଦ୍ଧି ହାର ଜାତୀୟ ହାରଠୁ ଦୀର୍ଘ ଦେଢ଼ ଦଶନ୍ଧି ଧରି ଅପେକ୍ଷାକୃତ ଅଧିକ ରହିବ ବୋଲି ନବୀନ ପଟ୍ଟନାୟକ ସରକାର ଦମ୍ଭୋକ୍ତି କରୁଥିଲେ ମଧ ଏ ଦରଦାମ ବୃଦ୍ଧି ଯୁଗରେ କିଭଳି ଗରିବ ଅସହାୟ ବୁଢ଼ାବୁଢ଼ୀ,ବିଧବା ଓ ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ପ୍ରତି ଆଖି ବୁଜି ଦେଇଛନ୍ତି। କରୋନା ମହାମାରୀ ଓ ତା’ପରେ ଖାଉଟି ସାମଗ୍ରୀରେ ଅହେତୁକ ଦରବୃଦ୍ଧି ଯୋଗୁ ଖାଉଟି ହନ୍ତସନ୍ତ ହେଉଥିବାବେଳେ ଏହି ଅସହାୟ ଓ ଗରିବ ଲୋକମାନଙ୍କ ଦୁଃଖ ବୁଝିବା ପାଇଁ କାହିଁକି ସରକାର ସମ୍ବେଦନଶୀଳତା ଦେଖାଇଲେ ନାହିଁ। ସରକାରୀ କର୍ମଚାରୀଙ୍କଠୁ ଆରମ୍ଭ କରି ସବୁ ବର୍ଗର କର୍ମଚାରୀଙ୍କ ଦରମା ଦରମା ବଢ଼ାଉଥିବା ସରକାର କ’ଣ ଏହି ଗରିବମାନେ କିଭଳି ୫୦୦ଟଙ୍କାରେ ଚଳିବେ ତାହା ଜାଣପାରୁନାହାନ୍ତି। ଯଦିଓ ୨୦୨୨-୨୩ ଆର୍ଥିକ ବର୍ଷରୁ ମାସିକ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଫାଇଲ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଡ଼ି ରହିଥିବା ଜଣାପଡ଼ିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସାମାଜିକ ସୁରକ୍ଷା ଯୋଜନାରେ ମାସିକ ଭତ୍ତା ପରିମାଣ ବୃଦ୍ଧି ପାଇଁ ବିଭାଗ ପଦକ୍ଷେପ ନେଇଥିଲା। ବିଧାନସଭା କମିଟିର ସୁପାରିଶ ଆଧାରରେ ଭତ୍ତା ପରିମାଣ ୫୦୦ରୁ ୭୫୦ଟଙ୍କା, ୭୦୦ରୁ ୯୦୦ ଓ ୯୦୦ରୁ ୧ହଜାର ଟଙ୍କାକୁ ବୃଦ୍ଧି ପାଇ ବିଭାଗ ଫାଇଲ୍ ପ୍ରସ୍ତୁତ କରି ୨୦୨୨-୨୩ ଆର୍ଥିକ ବର୍ଷରେ ଅନୁମୋଦନ ନିମନ୍ତେ ଅର୍ଥ ବିଭାଗକୁ ପଠା ଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସବୁଜ ସଙ୍କେତ ନମିଳିବାରୁ ଫାଇଲ୍ ସେଭଳି ଚାପି ହୋଇ ରହିଗଲା। ମଧୁବାବୁ ପେନସନ୍ ଯୋଜନାରେ ଏବେ ୨୮.୩୩ଲକ୍ଷ ହିତାଧିକାରୀଙ୍କ ପାଇଁ ବାର୍ଷିକ ୧୭୭୫.୨୩କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ଭତ୍ତା ବୃଦ୍ଧି ହୋଇଥିଲେ ଅତିରିକ୍ତ ୮୩୧.୩୬କୋଟି ଟଙ୍କା ଅର୍ଥାତ୍ ବାର୍ଷିକ ୨୬୦୬.୫୯କୋଟି ଟଙ୍କା ଖର୍ଚ୍ଚ ହୋଇଥାନ୍ତା। ସେହିପରି କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ପ୍ରାୟ ୨୦.୩୪ଲକ୍ଷ ହିତାଧିକାରୀଙ୍କୁ ସମାନ ପରିମାଣର ମାସିକ ଭତ୍ତା ଦିଆଯାଉଥିବାରୁ ରାଜ୍ୟ ସରକାର ଏବାବଦରେ ୬୬୧.୩୭କୋଟିର ଅଂଶଧନ ଦେଉଛନ୍ତି। ଯଦି ପ୍ରସ୍ତାବିତ ବର୍ଦ୍ଧିତ ମଧୁବାବୁ ପେନସନ୍ ସହ ଏହି ଭତ୍ତା ପରିମାଣ ସମାନ କରାଯାଏ ତା’ହେଲେ ଅଧିକ ୫୯୫.୪୨କୋଟି ଟଙ୍କା ଖର୍ଚ୍ଚ ହେବ। ଏଭଳି ଭାବେ ବର୍ଦ୍ଧିତ ଭତ୍ତା ପାଇଁ ୮୩୧.୩୬କୋଟି ଟଙ୍କା ଓ ୫୯୫.୪୨କୋଟି ଟଙ୍କା ମିଶାଇଲେ ବାର୍ଷିକ ଅତିରିକ୍ତ ୧୪୨୬.୭୮କୋଟି ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏହି ଭତ୍ତା ବୃଦ୍ଧି ସଂକ୍ରାନ୍ତ ଫାଇଲକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ସବୁଜ ସଙ୍କେତ ନମିଳିବାରୁ ତାହା ଚାପି ହୋଇ ରହିଗଲା।

### ହଟିବ ଦେଶଦ୍ରୋହ ...

୭ ବର୍ଷ ଯାଏ ବଢ଼ିବ ଓ ଜୋରିମାନା ଲାଗୁ କରାଯିବ। ବିଲ୍ରେ ଭିଡ଼ ହିଂସା ବା ମବ ଲିଚିଂ ପାଇଁ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ଗଣଦୁଷ୍କର୍ମ ପାଇଁ ୨୦ ବର୍ଷ ଜେଲ ଓ ନାବାଳିକା ଦୁଷ୍କର୍ମ ଘଟଣା ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ହୋଇଛି। ନୂଆ ବିଲ୍ରେ ମହିଳା, ଛୋଟ ପିଲା, ହତ୍ୟା ଓ ଦେଶ ବିରୋଧୀ କାର୍ଯ୍ୟକଳାପକୁ ରୋକିବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରଥମଥର ପାଇଁ ଛୋଟ ମୋଟ ଅପରାଧ ପାଇଁ ଜେଲ ବଦଳରେ ସମାଜ ସେବା ଭଳି ଦଣ୍ଡ ମିଳିବ। ସେହିପରି ଅପରାଧ ପାଇଁ ଲିଙ୍ଗଗତ ନିରପେକ୍ଷତା ଅବଲମ୍ବନ କରାଯିବ। ବିଭିନ୍ନ ପ୍ରକାରର ଅପରାଧ ପାଇଁ ଜୋରିମାନା ଓ ଜେଲଦଣ୍ଡର ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ବିଲ୍ରେ ସାଂଘାତିକ ଅପରାଧ ପାଇଁ ପୂର୍ବରୁ ଥିବା ମୃତ୍ୟୁଦଣ୍ଡକୁ ପୂର୍ବଭଳି କାଏମ ରଖାଯାଇଛି। ଅପରାଧ ଯେଉଁଠି ଘଟିଥିଲେ ମଧ ଯେକୌଣସି ସ୍ଥାନରେ ଏଫଆଇଆର ରୁଜୁ କରାଯାଇ ପାରିବ। ଚେନ ଛିଣ୍ଡାଇ ନେବା ଭଳି ଘଟଣା ପାଇଁ ଦଣ୍ଡ ମିଳିବ। ଦୋଷୀକୁ ସର୍ବାଧିକ ୭ ବର୍ଷ ଯାଏ ଜେଲଦଣ୍ଡ ମିଳିପାରେ। ଘଟଣାସ୍ଥଳରେ ଫରେନ୍ସି ଟିମ ମଧ ଯାଞ୍ଚ କରିବ। ୨୦୨୭ ସୁଦ୍ଧା ଦେଶର ସବୁ କୋର୍ଟ କମ୍ପ୍ୟୁଟରାଇଜ ହେବ। ଯଦି କୌଣସି ଅପରାଧ ପାଇଁ କାହାକୁ ଗିରଫ କରାଯାଉଛି, ତା’ହେଲେ ତୁରନ୍ତ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇବ। ଏଥିପାଇଁ ଜଣେ ସ୍ୱତନ୍ତ୍ର ପୁଲିସ୍ କର୍ମଚାରୀ ନିଯୁକ୍ତି ପାଇବେ। ୩ ବର୍ଷ ଯାଏ ଜେଲ ମିଳିବାକୁ ଥିବା ଅପରାଧଗୁଡ଼ିକ ଟ୍ରାଏଲ ଶୀଘ୍ର କରିବାକୁ ବ୍ୟବସ୍ଥା ହେବ। ଚାର୍ଜଫ୍ରେମ ହେବାର ୩୦ ଦିନ ମଧ୍ୟରେ ବିଚାରପତିଙ୍କୁ ଏହି ମାମଲାରେ ରାୟ ଦେବାକୁ ପଡ଼ିବ। ସାଂଗଠନିକ ଅପରାଧ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ମୃତ୍ୟୁର ଦଣ୍ଡକୁ ସ୍ଥିତି ଅନୁସାରେ ଆଜୀବନ ଜେଲରେ ପରିଣତ କରାଯାଇ ପାରିବ। କିନ୍ତୁ ଅପରାଧୀକୁ ସଂପୂର୍ଣ୍ଣ ଭାବେ ଖଲାସ କରାଯାଇ ପାରିବ ନାହିଁ। ଏଥିସହ ୩ ବର୍ଷ ମଧ୍ୟରେ ହିଁ ନ୍ୟାୟ ମିଳିବ।

### ଖର୍ଚ୍ଚ ହେବ ...

ଆର୍ଥିକ ବର୍ଷ ବଜେଟରେ ଏହି ନୂଆ ଯୋଜନା ଘୋଷଣା କରି ଏଥିପାଇଁ ୧୦୦କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରିଥିଲେ। ଏହି ଯୋଜନା ଘୋଷଣା କରି ଭୁଲିଯାଇଥିବା ରାଜ୍ୟ ସରକାର ଏବେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବବର୍ଗଙ୍କୁ ତୁଷ୍ଟୀକରଣ ନିମନ୍ତେ ପୁଣିଥରେ ସୁନେଲି ସ୍ୱପ୍ନ ଦେଖାଇଛନ୍ତି। ଯଦିଓ ଯୁବବର୍ଗଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ଦେଇ ବିଶ୍ୱସ୍ତରୀୟ ମାନବସମ୍ବଳର ଅଭାବକୁ ଦୂର କରିବାରେ ‘ସ୍କିଲଡ୍ ଓଡ଼ିଶା’ କାର୍ଯ୍ୟ କରିବ ଓ ‘ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ’କୁ ଏ ଦିଗରେ କୋଟି କୋଟି ଟଙ୍କା ରାଜ୍ୟ ସରକାର ଯୋଗାଇ ଦେଇଥିଲେ। ମାତ୍ର ଏହା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କିଲଡ୍ ଓଡ଼ିଶାରେ ୨୦୧୪-୧୫ରୁ ୨୦୧୮-୧୯ ମସିହା ମଧ୍ୟରେ ରାଜ୍ୟର ମୋଟ ୧୦.୩୮ଲକ୍ଷ ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ସରକାର ଦାବି କରିଥିଲେ ମଧ ବାସ୍ତବ କ୍ଷେତ୍ରରେ ଏହି ପ୍ରଶିକ୍ଷଣ ନେଇଥିବା ଯୁବକଯୁବତୀମାନଙ୍କ ସ୍ଥିତି ଏବେ କ’ଣ ରହିଛି ତାହା ଅସ୍ପଷ୍ଟ। ସେହିପରି ୨୦୧୯ରୁ ୨୦୨୪ ମସିହା ମଧ୍ୟରେ ମୋଟ ୧୫ଲକ୍ଷ ଅର୍ଥାତ୍ ବାର୍ଷିକ ୩ଲକ୍ଷ ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବାକୁ ଟାର୍ଗେଟ୍ ରଖିଥିବା ରାଜ୍ୟ ସରକାର ୨୦୧୯-୨୦ରେ ୩ଲକ୍ଷ ଯୁବକଯୁବତୀଙ୍କୁ ମିଶାଇଲେ ମୋଟ ୫.୭୮ଲକ୍ଷଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେଇଥିବା ଜଣାପଡ଼ିଛି। ତେବେ ବିଭିନ୍ନ ପ୍ରୋଜେକ୍ଟ କାର୍ଯ୍ୟକାରିତା ଏଜେନ୍ସି(ପିଆଇଏ) ମାଧ୍ୟମରେ ୨୦୧୧-୧୨ରୁ ମୋଟ ୧.୧୨ଲକ୍ଷ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେଇଥିବା ରାଜ୍ୟ ସରକାର ସେମାନଙ୍କ ମଧ୍ୟରୁ ମାତ୍ର ୩୦ହଜାରଙ୍କୁ ଏପର୍ଯ୍ୟନ୍ତ ପ୍ଲେସମେଣ୍ଟ ଦେଇପାରିଛନ୍ତି। ସେହିପରି ବିଶ୍ୱସ୍ତରୀୟ ମାନବସମ୍ବଳ ସୃଷ୍ଟି ପାଇଁ ରାଜ୍ୟ ସରକାର ୨୦୨୧ ମାର୍ଚ୍ଚରୁ କାର୍ଯ୍ୟକ୍ଷମ ‘ୱାଲର୍ଡ ସ୍କିଲ ସେଣ୍ଟର’ରେ ୧୫ରୁ ୩୪ବର୍ଷ ବୟସର ପ୍ରାୟ ୨ଲକ୍ଷ ଯୁବକଯୁବତୀଙ୍କୁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଉପାର୍ଜନକ୍ଷମ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ମାତ୍ର ୭୫୦୦ଜଣ ଯୁବକଯୁବତୀ ଏଠାରେ ଆଡମିଶନ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ରାଜ୍ୟ ସରକାର ୨୦୨୨-୨୩ ମସିହାରେ ମୋଟ ୪୫ଟି ନିଯୁକ୍ତି ମେଳାର ଆୟୋଜନ କରିଥିଲେ ଓ ଯେଉଁଥିରେ ମାତ୍ର ୧୮୮୫୨ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିଥିଲା। ଯଦିଓ ରାଜ୍ୟରେ ପ୍ରାୟ ୧୮ରୁ ୨୦ଲକ୍ଷ ବେକାର ଯୁବକଯୁବତୀ ଏବେବି କର୍ମନିଯୁକ୍ତି ଅନ୍ୱେଷଣରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦି ସରକାର ପ୍ରତି ଯୁବ ଭୋଟରଙ୍କ ମଧ୍ୟରେ ବଢୁଥିବା କ୍ରେଜ୍ ଉପରେ ଅଙ୍କୁଶ ଲଗାଇବାକୁ ରାଜ୍ୟର ବିଜେଡି ସରକାର ଏବେ ନୂଆ ବୋତଲରେ ପୁରୁଣା ରଖି ଯୁବବର୍ଗଙ୍କୁ ଭୂଆଁ ବୁଲାଇବାକୁ ପ୍ରୟାସ କରୁଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ, ସ୍କିଲଡ୍ ଓଡ଼ିଶା, ବିଶ୍ୱ ଦକ୍ଷତା କେନ୍ଦ୍ର ଆଦି ଫେଲ୍ ମାରିବା ପରେ ଏବେ ‘ନୂଆ ଓଡ଼ିଶା’ର ଭେଲିକି ଦେଖାଇଥିବା ଚର୍ଚ୍ଚା ହେଉଛି।

### ଭଙ୍ଗା ପଡିଛି ...

କୋଟି କୋଟି ଟଙ୍କାର ଏହି କାର୍ଯ୍ୟଟିକୁ ନେଇଥିବା ଠିକାଦାରର ମନମାନୀ ଏବେ ଆ.ଡି ବିଭାଗ ଯନ୍ତ୍ରୀ ମାନଙ୍କର ଅସଲ ମୁଖା ଖୋଲିଦେଇଛି। ଯାହାକି କୋଟି କୋଟି ଟଙ୍କାର ଏହି କାର୍ଯ୍ୟଟିକୁ ନେଇଥିବା ଠିକାଦାର ଗୋବିନ୍ଦପୁର ଗାଁ ଶେଷ ଠାରୁ ଗୁଣ୍ଡିଲୋ ପୋଲ ପର୍ଯ୍ୟନ୍ତ ୧୨ନମ୍ବର ପୂର୍ବପଟ କେନାଲବନ୍ଧ ରାସ୍ତାଟିକୁ ପିଚୁ କରାଯାଇଥିବା ବେଳେ ଏହି ପିଚୁରାସ୍ତା ମଝିରେ ଅନେକ ବିଦ୍ୟୁତ୍ ଖୁଣ୍ଟି ରହିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ମଝିରେ ଅନେକ ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ଗୁଡିକୁ ନ ଉଠାଇ ଠିକାଦାର ପିଚୁ କଲା କିପରି ? ଏଥିରେ ତିର୍ତ୍ତୋଲ ଆରଡି ବିଭାଗ ଯନ୍ତ୍ରୀ ମାନଙ୍କର ଭୂମିକା କ’ଣ ଥିଲା ? ଏଭଳି ଘଟଣା ଏବେ ସ୍ଥାନୀୟ ବାସିନ୍ଦାଙ୍କୁ ଚକିତ କରିଛି। ଏମିତିକି ଉକ୍ତ ୧୨ନଂ କେନାଲବନ୍ଧ ରାସ୍ତା ଉପରେ ଥିବା ଗୁଣ୍ଡିଲୋ ପୋଲଟିକୁ ଭାଙ୍ଗିଦେଇ ଠିକାଦାର ଚମ୍ପଟ ମାରିବା ଭଳି ଘଟଣା ଏବେ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିବା ସହ ତିବ୍ର ଅସନ୍ତୋଷ ଦେଖାଦେଇଥିବା ଜଣାପଡ଼ିଛି। ପାଖାପାଖି ଦୀର୍ଘ ୬ମାସରୁ ଉର୍ଦ୍ଧ ସମୟ ହେଲାଣି ଏହି ପୋଲଟି ବିପଦସଙ୍କୁଳ ଭାବେ ଭାଙ୍ଗି ମେଲାହୋଇ ପଡିଥିଲେ ମଧ ଠିକାଦାରର ଦେଖାଦର୍ଶନ ନାହିଁ କି ପୋଲ କାର୍ଯ୍ୟଟି ମଧ ଆଜି ପର୍ଯ୍ୟନ୍ତ କରାଯାଇ ନଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ରାସ୍ତା ମଝିରେ ବିପଦପୂର୍ଣ୍ଣ ଭାବେ ଏହି ପୋଲଟି ଭାଙ୍ଗି ମେଲାହୋଇ ପଡିଥିବାରୁ ଅନେକ ଲୋକ ଏଠାରେ ଦୁର୍ଘଟଣାର ଶୀକାର ହେବା ସହ ମୃତ୍ୟୁ ମୁଖରୁ ତାଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିବା କଥା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିସହିତ ଏବେ ଚାଷବାସ ସମୟ ଚାଲିଥିବା ବେଳେ ଏହି ରାସ୍ତାବାଟ ଦେଇ ଚାଷୀଙ୍କ ଜମି ହଳ ନିମନ୍ତେ ଟ୍ରାକ୍ଟରଟିଏ ମଧ ଯାତାୟତ କରିପାରୁ ନଥିବାରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବିଷୟରେ ତିର୍ତ୍ତୋଲ ଆରଡି ବିଭାଗ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଠିକାଦାର ଏହି ପୋଲଟିକୁ ଆଜି କରିବ କାଲି କରିବ ବୋଲି କହିଚାଲିବା ଭଳି ଘଟଣା ଯନ୍ତ୍ରୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତିର୍ତ୍ତୋଲ ଆରଡି ବିଭାଗ ଅଧିନରେ ଚାଲୁଥିବା କୋଟି କୋଟି ଟଙ୍କାର ଏହି କାର୍ଯ୍ୟରେ ଠିକାଦାରର ଏଭଳି ମନମାନୀ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ କୁହୁଳୁଥିବା ଜଣାପଡ଼ିଛି। କୁହାଯାଉଛି ଏହି ପ୍ରଭାବଶାଳୀ ଠିକାଦାରଙ୍କର କାଳେ ଉପର ମହଲରେ ସେଟିଂ ଥିବାରୁ ତାଙ୍କର ଏପରି କାର୍ଯ୍ୟକୁ ଦେଖି ମଧ ଯନ୍ତ୍ରୀ ମହାଶୟ ତୁଣ୍ଡ ଖୋଲିବାକୁ ସାହାସ କରିପାରୁ ନାହାଁନ୍ତି ବୋଲି ଚର୍ଚ୍ଚା ହେଉଛି। ଠିକାଦାରର ଏଭଳି ମନମାନୀ କାର୍ଯ୍ୟ ଉପରେ ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବା ଜଣାପଡ଼ିଛି।

### ବାରରେ ...

ବାର୍ରେ ଡ୍ୟାନ୍ସର ଭାବେ କାମ କରୁଥିଲେ ? ତାଙ୍କୁ ଡ୍ୟାନ୍ସର ଭାବେ ବାର୍ରେ କିଏ ନିୟୋଜିତ କରିଥିଲେ ? ରାଜଧାନୀରେ ବେଆଇନ୍ ଭାବେ ନାବାଳିକାଙ୍କୁ ବାର୍ରେ ନିୟୋଜିତ କରାଯାଉଥିବା ବେଳେ କ’ଣ କରୁଥିଲା ଅବକାରୀ ବିଭାଗ ? ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପରେ ଏପରି ନାନା ପ୍ରଶ୍ନ ଉଠିବା ପରେ ଚେଇଁ ଉଠିଛି ଅବକାରୀ ବିଭାଗ। ସୂଚନାରୁ ପ୍ରକାଶ, ଶୁକ୍ରବାର ରାତି ପ୍ରାୟ ୩.୨୦ ମିନିଟ୍ରେ ଶୁଭଲକ୍ଷ୍ମୀ କଟକ ରୋଡ୍ରେ ଥିବା ହୋଟେଲ ଦୀପାଳି ଇଣ୍ଟରନ୍ୟାସନାଲ୍କୁ ଯାଇଥିଲେ। ହୋଟେଲ୍ ୨୦୫ ନମ୍ବର ରୁମ୍ରେ ରହିଥିଲେ। ଶନିବାର ସକାଳେ ଓ ମଧ୍ୟାହ୍ନରେ କବାଟ ଖୋଲିନଥିଲେ ଶୁଭଲକ୍ଷ୍ମୀ। ହୋଟେଲ୍ କର୍ମଚାରୀଙ୍କ ମନରେ ସନ୍ଦେହ ବଢ଼ିବାରୁ ରୁମ କବାଟ ଭାଙ୍ଗିବାରୁ ଦେଖାଯାଇଥିଲା ତାଙ୍କର ଝୁଲନ୍ତା ମୃତଦେହ।

## ‘୨୦୨୪ ନିର୍ବାଚନରେ ବିଜେଡି ବଡ଼ ବିଜୟ ଲାଭ କରିବ’

**ଭୁବନେଶ୍ୱର :** ୨୦୨୪ ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ି ବିଜେଡି ପୁଣିଥରେ ବଡ଼ ବିଜୟ ଲାଭ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀ ମନସ୍ଥ କରିସାରିଛନ୍ତି। ବିଜୁ ଜନତା ଦଳ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକାକୀ ନିର୍ବାଚନ ଲଢିବ ଓ ଷଷ୍ଠଥର ସରକାର ଗଠନ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ୍। ରାଜ୍ୟରେ ମେଣ୍ଟ ରାଜନୀତି ନେଇ ହେଉଥିବା ଚର୍ଚ୍ଚାକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି ଅନ୍ୟ ବିଜେଡି ନେତା। ୨୦୦୯ ମସିହାରୁ ବିଜେଡି ଏକାକୀ ନିର୍ବାଚନ ଲଢି ପ୍ରତ୍ୟେକ ନିର୍ବାଚନରେ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ବଡ଼ ବିଜୟ ଲାଭ କରୁଛି। ଏଥର ବି ଏକାକୀ ଦଳ ନିର୍ବାଚନ ଲଢ଼ିବ ବୋଲି ବରିଷ୍ଠ ନେତାମାନେ ସ୍ପଷ୍ଟ କରିଛନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରକୁ ବିଜେଡି କେତେବେଳେ ସମର୍ଥନ ଦେଉଛି ତ କେତେବେଳେ ବିରୋଧ କରୁଛି। ଯାହାକି ସଂଘୀୟ ବ୍ୟବସ୍ଥାର ଏକ ପ୍ରକ୍ରିୟା ବୋଲି ବିଜେଡି ନେତା କହିଛନ୍ତି।

## ମହାନଦୀ ବକ୍ଷରେ ମିଶିଯିବ ତାରପୁର ଗାଁ





**ଜଗତସିଂହପୁର, (ସରୋଜ କୁମାର ଦାଶ):** ଜଳସମ୍ପଦ ବିଭାଗୀୟ ମନମୁଖୀ କାର୍ଯ୍ୟ ଯୋଗୁ ବହୁ କମ ଦିନରେ ତାରପୁର ଗ୍ରାମପଞ୍ଚାୟତ ମହାନଦୀ ବକ୍ଷରେ ମିଶିଯିବାକୁ ଯାଉଛି। ତାରପୁର ମହାନଦୀ ପୋଲଠାରୁ ପ୍ରାୟ ୮୦୦ ମିଟର ନଦୀ ପଠା ଆଜକୁ ୨ବର୍ଷ ହେଲା ଖାଇ ଚାଲିଛି। ବିଭାଗୀୟ କର୍ତ୍ତୁପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଭଫଳ ମିଳୁନାହିଁ। ଚଳିତ ବର୍ଷ କୁଳସାହି ସେକ୍ସନ ଅନ୍ତର୍ଗତ ତାରପୁର ମହାନଦୀ ବ୍ରିଜ ପାଖକୁ ରାମମନ୍ଦିର ପର୍ଯ୍ୟନ୍ତ ୬୫ଲକ୍ଷ ଟଙ୍କା ଅଟକଳରେ ପଥର ପ୍ୟାକିଙ୍ଗ୍ କାର୍ଯ୍ୟ କାରାଯଇଛି। ମାତ୍ର ଏହି କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ ସାମନ୍ୟ ବର୍ଷରେ ଏହା ନଷ୍ଟ ହୋଇ ଭୁସୁଡି ଯାଇଥିଲା। କୂଳସାହି ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ ଠିକାଦାର ଏ ଯନ୍ତ୍ରୀଙ୍କୁ ମଧୁର ଚନ୍ଦ୍ରିକାରେ ଟଙ୍କା ହେରଫେର ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଯନ୍ତ୍ରୀ କେବେହେଲେ କାର୍ଯ୍ୟ ଦେଖୁନାହାନ୍ତି। କେବେ ବି ଏଠାକୁ ଅସିନାହାନ୍ତି। ଏହାର ସୁଯୋଗ ନେଇ ଠିକାଦାର ନିମ୍ନ ମାନର କାର୍ଯ୍ୟ କରି ଖସି ଯିବାକୁ ବସିଛନ୍ତି। ଏହି କାର୍ଯ୍ୟ ପୁର୍ନବାର ଠିକ ଭାବରେ ନହେଲେ ସମାଜସେବୀ ରମାକାନ୍ତ ଭୋଇ, ପ୍ରଭାକର ମଲ୍ଲିକ, ରାଜରାସ୍ତାକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି। ତାଙ୍କ ସହିତ ସମାଜସେବୀ, ଲକ୍ଷ୍ମଣ ଦାଶ, ମୁନୁ ସାହୁ, ଚନ୍ଦ୍ରଶେଖର ସିଂ, ବସନ୍ତ ପରିଡା, ସୁସା ସ୍ୱାଇଁ, ସନ୍ତୋଷ ସିଂ, ସରପଞ୍ଚ ସୁଷମା ମଲ୍ଲିକଙ୍କ ସହିତ ତାରପୁର ଗ୍ରାମ ପଞ୍ଚାୟତର ଜନସାଧାରଣ ଦୁଃଖ ପ୍ରକାଶ କରିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ



**ନବରଙ୍ଗପୁର :** ରାଜ୍ୟ ସରକାରଙ୍କ ୫ଟି ମାଧ୍ୟମରେ ରୂପାନ୍ତରିକରଣ ଯୋଜନା ଆଧୁନିକତା ସ୍ପର୍ଶରେ ବର୍ତ୍ତମାନ ଫଳପ୍ରଦ ହୋଇ ଆକୃଷ୍ଟ ହେବାକୁ ଲାଗିଲାଣି। ଏତିକିରେ ନବରଙ୍ଗପୁର ଜିଲ୍ଲା ଗଠନ ହେବାର ଦୀର୍ଘ ୩୧ ବର୍ଷ ପୂର୍ବରୁ ଜିଲ୍ଲା ଭିତ୍ତିକ କାର୍ଯ୍ୟାଳୟ ମାନଙ୍କ ନିର୍ମାଣ ଗୃହର ଅବସ୍ଥା ନଷ୍ଟ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହାର ଏକ ବାସ୍ତବ ନମୁନା ନନ୍ଦାହାଣ୍ଡି ବ୍ଲକ ଅଧିନରେ ଥିବା ମେଣ୍ଡ୍ରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦେଖିଲେ ଜଣା ପଡିବ। ପ୍ରଥମେ କାର୍ଯ୍ୟାଳୟ ଗୁଡିକ କାଠ, ଆଜବେଷ୍ଟସ ଛପରରେ ନିର୍ମାଣ ହୋଇ ଥିଲା। କ୍ରମେ କାର୍ଯ୍ୟାଳୟର ଆଜବେଷ୍ଟସ୍ ହଟାଯାଇ ସେହି ସ୍ଥାନରେ କଙ୍କ୍ରିଟର ସ୍ଲାପ ଦିଆଗଲା ସିନା ନୂତନ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ତାହାକୁ ପୁଣି ଏମର୍ଜେନ୍ସିରେ ରିପେରିଂ ମଧ୍ୟ ମଝିରେ କରାଯାଇଥିଲା। ତଥାପି ବର୍ଷା ଦିନେ ବର୍ଷା ପାଣି ଝରି କାର୍ଯ୍ୟାଳୟ ଭିତରେ ସନ୍ତସନ୍ତିଆ ହେଉଛି। ମେଣ୍ଡ୍ରି ପଞ୍ଚାୟତ ଦେଇ ଯାଇଥିବା ରାଜ୍ୟ ରାଜପଥ ପାର୍ଶ୍ୱରେ ୬ ଟି ମୌଜାର ୨୨ ହଜାର ଲୋକେ ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ସାଧାରଣ ଚାଷୀ ମାନଙ୍କ ଠାରୁ ଆରମ୍ଭ କରି ଜମି ମାଲିକ, ଜରି ପାଇଁ ଗରିବ ଲୋକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥାନ୍ତି। ମୁଖ୍ୟ ରାସ୍ତା ଠାରୁ ୧୦ ଫୁଟ ତଳେ ରହିଥିବା କାର୍ଯ୍ୟାଳୟର ଗୃହଟି ଛାତ ସହିତ ସମାନ ଦେଖା ଯାଉଛି। ବର୍ଷା ଦିନରେ ପାଣି କାର୍ଯ୍ୟାଳୟ ପରିସରକୁ ଯାଇ ପାଣି ଜମୁଛି। ଲୋକେ ଯିବା ଆସିବା ରେ ନାହିଁ ନଥିବା ହଇରାଣ ହେଉଛନ୍ତି। ଲୋକଙ୍କ ଗୋଡ ଖସି ପଡୁଥିବାର ଦେଖାଯାଉଛି। ବାରମ୍ବାର ବ୍ଲକ, ଜିଲ୍ଲା ପ୍ରଶାସନକୁ ଜଣାଇଲେ ରିପେରିଂ ପାଇଁ କିଛି ଟଙ୍କା ବରାଦ କରୁଛନ୍ତି। ଯାହା କେବଳ ଠିକାଦାର ଓ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ହିଁ ଫାଇଦା ହେଉଛି। କାର୍ଯ୍ୟାଳୟରେ ଥିବା ଭଙ୍ଗା ଦାଦରା ଟେବୁଲ, ଚେୟାର ଓ ଅତ୍ୟାବଶ୍ୟକ ଲୋକଙ୍କ ନଥିପତ୍ର ଦେଖିଲେ କାର୍ଯ୍ୟାଳୟ ଭଳି ଲାଗୁନି। ଲୋକଙ୍କ ପାଇଁ ବସିବା ପାଇଁ ଜାଗା ନାହିଁ। କାର୍ଯ୍ୟାଳୟ ପାଇଁ ୩୦ ସେଣ୍ଟ ଜାଗା ରହିଛି। ହେଲେ କାର୍ଯ୍ୟାଳୟର ଗୃହକୁ ଦେଖିଲେ ଆବାସ ଯୋଜନାରେ ଦିଆଯାଇଥିବା ଦୁଇ ବଖରା ଘର ଭଳି ଦେଖାଯାଉଛି। ତେବେ ବାର୍ଷିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ଆଦାୟ କରି ସରକାରଙ୍କୁ ଚାଲାଣ କାଟୁଥିବା କାର୍ଯ୍ୟାଳୟ ଗୃହକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ରୂପାନ୍ତରିକରଣ କରାଯାଇ ଗୃହ ନିର୍ମାଣ କରିବାକୁ ଜନସାଧାରଣରେ ଦୃଢ଼ ଦାବୀ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଦାବିପତ୍ର




**କାକଟପୁର :** କାକାଟପୁର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରମୁଖ ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା, ଏକ୍ସକ୍ୟାଡର ଶିକ୍ଷକଙ୍କୁ ଏଲିମେଣ୍ଟାରି କ୍ୟାଡରଭୁକ୍ତ କରିବା, କଳା ଓ କ୍ରିଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକଙ୍କ ମାନ୍ୟତା ପ୍ରଦାନ କରିବା, ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥାର ପୁନଃପ୍ରଚଳନ କରିବା ଓ ସମସ୍ତ ବର୍ଗର ଶିକ୍ଷକଙ୍କୁ କେନ୍ଦ୍ରିୟ ହାରରେ ଦରମା ପ୍ରଦାନ କରିବା ଦାବି ନେଇ ଶିକ୍ଷକମାନେ ଶୋଭାଯାତ୍ରାରେ ଆସି ବ୍ଲକ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ସମୁହକୁ ବିଚାର ପାଇଁ ଗ୍ରହଣ କରା ନଗଲେ ଆସନ୍ତା ଅଗଷ୍ଟ ୧୬ରୁ ଶିକ୍ଷକମାନେ ସମୂହ ଛୁଟିରେ ରହି ରାଜ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ପ୍ରମୁଖ ଶିକ୍ଷକ ନେତାମାନେ ସରକାରଙ୍କୁ ଚେତାବନି ଦେଇଛନ୍ତି। ହୃଦାନନ୍ଦ ଶାସମଲଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ସୁଚରିତା ବେହେରା

# ପର୍ଯ୍ୟଟନ ମାନଚିତ୍ରରେ ଓଡିଶା





ସାର୍ବଭୌମତ୍ୟ, ଗଣତାନ୍ତ୍ରିକ ଓ ସୁଦୂରପ୍ରସାରି ଭାରତ ବର୍ଷର ପୂର୍ବରେ ଅବସ୍ଥିତ ପୁଣ୍ୟକ୍ଷେତ୍ର, କଳା କ୍ଷେତ୍ର, ତୀର୍ଥକ୍ଷେତ୍ର, ପାବନକ୍ଷେତ୍ର, ପବିତ୍ର ଧାମ, ମହାପରୁଷ, ଔପନ୍ୟାସୀକ, ସାରସ୍ୱତ ସ୍ରଷ୍ଟା, ସମାଜ ସଂସ୍କାରକ, ଐତିହାସିକ ବିଶେଷତ୍ୱ ରଖୁଥିବା ଆମର ସ୍ୱରାଜ 'ଉତ୍କଳ ପ୍ରଦେଶ ' ଏବଂ ଏହି ପାବନ ଧାମର ଅନ୍ୟନାମ 'ଓଡିଶା'। ଏହି ସ୍ୱର୍ଗୀୟ ଭୂମୀର ପୁରାତନ ନାମ 'କଳିଙ୍ଗ'। ବେଦ, ରାମାୟଣ, ମହାଭାରତ ଓ ବୌଦ୍ଧ ମାନଙ୍କର ସାହିତ୍ୟରେ ଉଡ୍ର, ଉତ୍କଳ, କଳିଙ୍ଗ, ଏହି ତିନି ନାମରେ ଉଲ୍ଲେଖ ରହିଛି। ମଧ୍ୟଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସମାଜରେ ଏହି ସ୍ଥାନ ପାବନ କ୍ଷେତ୍ର, ଉତ୍କୃଷ୍ଟ କଳାର କ୍ଷେତ୍ର ଏବଂ ଏହା କଳା ଓ ସଂସ୍କୃତିର ଦେଶ ହୋଇଥିବାରୁ ଏହାକୁ 'ଉତ୍କଳ' ନାମରେ ଅଭିହିତ କରାଯାଇଛି।

ଖ୍ରୀ.ଅ ୧୫୬୮ରେ ବଙ୍ଗଳା ଦେଶର ସେନାପତି କଳାପାହାଡ଼ଙ୍କ ଦ୍ୱାରା କଳିଙ୍ଗ ରାଜ୍ୟ ଅଧିକୃତ କରାଯାଇଥିଲା। ୧୮୦୩ ମସିହାରେ ଇଂରେଜମାନେ ଏହାକୁ ନିଜ ଅଧୀନରେ ଆୟତ୍ତ କରି ରଖିଥିଲେ। ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଉତ୍କଳର ବିଭିନ୍ନ ଅଞ୍ଚଳର ସମାଗମରେ ଏକ ନୂତନ ରାଜ୍ୟର ପ୍ରତିଷ୍ଠା ହୋଇଥିଲା। ଏହି ଦିବସକୁ 'ଉତ୍କଳ ଦିବସ'ର ଆଖ୍ୟା ଦିଆଯାଇଛି।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କବି ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟଙ୍କ ଭଳି ଔପନ୍ୟାସିକ, କାବ୍ୟର ରଚୟିତା, ସମାଜ ସଂସ୍କାରକ ଓ ଐତିହାସିକ ମହାପୁରୁଷ ମାନଙ୍କର ଅତୁଳନୀୟ ଅବଦାନ ରହିଛି। ସେମାନେ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ସ୍ରଷ୍ଟା ଥିଲେ। ସେମାନଙ୍କର ଲେଖନୀ ନିଃସୃତ ସମାଜରୁ କୁସଂସ୍କାର, ବାଲ୍ୟ ବିବାହକୁ ବିଲୀନ କରିବା ସହ ସମାଜରେ ନାରୀ ଶିକ୍ଷା, ନାରୀ ମାନଙ୍କର ସମ୍ମୁଚିତ ସମ୍ମାନର ରକ୍ଷା ନିମନ୍ତେ ସମାଜକୁ ଅନୁପ୍ରାଣିତ କରିଅଛି। ଏମାନେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ସହ ଓତଃପ୍ରୋତ ଭାବରେ ଜଡିତ ଥିଲେ ଏବଂ ଓଡ଼ିଆ ସାହିତ୍ୟ ଜଗତକୁ ଚିରସ୍ଥାୟୀ ଓ ଋଦ୍ଧିମନ୍ତ କରି ଗଢି ତୋଳିବା ଏହି ମହାପୁରୁଷ ମାନଙ୍କର ଏକମାତ୍ର ଲକ୍ଷ୍ୟ ରହିଥିଲା। ଏମାନଙ୍କର ଲେଖନୀ ନିଃସୃତ, ଉପନ୍ୟାସ, ଗଳ୍ପ, କବିତା, କାବ୍ୟ ଆଦି ଏକ ଶିକ୍ଷିତ ସମାଜ ଓ ସୁସଙ୍ଗଠିତ ରାଷ୍ଟ୍ର ନିର୍ମାଣରେ ସର୍ବଦା ସହାୟକ। କାରଣ ଏକ ଶିକ୍ଷିତ ସମାଜ ହିଁ ଉନ୍ନତ ରାଷ୍ଟ୍ରର ଦର୍ପଣ ଅଟେ। ଉତ୍କଳ ପ୍ରଦେଶ ରେ ଗଢି ଉଠିଥିବା ସଭ୍ୟତା ଓ ସଂସ୍କୃତି ମଧ୍ୟରୁ କଳା, ସାହିତ୍ୟ, ଧର୍ମ, ସ୍ଥାପତ୍ୟ, ଚିତ୍ରକଳା, ନୃତ୍ୟ, ସଂଗୀତ ଆଦି ବିଶ୍ୱରେ ସର୍ବଶ୍ରେଷ୍ଠ ସ୍ଥାନରେ ଅଧିଷ୍ଠିତ ହୋଇପାରିଛି। ଆମର ଏହି ଉତ୍କଳ ପ୍ରଦେଶର ରାଜଧାନୀ ଏକାମ୍ର କ୍ଷେତ୍ର, ଚକ୍ର କ୍ଷେତ୍ର, ମନ୍ଦିର ମାଳିନୀ ନଗର ଭୁବନେଶ୍ୱରର ନାମ ଭଗବାନ ଶିବ ଶଙ୍କରର ନାମ 'ତ୍ରିଭୁବନେଶ୍ୱର' ନାମରୁ ନାମିତ ହୋଇଛି। ଆମ ପାବନ ଭୂମି ଉତ୍କଳରେ ପୁରୀ, କୋଣାର୍କ, ଭୁବନେଶ୍ୱରକୁ 'ସ୍ୱର୍ଣ୍ଣ ତ୍ରିଭୁଜ'ର ଆଖ୍ୟା ପ୍ରଦାନ କରାଯାଇଛି। ପାବନ କ୍ଷେତ୍ର ଉତ୍କଳ ଭୂମିରେ କଳା ଓ ଐତିହ୍ୟର ଆଧାର ରୂପେ ଅନେକ ଦୃଷ୍ଟାନ୍ତ ସ୍ୱରୂପ ପର୍ଯ୍ୟଟନ ସ୍ଥଳୀ, ଐତିହାସିକ ପୃଷ୍ଠଭୂମି, ଅନ୍ୟାନ୍ୟ ଦେବାଳୟ ମାନ, ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ମାନ ରହିଅଛି। ଯେଉଁଥିପାଇଁ ଏହା ପର୍ଯ୍ୟଟକ ମାନଙ୍କର ଆକର୍ଷଣର କେନ୍ଦ୍ର ହୋଇଥାଏ। ପାବନ କ୍ଷେତ୍ର,



ଶ୍ରୀକ୍ଷେତ୍ର, ଶଙ୍ଖ କ୍ଷେତ୍ର, ପତିତ ପାବନ ଧାମ ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ବିଶ୍ୱ ପ୍ରସିଦ୍ଧ ଅଟେ। ଏହି ପବିତ୍ର ଧାମ ବିଶ୍ୱବାସୀଙ୍କ ପାଇଁ ଶାନ୍ତି, ମୈତ୍ରୀର ବାର୍ତ୍ତା ବିସ୍ତାର କରିବା ସହ ଏହା ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଅଟେ। ଏତଦବ୍ୟତୀତ ପୁରୀରେ ଅଲାରନାଥ ମନ୍ଦିର, ରାମଚଣ୍ଡୀ ମନ୍ଦିର, ଗୁଣ୍ଡିଚା ମନ୍ଦିର, ବିଶ୍ୱପ୍ରସିଦ୍ଧ ଅଟେ। ଉତ୍କଳ ପ୍ରଦେଶର ଯାଜପୁର ବିରଜା କ୍ଷେତ୍ର ଓ ଗଦା କ୍ଷେତ୍ର ନାମରେ ସୁପ୍ରତିଷ୍ଠିତ। ଏଠାରେ ମା' ବିରଜାଦେବୀଙ୍କ ମନ୍ଦିର ବିଶ୍ୱପ୍ରସିଦ୍ଧ ହୋଇଅଛି। ପୁରୀରେ ସ୍ଥାପିତ ଅର୍କ କ୍ଷେତ୍ର ଓ ପଦ୍ମ କ୍ଷେତ୍ର କୋଣାର୍କ ମନ୍ଦିର ଏହାର ଐତିହାସିକ ସ୍ମାରକୀ ପାଇଁ ବିଶ୍ୱ ପ୍ରସିଦ୍ଧ। ଏହାକୁ ସୂର୍ଯ୍ୟମନ୍ଦିର ମଧ୍ୟ କୁହାଯାଇଥାଏ। ଯାହାକି ପର୍ଯ୍ୟଟକ ମାନଙ୍କର ଆକର୍ଷଣର କେନ୍ଦ୍ର ହୋଇଥାଏ। ଆମ ରାଜ୍ୟରେ ଅବସ୍ଥିତ କେନ୍ଦ୍ରପଡା ଜିଲ୍ଲାକୁ ତୁଳସୀ କ୍ଷେତ୍ର ମଧ୍ୟ କୁହାଯାଇଥାଏ। ମିଲେନିୟମ ସିଟି ଓ ସିଲଭର ସିଟି କଟକ ଓ ଭୁବନେଶ୍ୱରକୁ ଟ୍ୱିନ୍ ସିଟ୍ ମଧ୍ୟ କୁହାଯାଇଥାଏ। ଆମ ରାଜ୍ୟରେ ରାଉରକେଲାକୁ ଇସ୍ପାତ ନଗରୀ ଅଥବା ଷ୍ଟିଲ ସିଟି ମଧ୍ୟ କୁହାଯାଇଥାଏ। ଏତଦବ୍ୟତୀତ ଅନ୍ୟାନ୍ୟ ଦେବାଳୟ ଓ ପବିତ୍ରଧାମ ମାନଙ୍କରେ କେନ୍ଦୁଝରରେ ଘଟଗାଁ ତାରିଣୀ ଏବଂ ମା ଗଡ଼ଚଣ୍ଡୀଙ୍କର ଶକ୍ତିପୀଠ, ଭଦ୍ରକରେ ବାବା ଆରଡ଼ିଙ୍କର ଶୈବପୀଠ, ଜଗତସିଂହପୁରରେ ପର୍ଶୁରାମପୁର ପୀଠ, ସାରଳା ମନ୍ଦିର, କାକଟପୁରରେ ମା ମଙ୍ଗଳା, ସମ୍ବଲପୁରରେ ସମଲେଶ୍ୱରୀ, ମା ଘଣ୍ଟେଶ୍ୱରୀ, କୋରାପୁଟରେ ନୃସିଂହନାଥ ମନ୍ଦିର, ବଲାଙ୍ଗୀରର ହରିଶଙ୍କର ମନ୍ଦିର, ଖୋର୍ଦ୍ଧାରେ ଚିଲିକାରେ ମା' କାଳିଜାଇ ମନ୍ଦିର, ଗଞ୍ଜାମରେ ତାରାତାରିଣୀ ମନ୍ଦିର, ଭୁବନେଶ୍ୱରରେ ଚୌଷଠି ଯୋଗିନୀ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, କଟକରେ ଆଠଗଡ଼ରେ ଭଟ୍ଟାରିକା ମନ୍ଦିର ଓ ବାଙ୍କୀ ଚର୍ଚ୍ଚିକା ମନ୍ଦିର, ବାଲେଶ୍ୱରରେ କ୍ଷୀରଚୋରା ଗୋପୀନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ନୟାଗଡ଼ରେ କୁମ୍ଭାରପଡା ଲଡୁକେଶ୍ୱର ମହାଦେବ ମନ୍ଦିର, ତାଳଚେରରେ ମା ହିଙ୍ଗୁଳା ଦେବୀଙ୍କର, ପୁରୀରେ ସାକ୍ଷୀ ଗୋପାଳ ମନ୍ଦିର ଏବଂ ଲୋକନାଥ ମନ୍ଦିର, ଢେଙ୍କାନାଳର କପିଳାସ ମନ୍ଦିର ଏବଂ ଅଲେଖ ଧାମରେ ଶୂନ୍ୟ ମନ୍ଦିର ବିଶ୍ୱପ୍ରସିଦ୍ଧ ଓ ଖ୍ୟାତି ଅର୍ଜନ କରିଛି। ଏହିଠାରେ ବର୍ଷ ସାରା ଭକ୍ତ ବହୁଳ ସମାଗମ ସବୁ ସମୟରେ ହୋଇଥାଏ ଏବଂ ଏହି ପବିତ୍ର ଧାମରେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ। ରାଜଧାନୀ ଭୁବନେଶ୍ୱର ଅନେକ ପର୍ଯ୍ୟଟନ ସ୍ଥଳୀ ଯେପରିକି ଧଉଳି ପାହାଡ଼, ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା, ରତ୍ନଗିରି ଗୁମ୍ଫା, ବିନ୍ଦୁ ସରୋବର, ନନ୍ଦନକାନନ ଜୋଲୋଜିକାଲ ପାର୍କ, ଏକାମ୍ର କାନନ ପାର୍କ, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଆଦି ପର୍ଯ୍ୟଟନ ସ୍ଥଳୀ ରହିଛି। ଚିଲିକାରେ ବିହଙ୍ଗ ବିହାର, କଟକ ବାରବାଟୀ ଷ୍ଟାଡିଅମ, ଭିତରକନିକା କୁମ୍ଭୀର ଅଭୟାରଣ୍ୟ, ସିଙ୍ଗନାଥ ମନ୍ଦିର, କେନ୍ଦୁଝରରେ ବଡ଼ବିଲରେ ହାୱା ମହଲ, ଅନୁଗୁଳରେ ଟିକରପଡା, ସମ୍ବଲପୁରରେ ବିଶ୍ୱର ଦୀର୍ଘତମ ହୀରାକୁଦ ଡ୍ୟାମ, ଶିମିଳିପାଳରେ ବ୍ୟାଘ୍ର ଅଭୟାରଣ୍ୟ ଯାହାକି ଭାରତର ସପ୍ତମ ଜାତୀୟ ଉଦ୍ୟାନ ଭାବରେ ପ୍ରତିଷ୍ଠିତ। ଏଠାରେ ବେଙ୍ଗଲ ଟାଇଗର ଏବଂ ଏସିଆନ ଏଲିଫେଣ୍ଟ ବହୁଳ ମାତ୍ରାରେ ଦେଖାଯାଆନ୍ତି। ବାଲେଶ୍ୱରର ଚାନ୍ଦିପୁରରେ ବେଳାଭୂମି, ତାଳସାରୀ ବେଳାଭୂମି, ବ୍ଲୁ ଲେକ, ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ। ଆମ ରାଜ୍ୟରେ ଦାରିଙ୍ଗୀବାଡିକୁ ଓଡିଶାର କାଶ୍ମୀର କୁହାଯାଏ। ଭୁବନେଶ୍ୱରର ଧଉଳି ନଗରରେ 'ବୌଦ୍ଧ ଶାନ୍ତି ସ୍ତୁପ' ପ୍ରତିଷ୍ଠିତ ହୋଇଛି। ଏହିସବୁ ସ୍ଥାନରେ ପ୍ରକୃତିର ଅନୁଗ୍ରହ ସାଂସ୍କୃତିକ, ଐତିହ୍ୟର ବିକାଶକୁ ପ୍ରାଧାନ୍ୟ ଦେବା ସହ ସ୍ମାରକୀୟ ସ୍ମୃତି ଓ ଚିତ୍ତାକର୍ଷକ ଦୃଶ୍ୟ ଓ ଆନନ୍ଦ ପ୍ରଦାନ କରିଥାଏ। ଆମର ପାବନକ୍ଷେତ୍ର ଉତ୍କଳଭୂମିରେ କଳା, ସଂସ୍କୃତି, ସାହିତ୍ୟର ପ୍ରତିଛବି ଆମ ରାଜ୍ୟର ମୁଖ୍ୟ ନୃତ୍ୟ 'ଓଡ଼ିଶୀ' ମାଧ୍ୟମରେ ପ୍ରତିଫଳିତ ହୋଇଥାଏ। ଏତଦବ୍ୟତୀତ ଅନାନ୍ୟ ଲୋକାନୃତ୍ୟ ମାନଙ୍କ ମଧ୍ୟରେ ଛଉ ନୃତ୍ୟ, ଦାସକାଠିଆ, କରମା ନୃତ୍ୟ, ଘୁମୁରା ନୃତ୍ୟ, ଗୋଟିପୁଅ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ଆଦି ଆମ ଉତ୍କଳଭୂମିରେ ଲୋକପ୍ରିୟ ଏବଂ ପ୍ରସିଦ୍ଧ। ପାବନଧାମ ଉତ୍କଳଭୂମିରେ ଚାରିପ୍ରକାର ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ଏଠାରେ ଖଣିଜ ପଦାର୍ଥ, ଜଙ୍ଗଲ ଜାତ ପଦାର୍ଥ, ସମୁଦ୍ର ଜାତ ପଦାର୍ଥ, କୃଷି ଜାତ ପଦାର୍ଥ ଯଥେଷ୍ଟ ପରିମାଣ ରେ ମିଳିଥାଏ।

ଓଡିଶାର ସର୍ବୋନ୍ନତି ଓ ପ୍ରଗତି ପାଇଁ ଶିଳ୍ପ ପ୍ରତିଷ୍ଠାନ ଏକ ଅତ୍ୟନ୍ତ ଗୁରୁତ୍ୱପୁର୍ଣ ଭୂମିକା ଗ୍ରହଣ କରିଥାନ୍ତି। ତନ୍ମଧ୍ୟରୁ ଅନୁଗୁଳ ଜିଲ୍ଲା ଓଡିଶାର ଶିଳ୍ପ ପ୍ରତିଷ୍ଠାନ କ୍ଷେତ୍ରରେ ଓଡିଶାରେ ପ୍ରଥମ ସ୍ଥାନରେ ଅଧିଷ୍ଠିତ। ଅନୁଗୁଳରେ ନାଲକୋ ଜିନ୍ଦଲ ଷ୍ଟିଲ ପାୱାର ପ୍ଲାଣ୍ଟ ରହିଅଛି। ଏତଦବ୍ୟତିତ ରାଉରକେଲାରେ ଷ୍ଟିଲ ପ୍ଲାଣ୍ଟ ଏବଂ ମିନେରାଲସ କମ୍ପାନୀ, ଯାଜପୁରରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍, ବାଲେଶ୍ୱର ଇସ୍ପାତ ଏଲୟଜ ଲିମିଟେଡ୍, ସମ୍ବଲପୁରରେ ଥର୍ମାଲ ପାୱାର ଷ୍ଟେସନ ଅବସ୍ଥିତ। କେନ୍ଦୁଝରରେ କଳିଙ୍ଗ ଆଇରନ ୱାର୍କସ ଆଦି ପ୍ରସିଦ୍ଧ, ଭୁବନେଶ୍ୱରରେ ରସୁଲଗଡ଼ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ନୀଲ ପ୍ଲାଷ୍ଟ ପଲିମର ଆଦି ପ୍ରସିଦ୍ଧି ଲାଭ କରିଛି।

ସ୍ୱାଭିମାନ, ସଂସ୍କୃତି, ପରମ୍ପରା କୁଟୀର ଶିଳ୍ପ, ପର୍ଯ୍ୟଟନ ବିଶ୍ୱ ଦରବାର ରେ ପ୍ରସିଦ୍ଧ ହେଲେ ହେଁ ଏହି ସବୁକୁ ଆହୁରି ବ୍ୟାପକ କରି ଓଡ଼ିଶାର ଅର୍ଥନୀତିକୁ ମଜଭୁତ କରିବା ସହ ନିଜ ମାଟିରେ ଅର୍ଥରୋଜଗାର କରିବା ଭଳି ବିଭିନ୍ନ ଶିଳ୍ପ ଯୋଜନା ସରକାରୀ ଓ ବେସରକାରୀ ମାଧ୍ୟମରେ ସୃଷ୍ଟି କରିବା ଉଚିତ। ଓଡିଶା ପର୍ବପର୍ବାଣିର ରାଜ୍ୟ। ଉତ୍କଳର ପର୍ବପର୍ବାଣି ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନ ଭିତ୍ତି ଉପରେ ପ୍ରତିଷ୍ଠିତ। ପର୍ବପର୍ବାଣି ଗୁଡିକରେ ଜନଜୀବନ, ସଂସ୍କୃତି, ଜାତୀୟତା ବୋଧ ଧର୍ମ ପରାୟଣ ଆଦି କାର୍ଯ୍ୟରେ ସଂଶ୍ଳିଷ୍ଟ। ଉତ୍କଳୀୟ ପର୍ବ ପର୍ବାଣି ମୁଖ୍ୟତଃ ଚାରୋଟି ଭାଗରେ ବିଭକ୍ତ କରାଯାଇଛି। ସେଗୁଡିକ ହେଉଛି ଶାସ୍ତ୍ରୀୟ, ଲୌକିକ, ଆଞ୍ଚଳିକ, ଓ କୃଷିଭିତ୍ତିକ. ଓଡିଶା ର ପର୍ବପର୍ବାଣି ମାନଙ୍କ ମଧ୍ୟରେ ମୁଖ୍ୟତଃ



ପ୍ରଧାନ ଉତ୍ସବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ସ୍ନାନ ପୂର୍ଣ୍ଣମାରେ ଚତୁର୍ଦ୍ଧା ବିଗ୍ରହ ମାନଙ୍କର ସ୍ନାନାଦି କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ ଏବଂ ତିନି ବିଗ୍ରହ ମାନଙ୍କର ନୂତନ ବେଶ ହେବା ପାଇଁ ୧୨ ଦିନ ସମୟ ଲାଗେ। ଏହି ସମୟକୁ ଅନବସର ସମୟ କୁହାଯାଏ। ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟର ଭାର ଦଇତାପତି ସେବାୟତ ମାନେ ବହନ କରନ୍ତି। ରଥଯାତ୍ରା ଦିନ ତିନୀ ଦିଅଁ ରଥ ଆରୋହଣ କରନ୍ତି। ରଥଯାତ୍ରା ଗୁଣ୍ଡିଚା ଘରକୁ ଯିବା ଆଗରୁ ଛେରା ପହଁରା କରାଯାଏ। କାଳକାଳରୁ ଚଳି ଆସୁଥିବା ଏହି ପ୍ରଥାର ଅର୍ଥ ଯେ ରାଜା ଓ ସାଧାରଣ ମଣିଷ ମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ରଥର ନାମ 'ନନ୍ଦିଘୋଷ', ବଳଭଦ୍ର ଙ୍କର ରଥର ନାମ 'ତାଳଧ୍ୱଜ', ସୁଭଦ୍ରା ଦେବୀଙ୍କର ରଥର ନାମ 'ଦର୍ପଦଳନ'। ଏହି ତିନି ରଥରେ ବିଜେ କରି ବଡ଼ ଜାକଜକମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଙ୍କର ସହିତ ବଡ଼ଦାଣ୍ଡରେ ବଡଦେଉଳକୁ ଫେରି ଆସନ୍ତି। ଏକାଦଶୀ ତିଥିରେ ତିନି ଦିଅଁ ମାନେ ବଡ଼ ଦେଉଳକୁ ଫେରି ଆସନ୍ତି। ଏକାଦଶୀ ତିଥିରେ ତିନି ଦିଅଁ ମାନେ ରାଜବେଶ ଧାରଣ କରନ୍ତି। ଯେଉଁ ବର୍ଷ ବିଗ୍ରହ ମାନଙ୍କର ପରିବର୍ତ୍ତନ ହୁଏ ସେହି ବର୍ଷକୁ ନବକଳେବର ବର୍ଷ କୁହାଯାଏ। ଏତଦବ୍ୟତୀତ ଶ୍ରାବଣ ମାସରେ ଏକାଦଶୀ ତିଥିରେ ଝୁଲଣ ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣମୀ ଦିନ ଶେଷ ହୁଏ। ସ୍ୱୟଂ ଦୋଳଗୋବିନ୍ଦଙ୍କର ପ୍ରତିମା ଝୁଲଣରେ ବସନ୍ତି। କାର୍ତ୍ତିକ ମାସରେ ରାସଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିଶେଷ ଭୋଗ ଏବଂ ମହାପ୍ରଭୁଙ୍କର ରାଜବେଶ କରାଯାଇଥାଏ। ଫାଲଗୁନ୍ ଶୁକ୍ଳ ଦଶମୀ ଠାରୁ ଆରମ୍ଭ ହୋଇଥାଏ ଦୋଳଯାତ୍ରା। ଦୋଳଗୋବିନ୍ଦଙ୍କର ବିଗ୍ରହ ପ୍ରତିମା ଦୋଳ ମଣ୍ଡପଙ୍କୁ ଅଣାଯାଇଥାଏ। ସେଠାରେ ହୋଲି ଖେଳ ହୋଇ ଦୋଳପୁର୍ଣିମାକୁ ଆନନ୍ଦ ଉତ୍ସବରେ ପାଳିତ କରାଯାଏ। ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ଠାରୁ ଏକୋଇଶି ଦିନ ପର୍ଯ୍ୟନ୍ତ ଚନ୍ଦନଯାତ୍ରା ପାଳନ କରାଯାଇଥାଏ। ଶ୍ରୀ ଜଗନ୍ନାଥ ଜିଓଙ୍କର ଚଳନ୍ତି ପ୍ରତିମା ମଦନମୋହନଙ୍କୁ ନରେନ୍ଦ୍ର ସରୋବରକୁ ନିଆଯାଇଥାଏ। ସେଠାରେ ପ୍ରଭୁଙ୍କର ନୌକା ବିହାର କରାଯାଏ। ଉତ୍କଳ ଭୂମିରେ ଅନ୍ୟାନ୍ୟ ପର୍ବପର୍ବାଣି ମଧ୍ୟରେ ଅକ୍ଷୟ ତୃତୀୟା, ଶାମ୍ବଦଶମୀ, ରଜପର୍ବ, ସରସ୍ୱତୀ ପୂଜା, ଗଣେଶ ପୂଜା, ଦୀପାବଳି, ଦଶହରା, ଧନୁଯାତ୍ରା, ନୂଆଖାଇ, ପ୍ରଥମାଷ୍ଟମୀ, ବିଷୁବ ସଂକ୍ରାନ୍ତି, ଗୁରୁବାର ମାଣବସା, ସୁଦଶା ବ୍ରତ ଇତ୍ୟାଦି ପାଳନ କରାଯାଏ।

ଓଡ଼ିଶାରେ ହସ୍ତଶିଳ୍ପ ମଧ୍ୟରେ ବସ୍ତ୍ରକଳା, ପିତ୍ତଳ ଓ କଂସା, ଧାତବ ଶିଳ୍ପ, ଶିଙ୍ଗକାମ, ରୁପା ତାରକସି କାରୁକାର୍ଯ୍ୟ ଶିଳ୍ପ, ଓଡିଶା ହସ୍ତ ଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ହସ୍ତତନ୍ତ୍ର ଶିଳ୍ପ ଦ୍ୱାରା କଟକ ଦ୍ୱାରା ଅନୁମୋଦିତ। ବସ୍ତ୍ରକଳା ଓ ଏହାର କାରୁକାର୍ଯ୍ୟ ଅତ୍ୟନ୍ତ ସୁସ୍ପଷ୍ଟ ଓ ଅସାଧାରଣ ଶୈଳୀ ଲକ୍ଷଣ ଯୁକ୍ତ, ସୁନ୍ଦର ରଙ୍ଗ ମିଶ୍ରିତ, ତନ୍ତୁବିନ୍ୟାସ ଥାଇ ଶୋଭାବର୍ଦ୍ଧକ ଏବଂ ଏଗୁଡିକ ନିଜସ୍ୱ ସ୍ୱତନ୍ତ୍ରତା ବହନ କରେ। କଂସା, ଧାତବ ପ୍ରସ୍ତୁତ ଉତ୍ପାଦ ଓଡିଶା ଇତିହାସରେ ପ୍ରମୁଖ ସ୍ଥାନ ଅଧିକାର କରିଛି। କଂସା ଓ ପିତ୍ତଳ ବାସନ କୁସନ ଏହାର ଆକାର ଧାତବ ମିଶ୍ରଣ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଥିବା ସହିତ ଓ ଔଷଧୀୟ ଗୁଣ ବହନ କରେ। ଏତଦବ୍ୟତୀତ ପ୍ରାଣୀମାନଙ୍କ ର ସିଙ୍ଗରୁ ପ୍ରସ୍ତୃତ ନିର୍ଦ୍ଧିଷ୍ଟ ଆକାର ଏବଂ ଉଚ୍ଚକୋଟୀର ଢାଞ୍ଚାରେ ସୁକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ହସ୍ତଶିଳ୍ପ ଉତ୍ପାଦ ପ୍ରସ୍ତୁତି ମଧ୍ୟ ରହସ୍ୟଜନକ ଏବଂ ପ୍ରେରଣା ଦାୟକ ହୋଇଛି। କଟକ ଜିଲ୍ଲାରେ ଉନ୍ନତ ରୁଚି ସମ୍ପନ୍ନ, ରୌପ୍ୟ ତାରକସି କାରୁକାର୍ଯ୍ୟ, ଶିଳ୍ପକଳାର ସୁଦୀର୍ଘ ପରମ୍ପରା ରହିଛି। ସ୍ଥାନୀୟ ଭାଷାରେ ଏହି ତାରକସୀ କାରୁକାର୍ଯ୍ୟକୁ ରାଜ୍ୟକୁ ପରିଦର୍ଶନ ପାଇଁ ଆସିଥିବା ଦେଶ ଓ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଏହାକୁ ଉପହାର ଦିଆଯାଇଥାଏ। ଓଡିଶାର ସାହିତ୍ୟ, ସଂସ୍କୃତି, କୁଟୀର ଶିଳ୍ପ ପାରମ୍ପରିକ



ଶୈଳୀ ଦେଶ ବିଦେଶରେ ଆଦୃତ। ଉତ୍କଳ ଜନନୀ ଆମର ସମ୍ମାନ ଏବଂ ସ୍ୱାଭିମାନ, ଗର୍ବ ଓ ଗୌରବ। ଏହାର ଐକ୍ୟ, ସଂହତି, ଓ ପ୍ରଗତି ଓ ଜାତିର ଏକତାକୁ ବଜାୟ ରଖିବା, ଚିରସ୍ଥାୟୀ କରି ଗଢିତୋଳିବା ଆମ ଉତ୍କଳବାସୀଙ୍କର କର୍ତବ୍ୟ। ପ୍ରତ୍ୟେକ ଉତ୍କଳବାସୀ ନିଜର ଦେଶପ୍ରେମ, ଦେଶଭକ୍ତି ପଥରେ ଅନୁଗାମୀ ହୋଇ ନିଜର ମାତୃଭୂମି, ଓ ମାତୃଭାଷା ପ୍ରତି ସମସ୍ତ କର୍ତ୍ତ୍ୟବ୍ୟ ସୁଚାରୁରୂପେ ଏବଂ ଅନୁଶାସନ ଅନୁପ୍ରାଣିତ ହୋଇ ସମ୍ପାଦନ କରିବା ଉଚିତ। ଏହି ପାବନ କ୍ଷେତ୍ର, ବୀରପୁରୁଷ ମାନଙ୍କର ବୀରଭୂମି ଓ ଜନ୍ମଭୂମି ଆମର ଉତ୍କଳ ଜନନୀ ଏକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏକ ସ୍ୱର୍ଗୀୟ ଉପହାର।

*ଫକୀର ମୋହନ ନଗର, ବାଲେଶ୍ୱର*









## ଗୁରୁଦିବସରୁ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ ପାଠପଢ଼ା

# ଉଭୟ ପିଜି ଏବଂ ପିଏଚ୍‌ଡି ବିଭାଗରେ ହେବ ନାମଲେଖା

**ଭୁବନେଶ୍ୱର :** ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଆସନ୍ତା ସେପ୍ଟେମ୍ବର ୫ (ଗୁରୁଦିବସ)ରୁ ଆରମ୍ଭ ହେବ ପାଠପଢ଼ା। ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାୟୋଗିକ ଭାଷା ଓ ଆଞ୍ଚଳିକ, ଆଦିବାସୀ ଭାଷା ଓ ଐତିହ ଭଳି ତିନୋଟି ବିଭାଗରେ ୨୪ଟି ଲେଖାଏଁ ସିଟ୍ ରହିବ। ଉଭୟ ପିଜି ଓ ପିଏଚଡି ପାଇଁ ନାମଲେଖା ହେବ। ଏନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ସିଲାବସ୍ କମିଟି ବୈଠକ ବସିଥିଲା। ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ୬ଜଣିଆ କମିଟିର ବୈଠକ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ରବି ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତାବିତ ସିଲାବସ ଓ ପାଠ୍ୟ ପୁସ୍ତକ ନେଇ ଆଲୋଚନା ହୋଇଛି। କମିଟିରେ ସ୍ଥାନିତ ହୋଇଥିବା ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜ୍ ମାଦି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ଲେଖିକା ପ୍ରତିଭା ରାୟଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ସୂଚନା ଦେଇ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ କହିଛନ୍ତି, ସେପ୍ଟେମ୍ବର ୫ରୁ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ ହେବ। ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାୟୋଗିକ ଭାଷା ଏବଂ ଆଞ୍ଚଳିକ, ଆଦିବାସୀ ଭାଷା ଓ ଐତିହ୍ୟ ଆଦି ତିନିଟି ବିଭାଗରେ ଛାତ୍ରଛାତ୍ରୀ ନାମ ଲେଖାଇବେ। ୨୪ ଲେଖାଏଁ ସିଟରେ ମୋଟ୍ ୭୨ଜଣ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଥିବାବେଳେ ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ସିଲାବସ୍ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିବାବେଳେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବିତ ସିଲାବସ୍ ଦିଆଯିବ। ଏହାର ଅନୁମୋଦନ ପରେ ଉକ୍ତ ପାଠ୍ୟକ୍ରମ ଆଧାରରେ ଛାତ୍ରଛାତ୍ରୀ ପାଠ ପଢ଼ିବେ। ତେବେ କ୍ୟାମ୍ପସ କାମ ଶେଷ ହୋଇନ ଥିବାରୁ କିଛି ଦିନ ଅସ୍ଥାୟୀ କ୍ୟାମ୍ପସରେ ପିଲାଙ୍କୁ ପାଠ ପଢ଼ାଯାଇପାରେ ବୋଲି ସେ କହିଛନ୍ତି।

## ରୂପାନ୍ତର ହେବ ଗଙ୍ଗାଧର ସ୍ମୃତି ପୀଠ

# ନିର୍ମାଣ ହେବ କବି ଭବନ, ସ୍ମୃତି ଭବନ ଓ ଗଙ୍ଗାଧର ମେହେର ପାର୍କ

**ଭୁବନେଶ୍ୱର :** ବରପାଲି ରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ମାସ ୨୬ ଓ ୨୭ ତାରିଖରେ ବରଗଡ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମିକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସେହିପରି ଜୁନ ୨୬ ତାରିଖ ଦିନ ଶ୍ରୀ ପାଣ୍ଡିଆନ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ବରପାଲିସ୍ଥିତ ଜନ୍ମସ୍ଥାନ



ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ କମିଟି ସଦସ୍ୟମାନଙ୍କ ସହିତ ଜନ୍ମସ୍ଥାନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହର ଓଡିଆ ଜାତିର ମହାନ୍ ସନ୍ତାନ। ଓଡିଆ ଭାଷା ଓ ସାହିତ୍ୟର ବିକାଶରେ ତାଙ୍କର ଅନବଦ୍ୟ ଅବଦାନ ଥିଲା। ତାଙ୍କ ଜନ୍ମ ପୀଠ ସାହିତ୍ୟପ୍ରେମୀ ତଥା ସାଧାରଣ ଲୋକଙ୍କ ପାଇଁ ଏକ ତୀର୍ଥ ସ୍ଥାନ। ଏହି ଐତିହାସିକ ପୀଠର ସର୍ବାଙ୍ଗୀନ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କରାଯାଇ ଏହାକୁ ଓଡିଆ ସାହିତ୍ୟର ଏକ ଗବେଷଣା କେନ୍ଦ୍ର ତଥା ଏକ ଆକର୍ଷଣୀୟ ପୀଠରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ କବି ଭବନ, ସ୍ମୃତି ଭବନ ଓ ଗଙ୍ଗାଧର ମେହର ପାର୍କ ନିର୍ମାଣ କରାଯିବ। ରୂପାନ୍ତର ପରେ ପ୍ରତି ବର୍ଷ ଏଠାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ଆଶା କରାଯାଏ।

# ନିଯୁକ୍ତି ପାଇବେ ୭ହଜାର ୨୭୬ ମେଡିକାଲ୍ ଅଫିସର

**ଭୁବନେଶ୍ୱର :** ରାଜ୍ୟରେ ଖୁବଶୀଘ୍ର ନିଯୁକ୍ତି ପାଇବେ ୭ହଜାର ୨୭୬ମେଡିକାଲ୍ ଅଫିସର। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଥିବାବେଳେ ଆୟୋଗ ପକ୍ଷରୁ ଚୟନ ପ୍ରକ୍ରିୟା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ବର୍ଗରେ ୨୫୦୦, ଏସଇବିସିରେ ୭୧୪, ଅନୁସୂଚିତ ଜାତି ବର୍ଗରେ ୧୫୯୭ ଓ ଜନଜାତି ବର୍ଗରେ ୨୪୬୫ଟି ପଦ ପୂରଣ ହେବ। ଏଥିଲାଗି ଆବେଦନ ପ୍ରକ୍ରିୟା ଆସନ୍ତା ଅଗଷ୍ଟ ୧୮ରୁ ଆରମ୍ଭ ହେବ। ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ଆଶାୟୀ ଆବେଦନ କରିବାକୁ ଥିବାବେଳେ ଆବେଦନ ପାଇଁ ଆଶାୟୀଙ୍କୁ



କୌଣସି ଫି' ଦେବାକୁ ପଡ଼ିବ ନାହିଁ। ୨୧ରୁ ୩୮ବର୍ଷ ବୟସ ମଧ୍ୟରେ ଏମବିବିଏସ୍ ଉତ୍ତୀର୍ଣ୍ଣ ଆଶାୟୀ ପ୍ରାର୍ଥୀ ଏହି ପଦ ଲାଗି ଆବେଦନ କରିବାକୁ ଥିବାବେଳେ ରାଜ୍ୟ ସରକାରଙ୍କ ଗ୍ରୁପ-ଏ କନିଷ୍ଠ ବର୍ଗରେ ସେମାନେ ନିଯୁକ୍ତି ପାଇବେ।

# ୨୭୫୪୬ ବକେୟା ଟିକସ ମାମଲା ରଦ୍ଦ

**ଭୁବନେଶ୍ୱର :** ରାଜ୍ୟ ସରକାର ୨୭୫୪୬ଟି ବକେୟା ଟିକସ ମାମଲାକୁ ସବୁଦିନ ପାଇଁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଟିକସ ମାମଲାଗୁଡ଼ିକର ଫଇସଲା କରିବାରେ ଯେତିକି ମାନବସମ୍ବଳ ବିନିଯୋଗ ହେବ ତାହା ଆଦାୟ ବକେୟା ପରିମାଣ ତୁଳନାରେ ଢେର ବେଶୀ ବ୍ୟୟବହୁଳ ହେବ। ତେଣୁ ମୋଟ ୩୨.୭୩କୋଟି ଟଙ୍କା ବକେୟା ଟିକସର ଏହି ୨୭୫୪୬ଟି ମାମଲାକୁ ସବୁଦିନ ପାଇଁ ବନ୍ଦ କରିବାକୁ ରାଜ୍ୟ ଅର୍ଥ ବିଭାଗର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୧୨ଟି ବିଭାଗର ମୋଟ ୧୯ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଓଡ଼ିଶା ବିକ୍ରିକର ଅଧିନିୟମ, ଓଡ଼ିଶା ଅତିରିକ୍ତ ବିକ୍ରିକରଣ ଅଧିନିୟମ, କେନ୍ଦ୍ରୀୟ ବିକ୍ରିକର ଅଧିନିୟମ, ଓଡ଼ିଶା ଭ୍ୟାଟ୍ ଆଇନ, ଓଡ଼ିଶା ପ୍ରମୋଦ କର ଆଇନ ସମେତ ପେଟ୍ରୋଲ,ଡିଜେଲ, ବିମାନ ଇନ୍ଧନ, ପ୍ରାକୃତିକ ଗ୍ୟାସ, ଅଶୋଧିତ ତୈଳ ଓ ମଦ ମାମଲାରେ ୫ହଜାରରୁ ୨୫ହଜାର ଟଙ୍କା ମଧ୍ୟରେ ବକେୟା ଥିବା ସମସ୍ତ ଟିକସ ମାମଲାକୁ ରଦ୍ଦ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ପକ୍ଷରୁ ପ୍ରେସ୍ ରିଲିଜ୍ ମାଧ୍ୟମରେ କୁହାଯାଇଛି ଯେ, ରାଜ୍ୟରେ ଏବେ ମୋଟ ୮୧୫୬.୭୨କୋଟି ଟଙ୍କାର ବକେୟା ଟିକସ ସଂକ୍ରାନ୍ତ ୫୯୨୪୩ଟି ମାମଲା ବିଚାରାଧୀନ ରହିଛି। ସେଥିରୁ ୫୦୦୧ଟଙ୍କାରୁ ୨୫ହଜାର ଟଙ୍କା ମଧ୍ୟରେ ୨୭୫୪୬ଟି ଟିକସ ମାମଲା ରହିଛି ଯାହାର ମୋଟ ବକେୟା ପରିମାଣ ହେଉଛି ୩୨କୋଟି ୭୩ଲକ୍ଷ ୯୭ହଜାର ୮୭୬ଟଙ୍କା। ଯଦି ଏହି ଟିକସକୁ ଛାଡ଼ ପାଇଁ ବିଚାର କରାଯାଏ ତା'ହେଲେ ମୋଟ ବକେୟା ରାଜସ୍ୱର ୦.୪% ବକେୟ ରାଜସ୍ୱ ଛାଡ଼ ସହିତ ବକେୟା ମାମଲା ସଂଖ୍ୟା ମଧ ୪୬% ହ୍ରାସ ପାଇବ। ଆଇନର ବ୍ୟବସ୍ଥା ଅନୁସାରେ ଏହି ବକେୟା ୩୨.୭୩କୋଟି ଟଙ୍କାର ଟିକସ ଆଦାୟ ପ୍ରକ୍ରିୟା ବା ମାମଲାର ଫଇସଲା ପାଇଁ ଯେତିକି ମାନବ ସମ୍ବଳ ଓ ସମୟ ଆବଶ୍ୟକ ହେବ ସେହି ଅନୁପାତରେ ଅସୁଲ ହେବାକୁ ଥିବା ବକେୟା ପରିମାଣ ନଗଣ୍ୟ। ଯଦି ଏହି ମାନବ ସମ୍ବଳକୁ ଜିଏସଟି ରାଜସ୍ୱ ଆଦାୟରେ ବିନିଯୋଗ କରାଯିବ ତା'ହେଲେ ରାଜ୍ୟ ସରକାରଙ୍କୁ ବିପୁଳ ପରିମାଣର ଅନାଦେୟ ବକେୟା କର ଆଦାୟର ସୁଯୋଗ ମିଳିବ। ଏହାମଧ୍ୟ ସରକାର ଓ ଟିକସଦାତାଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସକୁ ଅଧିକ ସୁଦୃଢ଼ କରିବ ତଥା କରଦାତାଙ୍କୁ ସୁବିଧା ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହ ୨୭୫୪୬ଟି ବକେୟା ଟିକସ ମାମଲାରେ ଯଦି ଓଡ଼ିଶା ପ୍ରଫେସନାଲ ଟ୍ୟାକ୍ସ, ଟ୍ରେଡ ଆଣ୍ଡ କଲିଙ୍ଗ ଆଣ୍ଡ ଏମ୍ପ୍ଲଏମେଣ୍ଟ ଆକ୍ଟ-୨୦୦୦ ଅଧୀନରେ କୌଣସି ବକେୟା ଟିକସ ଥିବ ତାହା ଛାଡ଼ କରାଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଜାରି ସୂଚନାରେ ଉଲ୍ଲେଖ ରହିଛି।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜଗତସିଂହପୁର ଗସ୍ତ

# ଅଧିକରୁ ଅଧିକ ରାଜସ୍ୱ ସଂଗ୍ରହ ପାଇଁ ଗୁରୁତ୍ୱ

**ଜଗତସିଂହପୁର :** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡଃ ସୁରେଶ ଚନ୍ଦ୍ର ଦଳାଇ ଜଗତସିଂହପୁର ଜିଲ୍ଲା ଗ୍ରସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ବାର୍ଷିକ ନିରୀକ୍ଷଣ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ପାରୁଲ୍ ପଟୱାରି ଉପସ୍ଥିତ ରହି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ଜନକଲ୍ୟାଣ ଯୋଜନା ସ୍କିମ୍ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାପରିଷଦ, ଯୋଜନା ଓ ପରିସଂଖ୍ୟାନ, ଜିଲ୍ଲା ସବ୍ ରେଜିଷ୍ଟ୍ରାର, ଆଞ୍ଚଳିକ ପରିବହନ ଓ ଅବକାରୀ କାର୍ଯ୍ୟାଳୟର ନିରୀକ୍ଷଣ କରି ଅଧିକରୁ ଅଧିକ ରାଜସ୍ୱ ସଂଗ୍ରହ ଉପରେ ରାଜସ୍ୱ ଆୟୁକ୍ତ ଗୁରୁତ୍ୱାରୋପ କରିଥିଲେ। କୋର୍ଟ କେସ୍, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା



ଅଭିଯୋଗ ଓ ପେନସନ୍ କେସ୍ ଗୁଡିକ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସରକାରୀ ଯାଗାର ସୁରକ୍ଷା,ମ୍ୟୁଟେସନ୍ କେସ୍ ଗୁଡ଼ିକର ସମାଧାନ କରି ପଟ୍ଟା ପ୍ରଦାନ କରିବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାକୃତିକ ଦୁର୍ବିପାକ, ସାପ କାମୁଡା, ଘଡଘଡି, ପାଣିରେ ବୁଡି ମରିବା ଓ ଅଂଶୁଘାତ ଯୋଗୁଁ ମୃତ୍ୟୁବରଣ କରିଥିବା ବ୍ୟକ୍ତିର ପରିବାରକୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୋଲିସ୍ ମାଜିଷ୍ଟ୍ରେଟ ସମନ୍ୱୟ କମିଟି ବୈଠକ ଡକାଇବା, ଜିଲ୍ଲା ରେକର୍ଡ଼ ରୁମ୍ ନିର୍ମାଣ, ସୂଚନା ଅଧିକାର ଅଧିନିୟମ, ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକାରିତା, ମିଶନଶକ୍ତି ଭବନ, ମିଶନଶକ୍ତି କାଫେ, ମମତା ଯୋଜନା,ପୋଷଣ ଅଭିଯାନ, ସ୍ୱାଧାର ଗୃହ, ୱାନଷ୍ଟପ୍ ସେଣ୍ଟର, ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ, ଜରାଶ୍ରମ, ୱାର୍କିଂ ଓ ମେନସ୍ ହଷ୍ଟେଲ, ମଧୁବାବୁ ପେନସନ୍ ଯୋଜନା, ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ,ବାଣିଶ୍ରୀ ମେଧାବୃତ୍ତି, ବିବାହ ସହାୟତା, ବାଲ୍ୟ ବିବାହ ନିରାକରଣ, ପ୍ରି ଆଣ୍ଡ ପୋଷ୍ଟ ମାଟ୍ରିକ ସ୍କଲାରସିପ୍, ଭିନ୍ନକ୍ଷମଙ୍କୁ ବିଭିନ୍ନ ଉପକରଣ ପ୍ରଦାନ, ଧାନ ସଂଗ୍ରହ, ଅଧିକରୁ ଅଧିକ ମହିଳା ସ୍ୱୟଂ ସହାୟକ ଦଳଙ୍କୁ ଧାନ ସଂଗ୍ରହରେ ନିୟୋଜିତ କରିବା, ଶିଶୁ ଶ୍ରମିକ ନିରାକରଣ, ବିଜୁ ଶିଶୁ ସୁରକ୍ଷା ଯୋଜନା, ଆଶିର୍ବାଦ ଯୋଜନା, ବିଧାୟକ ଓ ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ବିନିଯୋଗ,ମୋ ଘର, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଓରମାସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏହି ସମୀକ୍ଷା ବୈଠକରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ , ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ , ଜିଲ୍ଲାପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଡା.ରୁଦ୍ରନାରାୟଣ ଦାଶ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀଙ୍କ ସମେତ ବିଡ଼ିଓ, ତହସିଲଦାର ମାନେ ଉପସ୍ଥିତ ଥିଲେ।

## ରାଜସ୍ୱ ଡିଜିଟାଇଜେସନରେ ଦେଶରେ ଓଡ଼ିଶା ଶ୍ରେଷ୍ଠ

# ଉଲ୍ଲେଖନୀୟ ପ୍ରଦର୍ଶନ, ୧୯ ଜିଲ୍ଲା ସମ୍ମାନିତ



**ଭୁବନେଶ୍ୱର :** ଜମିଜମା ଦସ୍ତାବିଜର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ପ୍ରଦର୍ଶନ ଉଲ୍ଲେଖନୀୟ। ଏହି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯ ଜିଲ୍ଲାକୁ ସମ୍ମାନିତ କରିଛନ୍ତି। ଏହି ଜିଲ୍ଲାଗୁଡ଼ିକ ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କ୍ଷେତ୍ରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରି ଗତ ଜୁଲାଇରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଭୂମି ସମ୍ମାନ ପୁରସ୍କାର ଗ୍ରହଣ କରିଥିଲେ। ଏହାସହ ଜମିଜମା ଦସ୍ତାବିଜର କମ୍ପ୍ୟୁଟରୀକରଣ କରିବା କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ମଧ ମାନ୍ୟତା ପାଇଥିଲା। ଏହି ଜିଲ୍ଲାଗୁଡ଼ିକ ହେଲେ ଅନୁଗୁଳ, ବୌଦ୍ଧ, ବରଗଡ଼, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା ଓ ସମ୍ବଲପୁର। ଏହି ଜିଲ୍ଲାଗୁଡ଼ିକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଗୁରୁବାର ଲୋକସେବା ଭବନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ଟ୍ରଫି ଓ ସମ୍ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି କହିଥିଲେ ଯେ ଦେଶର ସମୁଦାୟ ୬୮ ଜିଲ୍ଲାକୁ ଏହି ସମ୍ମାନସ୍ପଦ ପୁରସ୍କାର ମିଳିଥିବା ବେଳେ ତନ୍ମଧ୍ୟରେ ଓଡ଼ିଶାର ୧୯ଟି ଜିଲ୍ଲା ସାମିଲ ରହିଛନ୍ତି। ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଜିଲ୍ଲାର ଜମିଜମା ଦସ୍ତାବିଜର ଡିଜିଟାଇଜେସନ୍ କରାଯିବ। ୫ଟି ଉପକ୍ରମରେ ବ୍ୟବସ୍ଥାର ସଫଳ ପରିଚାଳନା ସହ ମୋ ସରକାରର ଉଦ୍ଦେଶ୍ୟକୁ ସଠିକ ଭାବେ କାର୍ଯ୍ୟକ୍ଷମ କରାଯାଇପାରିଛି। ଫଳରେ ସାରା ଦେଶରେ ଓଡ଼ିଶା ଜମିଜମା ଦସ୍ତାବିଜର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ରାଜ୍ୟବାସୀମାନେ ଇ-ଗଭର୍ଣ୍ଣାନ୍ସ ଆପ୍ଲିକେସନର ସୁବିଧା ଯେକୌଣସି ସମୟରେ ଯେ କୌଣସି ସ୍ଥାନରେ ଉଠାଇପାରୁଛନ୍ତି।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


# ଏଣିକି ଗାଈଗୋରୁଙ୍କୁ ବାହାରେ ଛାଡ଼ିଲେ ଉଠାଇ ନେବ ବିଏମ୍‌ସି



**ଭୁବନେଶ୍ୱର :** ରାଜଧାନୀ ରାଜରାସ୍ତାରେ ବୁଲା ଗାଈଗୋରୁଙ୍କୁ ମୁକ୍ତ ବିଚରଣ ରୋକିବାକୁ ବିଏମସି ନୂଆ ଗାଇଡଲାଇନ୍ ଜାରି କରିଛି। ଏଣିକି ଗାଈଗୋରୁଙ୍କୁ ରାସ୍ତା କିମ୍ବା ଏଣେତେଣେ ଛାଡ଼ିପାରିବେନି ମାଲିକ। ଯଦି ଛାଡ଼ିବେ, ତେବେ ବିଏମସି ଗାଈଗୋରୁଙ୍କୁ ଗୋଶାଳାକୁ ଉଠାଇ ନେବ। ଆଉ ଯେଉଁ ମାଲିକ ସେମାନଙ୍କ ଗାଈ ବୋଲି ଦାବି କରିବେ, ସେମାନଙ୍କ ବିରୋଧରେ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ବୁଲା ଗାଈଗୋରୁଙ୍କ ପାଇଁ ସହରରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହାସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ରୋକିବା ଲାଗି ଏଭଳି ପଦକ୍ଷେପ ନେବାକୁ ଯାଉଛି ବିଏମସି। ବୈଠକରେ ବିଏମସି କର୍ତ୍ତୃପକ୍ଷ ଏହି ଯୋଜନା କାର୍ଯ୍ୟକାରୀ କରିବା ଲାଗି ବ୍ରହ୍ମଗିରି, ଜଟଣୀ ଓ ବେଗୁନିଆ ଆଦି ସ୍ଥାନରେ ଥିବା ଗୋଶାଳା କର୍ମକର୍ତ୍ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


## ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ଦେଶରେ ଓଡ଼ିଶା ହେବ ରୋଲ୍ ମଡେଲ

# ୨୦୪୦ ସୁଦ୍ଧା ସାରା ରାଜ୍ୟରେ ଚାଲିବ ଗ୍ରୀନ୍ ବସ୍ ସେବା

**ଭୁବନେଶ୍ୱର :** ଗ୍ରୀନ୍ ଏନର୍ଜି ପାଇଁ ସାରା ଦେଶରେ ଓଡ଼ିଶା ହେବ ରୋଲ୍ ମଡେଲ। ଆସନ୍ତା ୨୦୪୦ ସୁଦ୍ଧା ସାରା ରାଜ୍ୟରେ ଚାଲିବ ଗ୍ରୀନ୍ ବସ୍ ସେବା। ଏନେଇ କ୍ରୁଟ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରୋଜେକ୍ଟକୁ ଗ୍ରହଣ କରାଯାଉଛି। ନାଁ ରହିବ ପ୍ରଦୂଷଣ ନାଁ ରହିବ ତେଲ ଦରବୃଦ୍ଧି ଚିନ୍ତା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୁଟ ମୁଖ୍ୟ ଅରୁଣ ବୋଥ୍ରା ସୂଚନା ଦେଇଛନ୍ତି। ଏହା ସହିତ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୫୦ଟି ଇଲେକ୍ଟ୍ରିକ ବସ୍ ସେବା ଆରମ୍ଭ ହୋଇଥିବା ବେଳେ ଏହି ସେବା ଆସନ୍ତା ୩ ମାସ ମଧ୍ୟରେ ଗଞ୍ଜାମ ସମେତ ଅନ୍ୟ ୬ଟି ଜିଲ୍ଲାରେ ଆରମ୍ଭ ହେବ। ଭୁବନେଶ୍ୱର



ସୋଆ ବିଶ୍ୱ ବିଦ୍ୟାଳୟ ପରିସରରେ ଆୟୋଜିତ ୨୦୨୩, ଆଇ.ଇ.ଇ.ଇ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ସିଫେଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୁଟ ମୁଖ୍ୟ ଅରୁଣ ବୋଥ୍ରା ସୂଚନା ଦେଇ କହିଛନ୍ତି। ଏହା ସହିତ ଗ୍ରୀନ୍ ଏନର୍ଜି ବ୍ୟବହାର ଉପରେ ଏହି ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରୁଛି। ବିଭିନ୍ନ କାରଣରୁ ସାରା ବିଶ୍ୱରେ ଏବେ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ପରିଲକ୍ଷିତ ହେଉଛି। ଯଦି କ୍ରମାଗତ ଭାବେ ଏହି ସ୍ଥିତି ଲାଗି ରହେ ତେବେ ସାରା ବିଶ୍ୱ ପାଇଁ ଆଗକୁ ଏହା ଏକ ବଡ଼ ଚ୍ୟାଲେଞ୍ଜ ହେବ। ଏହାକୁ ଦୃଷ୍ଟିରେ ରଖି ଆଗକୁ ଗ୍ରୀନ୍ ଏନର୍ଜି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଭୁବନେଶ୍ୱର ସୋଆ ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟରେ ଆରମ୍ଭ ହୋଇଛି ୪ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସିଫେଟ ୨୦୨୩'।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**